# ନିତିଦିନ NITIDIN

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 12 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

TUESDAY
1 APRIL 2025
ମଙ୍ଗଳବାର
୧ ଏପ୍ରିଲ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 10 • ISSUE 311 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୦ • ସଂଖ୍ୟା ୩୧୧ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର



सत्यमेव जयते

## ଓଡ଼ିଶା ଦିବସ - ୨୦୨୫ ଅବସରରେ ଭାରତର ମାନ୍ୟବର ରାଷ୍ଟ୍ରପତିଙ୍କ ବାର୍ତ୍ତା



ମୁଁ ଜାଣି ଆନନ୍ଦିତ ଯେ ଓଡ଼ିଶା ସରକାର ୧ ଏପ୍ରିଲ, ୨୦୨୫ ଦିନ ଓଡ଼ିଶା ଦିବସ ପାଳନ କରୁଛନ୍ତି ।

ଏହି ଉତ୍ସବ ଓଡ଼ିଶାର ଲୋକଙ୍କ ସମୃଦ୍ଧ ସାଂସ୍କୃତିକ, ଐତିହ୍ୟ, ଇତିହାସ ଏବଂ ବିବିଧ ପରମ୍ପରାକୁ ପ୍ରଦର୍ଶନ କରିବା ସହ ବିଶ୍ୱବ୍ୟାପୀ ଓଡ଼ିଆ ଲୋକଙ୍କ ମଧ୍ୟରେ ଏକତା ଏବଂ ଗର୍ବର ଭାବନାକୁ ପ୍ରୋତ୍ସାହିତ କରିଥାଏ । ଏହି ଦିବସ ଆମକୁ ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଏବଂ ଅନ୍ୟାନ୍ୟ ମହାନ୍ ନେତାଙ୍କ ସମେତ ସ୍ୱାଧୀନତା ସଂଗ୍ରାମୀ ଏବଂ ଆଧୁନିକ ଓଡ଼ିଶାର ନିର୍ମାତାଙ୍କୁ ସ୍ମରଣ କରିବା ଏବଂ ବିନମ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାର ଏକ ସୁଯୋଗ ଦେଉଛି । ରାଜ୍ୟ ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରଯୁକ୍ତିବିଦ୍ୟା ଏବଂ ଭିତ୍ତିଭୂମି ସମେତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି କରିଛି । ରାଜ୍ୟ ସରକାର ସ୍ଥାୟୀ ବିକାଶ, ମହିଳା ସଶକ୍ତୀକରଣ ଏବଂ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ପାଇଁ ମଧ୍ୟ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି ।

ମୁଁ ନିଶ୍ଚିତ ଯେ ସରକାର ଏବଂ ରାଜ୍ୟବାସୀ ଏକାଠି ହୋଇ ସମସ୍ତଙ୍କ ପାଇଁ ଉଜ୍ଜ୍ୱଳ ଏବଂ ନ୍ୟାୟୋଚିତ ଭବିଷ୍ୟତ ଆଣିବା ଦିଗରେ କାମ କରିବେ । ଏହି ଅବସରରେ, ମୁଁ ଓଡ଼ିଶାବାସୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି ଏବଂ ଉତ୍ସବର ସଫଳତା କାମନା କରୁଛି ।

(ଦ୍ରୌପଦୀ ମୁର୍ମୁ)

OIPR-15001/13/0478/2425

DADLS-04

सत्यमेव जयते

## ଓଡ଼ିଶା ଦିବସ - ୨୦୨୫ ଅବସରରେ ଭାରତର ମାନ୍ୟବର ଉପରାଷ୍ଟ୍ରପତିଙ୍କ ବାର୍ତ୍ତା



୧ ଏପ୍ରିଲ ୧୯୩୬ରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ପ୍ରତିଷ୍ଠା ପାଇବା, ଏକ ଅପ୍ରତ୍ୟାଶିତ ବା ଆକସ୍ମିକ ଘଟଣା ନ ଥିଲା ବରଂ ଏହା ଅଗଣିତ ସ୍ୱାଧୀନତା ସଂଗ୍ରାମୀ, ପ୍ରଥିତଯଶା ସାହିତ୍ୟ ସାଧକ ତଥା ରାଷ୍ଟ୍ରପ୍ରାଣ ସମର୍ପିତ ବ୍ୟକ୍ତିଙ୍କ ସୁଚିନ୍ତିତ ଏବଂ ଦୃଢ ପ୍ରୟାସର ସଫଳ ରୂପାୟନ ସ୍ୱରୂପ ଆମ ଆଗରେ ପ୍ରତିଭାତ ହୋଇଥିଲା ।

ଆଧୁନିକ ଓଡ଼ିଶାର ମୂର୍ତ୍ତିକାର ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳଗୌରବ ମଧୁସୂଦନ ଦାସ, ବ୍ୟାସକବି ଫକୀର ମୋହନ ସେନାପତି ଏବଂ କର୍ମବୀର ଗୌରୀଶଙ୍କର ରାୟଙ୍କ ସମେତ ବନ୍ଦନୀୟ ନେତୃବର୍ଗଙ୍କ ସ୍ମୃତି ପ୍ରତି ଆମେ ଆଜି ଗଭୀର କୃତଜ୍ଞତା ଏବଂ ଅନାବିଳ ଭକ୍ତି ନିବେଦନ କରୁଛୁ ।

ଆଜି, ଓଡ଼ିଶା ଅର୍ଥନୈତିକ ଅଭିବୃଦ୍ଧି ଏବଂ ସାମାଜିକ ପ୍ରଗତିରେ ଏକ ସମୁଜ୍ଜ୍ୱଳ ଦୃଷ୍ଟାନ୍ତ ସ୍ୱରୂପ ଠିଆ ହୋଇଛି । ଏହାର ପର୍ଯ୍ୟାପ୍ତ ଖଣିଜ ସମ୍ପଦ ଜାତୀୟ ବିକାଶକୁ ତ୍ୱରାନ୍ୱିତ କରୁଛି ଏବଂ ଏଥି ସହିତ ମହିଳା ସଶକ୍ତୀକରଣ ଏବଂ ଶିଳ୍ପାୟନ ଆଦି ଦିଗରେ ଓଡ଼ିଶାର ଯୁଗାନ୍ତକାରୀ ସଫଳତା ଆଜି ଅନ୍ୟମାନଙ୍କ ପାଇଁ ଅନୁକରଣୀୟ ହୋଇପାରିଛି ।

ଏହି ଶୁଭ ଅବସରରେ, ମୁଁ ଓଡ଼ିଶାବାସୀ ଏବଂ ଏହାର ସୁଶାସନ ସହ ସମ୍ପୃକ୍ତ ସମସ୍ତଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରୁଛି । ରାଜ୍ୟ ଅଧିକ ସମୃଦ୍ଧି ଏବଂ ଉତ୍କର୍ଷତା ଆଡ଼କୁ ଏହାର ଉଲ୍ଲେଖନୀୟ ଯାତ୍ରା ଜାରି ରଖୁ, ଏହି କାମନା କରୁଛି ।

ଜୟ ହିନ୍ଦ୍ । ଜୟ ଓଡ଼ିଶା ।

Jagdeep Dhankhar

(ଜଗଦୀପ ଧନଖଡ଼)

सत्यमेव जयते



## ପବିତ୍ର ଓଡ଼ିଶା ଦିବସ–୨୦୨୫ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଓଡ଼ିଶା ଦିବସ–୨୦୨୫ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛାଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଆଜିର ଦିବସରେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ମୁଁ ଆହ୍ୱାନ ଜଣାଉଛି ।

(ଡ. ହରି ବାବୁ କମ୍ଭମ୍ପାଟି)

OIPR-15001/13/0468/2425

DADLS-01



## ଓଡ଼ିଶା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଓଡ଼ିଶା ଦିବସ ଅବସରରେ ଓଡ଼ିଶା ଏବଂ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ସବୁ ଓଡ଼ିଆ ଭାଇଭଉଣୀ ମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ନିଜର ମୂଲ୍ୟବାନ ଅବଦାନ ରଖିଥିବା ସମସ୍ତ ବରପୁତ୍ର ମାନଙ୍କ ନୀତି ଓ ଆଦର୍ଶ ଆମକୁ ପିଢ଼ି ପରେ ପିଢ଼ି ଅନୁପ୍ରାଣିତ କରି ଆସୁଛି ଓ ଆସୁଥିବ । ଏହି ଅବସରରେ ସେମାନଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଆସନ୍ତୁ, ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ହାସଲ ପାଇଁ ଆମେ ସମସ୍ତେ ଦୃଢ଼ ସଂକଳ୍ପ ନେଇ କାମ କରିଚାଲିବା ।

ବନ୍ଦେ ଉତ୍କଳ ଜନନୀ ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

### ସଞ୍ଜୟଙ୍କ ମନ୍ତବ୍ୟ ଉପରେ ଫଡନଭୀସଙ୍କୁ ତୀବ୍ର ପ୍ରତିକ୍ରିୟା

# ବାପା ଥିବା ଯାଏ ଉତ୍ତରାଧିକାରୀ ଖୋଜିବା ଆମ ସଂସ୍କୃତି ନୁହେଁ





**ନୂଆଦିଲ୍ଲୀ, ୩୧।୩/ଏଜେନ୍ସି:** ରବିବାର ନାଗପୁର ସ୍ଥିତ ଆରଏସ୍ଏସ୍ ମୁଖ୍ୟାଳୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଦେଖିବାକୁ ମିଳିଥିଲା। ବାସ୍ତବରେ ମୋଦୀ ଛତିଶଗଡ଼ ଯିବା କାର୍ଯ୍ୟକ୍ରମ ଥିବା ବେଳେ ଏହାପୂର୍ବରୁ ଆରଏସ୍ଏସ୍ ମୁଖ୍ୟାଳୟକୁ ଆସିଥିଲେ। ଏଠାରେ ସେ ଆରଏସ୍ଏସ୍ ପ୍ରତିଷ୍ଠାତା କେଶବ ବଳିରାମ ହେଡଗେୱାର ଏବଂ ଦ୍ୱିତୀୟ ସରସଂଘଚାଳକ ଗୋଲୱାଲକରଙ୍କ ସ୍ମୃତିସ୍ଥଳରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୋଦୀ ଏହି ଅବସରରେ ଆରଏସ୍ଏସ୍ ମୁଖ୍ୟ ମୋହନ ଭାଗବତ୍‌ଙ୍କ ସହ କିଛି ସମୟ ଆଲୋଚନା ମଧ୍ୟ କରିଥିଲେ। ପରେ ଆରଏସ୍ଏସ୍‌କୁ ଭାରତର ସାଂସ୍କୃତିକ ଏବଂ ଆଦର୍ଶ ଐତିହ୍ୟର ପ୍ରତିନିଧିତ୍ୱ କରୁଥିବା 'ବଟବୃକ୍ଷ' ବୋଲି କହି ମୋଦୀ ପ୍ରଶଂସା କରିଥିଲେ। ତେବେ ଦୀର୍ଘ ୧୦-୧୧ ବର୍ଷ ମଧ୍ୟରେ କେବେ ବି ଆରଏସ୍ଏସ୍ ମୁଖ୍ୟାଳୟକୁ ଆସିନଥିବା ବେଳେ ଅକସ୍ମାତ୍ ମୋଦୀଙ୍କ ଏପ୍ରକାର ଗସ୍ତକୁ ନେଇ ଏବେ ରାଜନୈତିକ ବାକ୍ୟୁଦ୍ଧ ଆରମ୍ଭ ହୋଇଯାଇଛି।

ଶିବସେନା (ୟୁବିଟି) ସାଂସଦ ତଥା ବରିଷ୍ଠ ନେତା ସଞ୍ଜୟ ରାଉତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନାଗପୁର ଗସ୍ତକୁ ତାଙ୍କର ଅବସର ଯୋଜନା ସହିତ ଯୋଡିଛନ୍ତି। ସେ କହିଛନ୍ତି ଯେ, ମୋଦୀ ବୋଧହୁଏ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍ଏସ୍) ମୁଖ୍ୟ ମୋହନ ଭାଗବତଙ୍କୁ ଭେଟି 'ଟା-ଟା, ବାଏ-ବାଏ' କହିବାକୁ ଯାଇଛନ୍ତି। ଆରଏସ୍ଏସ୍ ନିର୍ଦ୍ଦେଶକ୍ରମେ ପ୍ରଧାନମନ୍ତ୍ରୀ ମୋଦୀ ହୁଏତ ଆସନ୍ତା ସେପ୍ଟେମ୍ବର ସୁଦ୍ଧା ନିଜ ପଦରୁ ଅବସର ନେବାକୁ ଯୋଜନା କରୁଛନ୍ତି। ଆଉ ଏହି କାରଣ ପାଇଁ ସେ ଏବେ ଆରଏସ୍ଏସ୍ ମୁଖ୍ୟାଳୟକୁ ଯାଇଛନ୍ତି। କେବଳ ସେତିକି ନୁହେଁ ମୋଦୀ ଏବଂ ଆରଏସ୍ଏସ୍ ମୁଖ୍ୟ ମୋହନ୍ ଭାଗବତ୍ ଏବେ ମୋଦୀଙ୍କ ଉତ୍ତରାଧିକାରୀଙ୍କ ସମ୍ପର୍କରେ ମଧ୍ୟ ହୁଏତ ଆଲୋଚନା କରିଥିବେ। ଯାହା ଅନୁମାନ କରାଯାଉଛି, ମୋଦୀଙ୍କ ଉତ୍ତରାଧିକାରୀ ମହାରାଷ୍ଟ୍ରରୁ ହିଁ ଜଣେ କିଏ ହେବେ ବୋଲି ସଞ୍ଜୟ ଏକ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି। ସଞ୍ଜୟ ରାଉତ ଦାବି କରିଛନ୍ତି ଯେ, ଆରଏସ୍ଏସ୍ ଏବେ ଦେଶର ନେତୃତ୍ୱ ପରିବର୍ତ୍ତନ ଚାହୁଁଛି। ଆରଏସ୍ଏସ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉତ୍ତରାଧିକାରୀ ଏବଂ ପରବର୍ତ୍ତୀ ବିଜେପି ସଭାପତି ନିର୍ଣ୍ଣୟ କରିବାକୁ ହୁଏତ ପ୍ରସ୍ତୁତି କରୁଛି।

**ପ୍ରଧାନମନ୍ତ୍ରୀଙ୍କ ଆର୍ଏସ୍ଏସ୍ ମୁଖ୍ୟାଳୟ ଗସ୍ତକୁ ନେଇ ଜୋର ଧରିଲା ରାଜନୀତି**

ଅନ୍ୟପକ୍ଷେ ସଞ୍ଜୟଙ୍କ ଏପ୍ରକାର ବିବୃତ୍ତି ଉପରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭୀସ ତୀବ୍ର ପ୍ରତିକ୍ରିୟା ଦେଇଛନ୍ତି। ଫଡନଭୀସ କହିଛନ୍ତି, ବାପା ଥିବା ଯାଏ ଉତ୍ତରାଧିକାର ଖୋଜିବା କିମ୍ବା ଏସମ୍ପର୍କରେ ଆଲୋଚନା ମଧ୍ୟ କରିବାର ପରମ୍ପରା, ସଂସ୍କୃତି ଆମର ନୁହେଁ। ଫଡନଭୀସ ସଞ୍ଜୟ ରାଉତଙ୍କ ଦାବିକୁ ଖଣ୍ଡନ କରିବା ପୂର୍ବକ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀ ଆହୁରି ଅନେକ ବର୍ଷ ପର୍ଯ୍ୟନ୍ତ ଦେଶକୁ ନେତୃତ୍ୱ ଦେଇ ଚାଲିବେ। ଫଡନଭୀସ କହିଛନ୍ତି, '୨୦୨୯ ମସିହାରେ, ଆମେ ମୋଦୀଙ୍କୁ ପୁଣି ଥରେ ପ୍ରଧାନମନ୍ତ୍ରୀ ଭାବରେ ଦେଖିବୁ। ତାଙ୍କ ଉତ୍ତରାଧିକାରୀ ଖୋଜିବାର କୌଣସି ଆବଶ୍ୟକତା ନାହିଁ। ସେ (ମୋଦୀ) ଆମର ନେତା ଏବଂ ସେହିପରି ରହିବେ।

### ବିଶ୍ୱର ସର୍ବାଧିକ ସୁରକ୍ଷିତ ଦେଶ ତାଲିକା ପ୍ରକାଶିତ

# ଭାରତଠୁ ବି ଅଧିକ ସୁରକ୍ଷିତ ପାକିସ୍ତାନ




**ୱାଶିଂଟନ୍, ନୂଆଦିଲ୍ଲୀ,୩୧।୩/ଏଜେନ୍ସି:** ଗ୍ଲୋବାଲ ସେଫ୍‌ଟି ଇଣ୍ଡେକ୍ସ (ଜିଏସ୍ଆଇ)-୨୦୨୫ ବିଶ୍ୱର ସବୁଠାରୁ ସୁରକ୍ଷିତ ଦେଶଗୁଡ଼ିକର ଏକ ତାଲିକା ପ୍ରକାଶ କରିଛି। ଏଥିରେ ପାକିସ୍ତାନ୍, ଭାରତ ଠାରୁ ମଧ୍ୟ ସବୁଠୁ ଅଧିକ ସୁରକ୍ଷିତ ଦେଶ ଭାବେ ସ୍ଥାନିତ ହେବା ଭଳି ବଡ଼ ଆଶ୍ଚର୍ଯ୍ୟଜନକ ତଥ୍ୟ ସାମ୍ନାକୁ ଆସିଛି। ରିପୋର୍ଟ ଅନୁସାରେ ନୁମ୍ବେଓ ନାମକ ଏକ ଅନ୍ତର୍ଜାତୀୟ ସଂସ୍ଥା ପକ୍ଷରୁ ପ୍ରକାଶିତ ଏହି ତାଲିକାରେ ପାକିସ୍ତାନ ୬୫ତମ ସ୍ଥାନରେ ଥିବା ବେଳେ ଭାରତ ୬୬ତମ ସ୍ଥାନରେ ରହିଛି। ଏହା ଉଭୟ ଦେଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତକୁ ପାକିସ୍ତାନ ପଛରେ ପକାଇବା ଠାରୁ ଆହୁରି ବଡ଼ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି, ସୁରକ୍ଷା ପାଇଁ ପ୍ରାୟତଃ ଶ୍ରେଷ୍ଠ ଦେଶମାନଙ୍କ ମଧ୍ୟରେ ସ୍ଥାନିତ ହେଉଥିବା ଆମେରିକା ଏବେ ଏହି ତାଲିକାରେ ୮୯ତମ ସ୍ଥାନକୁ ଖସି ଆସିଛି। ଏହା ଉଭୟ ଦକ୍ଷିଣ ଏସୀୟ ଦେଶ ଅପେକ୍ଷା ମଧ୍ୟ କମ୍। ସେହିପରି ୟୁକେ ଏବଂ ଚୀନ୍ ଭଳି ଅନେକ ବଡ଼ ଦେଶଗୁଡ଼ିକ ମଧ୍ୟ ତୁଳନାତ୍ମକ ଭାବେ ତାଲିକାରେ ନିମ୍ନ ସ୍ଥାନରେ ରହିଛନ୍ତି।

ଅନ୍ୟପକ୍ଷେ ଏହି ତାଲିକାରେ ଆଣ୍ଡୋରା ୮୪.୭ ପଏଣ୍ଟ ସହିତ ସବୁଠାରୁ ସୁରକ୍ଷିତ ଦେଶ ଭାବରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏହା ପରେ ସଂଯୁକ୍ତ ଆରବ ଏମିରେଟ୍ସ ୟୁଏଇ (୮୪.୫) ୨ୟ ସ୍ଥାନରେ, କତାର (୮୪.୨) ୩ୟ ସ୍ଥାନରେ, ତାଇୱାନ (୮୨.୯) ୪ର୍ଥରେ ଏବଂ ଓମାନ (୮୧.୭) ୫ମ ସ୍ଥାନରେ ରହିଛନ୍ତି। ଏହି ଦେଶଗୁଡ଼ିକ ସେମାନଙ୍କର ଦୃଢ଼ ସୁରକ୍ଷା ବ୍ୟବସ୍ଥା, କମ ଅପରାଧ ହାର ଏବଂ ଉନ୍ନତ ଜୀବନଶୈଳୀ ଯୋଗୁ ର୍‍ୟାଙ୍କିଂରେ ଶୀର୍ଷରେ ରହିଛନ୍ତି। ପ୍ରକାଶ, ନୁମ୍ବିଓ ଦ୍ୱାରା ପ୍ରକାଶିତ ଏହି ରାଙ୍କିଂ ବିଭିନ୍ନ ଦେଶର ନାଗରିକଙ୍କ ଦ୍ୱାରା କରାଯାଇଥିବା ସୁରକ୍ଷା ସର୍ଭେ ଉପରେ ଆଧାରିତ। ଏଥିରେ ଦିନ ଏବଂ ରାତିରେ ଭିନ୍ନ ଭିନ୍ନ ଦଶେର ଲୋକମାନେ ସେମାନଙ୍କର ସୁରକ୍ଷାକୁ ନେଇ କେତେ ସନ୍ତୁଷ୍ଟ ସେନେଇ ସର୍ଭେ କରାଯାଇଥିଲା। ସେହିପରି ଚୋରି, ଶାରୀରିକ ଆକ୍ରମଣ, ହଇରାଣ, ଭେଦଭାବ ଏବଂ ଅନ୍ୟାନ୍ୟ ହିଂସାତ୍ମକ ଅପରାଧର ହାରକୁ ମଧ୍ୟ ଅନ୍ୟ ମାନଦଣ୍ଡ ଭାବେ ସାମିଲ କରାଯାଇଥିଲା।

# ଛାତ୍ର ଭିସାରେ ଭାରତକୁ ଆସୁଛନ୍ତି ଆଫ୍ରିକୀୟ ନିଶା ବ୍ୟବସାୟୀ



**ନୂଆଦିଲ୍ଲୀ,୩୧।୩/ଏଜେନ୍ସି:** ଛାତ୍ର ଭିସାରେ ଭାରତ ଆସୁଛନ୍ତି ଏବଂ ଏଠାରେ ନିଶା କାରବାର କରୁଛନ୍ତି ଆଫ୍ରିକୀୟ ନିଶା ସିଣ୍ଡିକେଟ୍‌ର ବ୍ୟବସାୟୀ। ସେମାନେ ଦିଲ୍ଲୀ ଏନ୍‌ସିଆର ଓ ପଞ୍ଜାବର ବିଭିନ୍ନ ବିଶ୍ୱ ବିଦ୍ୟାଳୟରେ ନାମ ଲେଖାଇ ଭାରତରେ ରହୁଛନ୍ତି ଓ ନିଶା କାରବାର କରୁଛନ୍ତି। କେନ୍ଦ୍ର ଗୃହ ମନ୍ତ୍ରଳୟ ପକ୍ଷରୁ ଏନେଇ ସ୍ପଷ୍ଟ କରାଯାଇଛି। ଦିଲ୍ଲୀର ଛତରପୁର ଅଞ୍ଚଳରେ ଉଚ୍ଚମାନର ମେଥାମ୍ଫେଟାମିନର କାରବାର ନେଟୱାର୍କର ପର୍ଦ୍ଦାଫାସ ହେବା ପରେ ଏଭଳି ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଏହି ଅଞ୍ଚଳରେ ଚାଲିଥିବା ନିଶା କାରବାର ବିଷୟରେ ସୂଚନା ପାଇବା ପରେ, ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଏବଂ ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍‌ର ଏକ ମିଳିତ ଟିମ୍ ଏକ ସନ୍ଦିଗ୍ଧ ଗାଡ଼ିକୁ ଅଟକାଇଥିଲା ଏବଂ ସେଥିରୁ ୧୬.୬୫ କିଲୋଗ୍ରାମ୍ ଉଚ୍ଚମାନର କ୍ରିଷ୍ଟାଲ ମେଥାମ୍ଫେଟାମାଇନ୍ ଜବତ କରିଥିଲା, ଯାହାର ମୂଲ୍ୟ ୩୦.୨ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଥିଲା। ଗାଡ଼ିରେ ଯାତ୍ରା କରୁଥିବା ୫ଜଣଙ୍କୁ ଗିରଫ କରାଯାଇଥିଲା, ସେମାନଙ୍କ ମଧ୍ୟରେ ନାଇଜେରିଆର ଏକ ପ୍ରଭାବଶାଳୀ ପରିବାରର ୪ ଆଫ୍ରିକୀୟ ନାଗରିକ ମଧ୍ୟ ଥିଲେ। ତଦନ୍ତରୁ ଜଣାପଡିଛି ଯେ ଏହି ଗ୍ୟାଙ୍ଗ ଆଫ୍ରିକୀୟ ଯୁବକମାନଙ୍କୁ ନିଶା କାରବାରରେ ସାହାଯ୍ୟ କରୁଥିଲା ଏବଂ ଜାତୀୟ ରାଜଧାନୀ ଅଞ୍ଚଳ ଏବଂ ପଞ୍ଜାବର ପ୍ରମୁଖ ଘରୋଇ ବିଶ୍ୱବିଦ୍ୟାଳୟରେ ପ୍ରବେଶ ପାଇଁ ଛାତ୍ର ଭିସା ହାସଲ କରୁଥିଲା। ଏପରି କିଛି ଛାତ୍ରଙ୍କ କ୍ଷେତ୍ରରେ, ଭିସା କେବଳ ଭାରତରେ ରହିବାର ଏକ ଉପାୟ ଥିଲା ଯେତେବେଳେ କି ସେମାନେ ସକ୍ରିୟ ଭାବରେ କ୍ରିପ୍ଟୋ କରେନ୍ସି ମାଧ୍ୟମରେ ନିଶା ଯୋଗାଣ ଏବଂ ଟଙ୍କା ହାସଲ କରିବାରେ ନିୟୋଜିତ ଥିଲେ।

### ଟ୍ରମ୍ପଙ୍କ 'ବୋମା ବର୍ଷା' ଧମକ ଉପରେ ଇରାନ୍‌ର ପାଲଟା ଜବାବ

# ଆମ ପାଖରେ ବି ମିସାଇଲ୍ ପ୍ରସ୍ତୁତ



**ତେହରାନ୍, ୩୧।୩/ଏଜେନ୍ସି:** ଯଦି ଇରାନ୍ ଆଣବିକ ଚୁକ୍ତିକୁ ନେଇ ସହମତି ପ୍ରକାଶ କରିବ ନାହିଁ, ତେବେ ଇରାନ୍ ଉପରେ ବୋମା ବର୍ଷିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଧମକ୍ ଦେବା ପରେ ଏହା ଉପରେ ଇରାନ୍ ମଧ୍ୟ କଡା ଜବାବ ଦେଇଛି। ଇରାନ୍ କହିଛି, କେବଳ ଆମେରିକା ପାଖରେ ବୋମା ନାହିଁ, ଆମ ପାଖରେ ମଧ୍ୟ ମିସାଇଲ୍ ଅଛି। ଆମେ ବି ମିସାଇଲ ଓ ବୋମା ବର୍ଷା କରିପାରିବୁ। ସୁତରାଂ ଆମେରିକା ଇରାନ୍‌କୁ ନାଲିଆଖି ଦେଖାଇବା ଆବଶ୍ୟକ ନାହିଁ। ପୂର୍ବତନ ପୋଷ୍ଟରେ ଥିବା ଇରାନୀ ସେନା କହିଛି ଯେ, ଯଦି ଆମେରିକା ପକ୍ଷରୁ ଗୋଟିଏ ବି ବୋମା କିମ୍ବା କ୍ଷେପଣାସ୍ତ୍ର ଭୂମିରେ ମାଡ଼ହୁଏ ତେବେ ଏଥିପାଇଁ ଆମେରିକାକୁ ବହୁମୂଲ୍ୟ ଦେବାକୁ ହେବ। ଇରାନର କ୍ଷେପଣାସ୍ତ୍ରଗୁଡ଼ିକୁ ସମସ୍ତ ଭୂତଳ କ୍ଷେପଣାସ୍ତ୍ର ସହରଗୁଡ଼ିକରେ ଲଞ୍ଚରଗୁଡ଼ିକରେ ଲୋଡ କରାଯାଇଛି। ଏସବୁ ଲଞ୍ଚ୍ କରାଯିବା ପାଇଁ ପ୍ରସ୍ତୁତ ହୋଇ ରହିଛି। ଅନ୍ୟପକ୍ଷେ ତେହେରାନ ଟାଇମ୍ସର ଏକ ରିପୋର୍ଟ ଅନୁଯାୟୀ, ଇରାନର ଭୂତଳ ସହରଗୁଡ଼ିକରେ ଲଞ୍ଚ କରିବାକୁ ପ୍ରସ୍ତୁତ କ୍ଷେପଣାସ୍ତ୍ର ସଂଖ୍ୟା ବହୁତ ଅଧିକ। ନିକଟରେ, ଇରାନ ଏହାର ଭୂତଳ କ୍ଷେପଣାସ୍ତ୍ର ସହରର ଏକ ଭିଡିଓ ମଧ୍ୟ ଜାରି କରିଛି।

ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିୟାନ ପରମାଣୁ କାର୍ଯ୍ୟକ୍ରମ ଉପରେ ଟ୍ରମ୍ପଙ୍କ ସହ ସିଧାସଳଖ କୌଣସି ଆଲୋଚନା କରିବାକୁ ମନା କରିଦେଇଛନ୍ତି। କିନ୍ତୁ ଓମାନ୍‌ର ମଧ୍ୟସ୍ଥତା ଭିତ୍ତିରେ ଆଲୋଚନା ସମ୍ଭବ ବୋଲି ସେ କହିଥିଲେ। ଏସମ୍ପର୍କରେ ସେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଏକ ଉତ୍ତର ପତ୍ର ମଧ୍ୟ ପଠାଇଥିଲେ। ତେବେ ଆଣବିକ ଚୁକ୍ତି ସମ୍ପର୍କରେ ଇରାନ୍‌ର ଏପ୍ରକାର ସିଧାସଳଖ ମନା କରିବାକୁ ଟ୍ରମ୍ପ୍ ସହଜରେ ଗ୍ରହଣ କରିନପାରି କିଛି ଧମକ ଦେଇଥିଲେ। ରବିବାର ଟ୍ରମ୍ପ ଇରାନ୍‌କୁ ଧମକ ଦେଇ କହିଥିଲେ ଯେ ଯଦି ଏହା ଏହାର ପରମାଣୁ କାର୍ଯ୍ୟକ୍ରମ ଉପରେ ୱାଶିଂଟନ ସହିତ ଏକ ଚୁକ୍ତିରେ ନ ପହଞ୍ଚେ ତେବେ ଏହା ଉପରେ ଦ୍ୱିତୀୟ ବର୍ଦ୍ଧିତ ଶୁଳ୍କ ଲାଗୁ କରାଯିବ ଅର୍ଥାତ୍ ଇରାନକୁ କଠୋର ଆର୍ଥିକ କଟକଣାର ସାମ୍ନା କରିବାକୁ ପଡ଼ିବ ଏବଂ ତେହେରାନ ଉପରେ ବୋମା ମାଡ଼ କରାଯିବ। ଟ୍ରମ୍ପ୍ ଏହାମଧ୍ୟ କହିଥିଲେ ଯେ, ଏହି ବୋମା ମାଡ଼ ଏପରି ହେବ... ଯାହା ସେମାନେ (ଇରାନ) ପୂର୍ବରୁ କେବେ ଦେଖିନଥିବେ। ଇରାନ୍ ପାଖରେ ଏବେ ବି ଏକ ସୁଯୋଗ ଅଛି। ଏହାର ଜବାବରେ ଇରାନ୍ ମଧ୍ୟ ପାଲଟା ଜବାବ ଦେଇଛି।

ଟ୍ରମ୍ପ୍ ନିଜର ପ୍ରଥମ କାର୍ଯ୍ୟକାଳ ଅର୍ଥାତ୍ ୨୦୧୮ରେ ଇରାନ୍ ପରମାଣୁ ଚୁକ୍ତିରୁ ଆମେରିକାକୁ ପୃଥକ୍ କରିଦେଇଥିଲେ। ଏହି ଚୁକ୍ତି ଇରାନର ପରମାଣୁ କାର୍ଯ୍ୟକ୍ରମ ଉପରେ କଠୋର ପ୍ରତିବନ୍ଧକ ଲଗାଉଥିଲା। ଟ୍ରମ୍ପ୍‌ଙ୍କ ପଦକ୍ଷେପ ଫଳରେ ଇରାନକୁ ଆର୍ଥିକ ପ୍ରତିବନ୍ଧକରୁ ମୁକ୍ତି ମିଳିଥିଲା। ଏହା ପରେ ଟ୍ରମ୍ପ୍ ଇରାନ ଉପରେ ପୁନର୍ବାର କଡ଼ା ପ୍ରତିବନ୍ଧକ ଲଗାଇବାରୁ ଇରାନର ଆର୍ଥିକ ସଙ୍କଟ ପୁଣି ଥରେ ବଢ଼ିଯାଇଥିଲା। ଏସବୁ ମଧ୍ୟରେ ଦୁଇ ରାଷ୍ଟ୍ର ମଧ୍ୟରେ ଅନ୍ୟ ଏକ କାରଣରୁ ମଧ୍ୟ ଉତ୍ତେଜନା ବୃଦ୍ଧି ପାଇଛି। ଗାଜାରେ ଇସ୍ରାଏଲ-ହମାସ ସଂଘର୍ଷରେ ଇରାନ-ସମର୍ଥିତ ଗୋଷ୍ଠୀର ନେତାମାନଙ୍କ ଉପରେ ମଧ୍ୟ ଆକ୍ରମଣ ହୋଇଥିଲା। ବର୍ତ୍ତମାନ, ଆମେରିକା ୟେମେନରେ ହୁତୀ ବିଦ୍ରୋହୀଙ୍କ ବିରୁଦ୍ଧରେ ବିମାନ ଆକ୍ରମଣ କରୁଛି। ଇରାନ୍ ହୁତୀ ବିଦ୍ରୋହୀଙ୍କୁ ସମର୍ଥନ କରିଥାଏ। ସେହିପରି ଇରାନ ଏକତରଫା ଭାବେ ଜାରି ରଖିଥିବା ନିଜ ପରମାଣୁ କାର୍ଯ୍ୟକ୍ରମକୁ ମଧ୍ୟ ଆମେରିକା ବିରୋଧ କରିଆସୁଛି।

# ପ୍ରଥମ ହାଇଡ୍ରୋଜେନ୍ ଟ୍ରେନ୍ ପରୀକ୍ଷଣ ଆରମ୍ଭକଲା ଭାରତ

**ନୂଆଦିଲ୍ଲୀ, ୩୧।୩/ଏଜେନ୍ସି:** ଭାରତରେ ଗଡିଲା ପ୍ରଥମ ହାଇଡ୍ରୋଜେନ୍ ଟ୍ରେନ୍। ରିପୋର୍ଟ ଅନୁସାରେ ଦିଲ୍ଲୀ ଡିଭିଜନର ୮୯ କିଲୋମିଟର ରୁଟ୍‌ରେ (ହରିଆଣା ଜିନ୍ଦ-ସୋନିପତ୍ ରୁଟ୍)ରେ ପ୍ରଥମ ଥର ପାଇଁ ଏହି ହାଇଡ୍ରୋଜେନ୍ ଟ୍ରେନ୍ ଗଡ଼ିଛି। ତେବେ ଏହା ଏକ ପରୀକ୍ଷଣ ମୂଳକ ଟ୍ରେନ୍ ଚଳାଚଳ ଥିଲା ବୋଲି କୁହାଯାଇଛି। ୧୨୦୦ ହର୍ସପାୱାର ଇଞ୍ଜିନ ବିଶିଷ୍ଟ ଏହି ହାଇଡ୍ରୋଜେନ୍ ଟ୍ରେନ୍‌ରେ ମୋଟ ୮ଟି ଯାତ୍ରୀବାହୀ କୋଚ୍ ରହିଛି, ଯାହାଦ୍ୱାରା ଏହି ଟ୍ରେନ୍‌ରେ ଏକସଙ୍ଗରେ ୨୬୩୮ ଯାତ୍ରୀ ଯାତ୍ରା କରିପାରିବେ। ଚେନ୍ନାଇର ଇଣ୍ଟିଗ୍ରାଲ୍ କୋଚ୍ ଫ୍ୟାକ୍ଟ୍ରି ଦ୍ୱାରା ନିର୍ମିତ ଏହି ଇକୋ ଫ୍ରେଣ୍ଡଲି ଟ୍ରେନ୍ ସ୍ଥାୟୀ ପରିବହନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଘଣ୍ଟାପ୍ରତି ୧୧୦ କିଲୋମିଟର ବେଗରେ ପହଞ୍ଚିବାରେ ସକ୍ଷମ ଏହି ଟ୍ରେନ୍‌ରେ ଗୋଟିଏ ପାସେଞ୍ଜର କୋଚ୍ ଏବଂ ହାଇଡ୍ରୋଜେନ୍ ଷ୍ଟୋରେଜ୍ ପାଇଁ ସମର୍ପିତ ଦୁଇଟି ଅତିରିକ୍ତ କୋଚ୍ ରହିଛି। ୨୦୩୦ ସୁଦ୍ଧା କାର୍ବନ ନିର୍ଗମନ ହ୍ରାସ କରିବା ଏବଂ ଶୂନ୍ୟ ନିର୍ଗମନ ହାସଲ ଲକ୍ଷ୍ୟକୁ ଆଗକୁ



ବଢ଼ାଇବାରେ ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି। ପ୍ରତ୍ୟେକ ଟ୍ରେନ୍ ପାଇଁ ୮୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି ଏବଂ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ପରେ ଭାରତ ହାଇଡ୍ରୋଜେନ୍ ରେଳ ଜ୍ଞାନକୌଶଳ ଗ୍ରହଣ କରିଥିବା ଜର୍ମାନ, ଚୀନ୍ ଏବଂ ବ୍ରିଟେନ୍ ଭଳି ଦେଶ ତାଲିକାରେ ସାମିଲ ହେବ। ଭାରତୀୟ ରେଳବାଇର ସବୁଜ ଶକ୍ତି ଅଭିଯାନର ଏକ ଅଂଶ ଭାବରେ ୩୫ଟି ହାଇଡ୍ରୋଜେନ ଇନ୍ଧନ ସେଲ୍ ଆଧାରିତ ଟ୍ରେନର ବିକାଶ ପାଇଁ ୨,୮୦୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ସଫଳ ପରୀକ୍ଷଣ ପରେ ଭାରତୀୟ ରେଳବାଇ ଏହି ଟ୍ରେନକୁ ନିୟମିତ ସେବାରେ ପରିଣତ କରିବାକୁ ଯୋଜନା କରିଛି। 'ହାଇଡ୍ରୋଜେନ୍ ଫର୍ ହେରିଟେଜ୍' ପ୍ରକଳ୍ପ ଅଧୀନରେ ଭାରତୀୟ ରେଳବାଇ ଐତିହ୍ୟ ଓ ପାହାଡ଼ିଆ ମାର୍ଗରେ ୩୫ଟି ହାଇଡ୍ରୋଜେନ୍ ଟ୍ରେନ୍ ଚଳାଇବାକୁ ପ୍ରସ୍ତୁତ ହେଉଛି।ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରାଜ୍ୟସଭାରେ କହିଛନ୍ତି ଯେ ଏହି ପ୍ରକଳ୍ପ ବିକଳ୍ପ ଶକ୍ତି ଚାଳିତ ଟ୍ରେନ୍ ଯାତ୍ରାରେ ଅଗ୍ରଗତି ଦିଗରେ ଭାରତୀୟ ରେଳବାଇର ପ୍ରତିବଦ୍ଧତାକୁ ଆହୁରି ପ୍ରତିଷ୍ଠିତ କରିବ, ଯାହା ଦ୍ୱାରା ଦେଶର ପରିବହନ କ୍ଷେତ୍ରପାଇଁ ଏକ ସ୍ୱଚ୍ଛ ଏବଂ ସବୁଜ ଭବିଷ୍ୟତ ସୁନିଶ୍ଚିତ ହେବ।

# ଦୁଷ୍କର୍ମ ଅଭିଯୋଗରେ ଗିରଫ ହେଲେ ସନୋଜ ମିଶ୍ର

### କୁମ୍ଭମେଳା ସମୟର ଭାଇରାଲ ଗାର୍ଲ ମୋନାଲିସାଙ୍କୁ ଦେଇଥିଲେ ଫିଲ୍ମ ଅଫର୍



**ଗାଜିଆବାଦ୍,୩୧।୩/ଏଜେନ୍ସି:** ପ୍ରୟାଗରାଜ କୁମ୍ଭମେଳା ସମୟରେ ଭାଇରାଲ ହୋଇଥିବା ମୋନାଲିସାଙ୍କୁ ନିଜ ଫିଲ୍ମରେ ଅଭିନୟ ପାଇଁ ଅଫର୍ ଦେଇଥିବା ୪୫ ବର୍ଷୀୟ ଫିଲ୍ମ ନିର୍ଦ୍ଦେଶକ ସନୋଜ ମିଶ୍ରଙ୍କୁ ୨୦୨୦-୨୧ ମସିହାର ଏକ ଦୁଷ୍କର୍ମ ମାମଲାରେ ଗିରଫ କରାଯାଇଛି। ଦିଲ୍ଲୀ ହାଇକୋର୍ଟ ତାଙ୍କ ଜାମିନ ଆବେଦନ ଖାରଜ କରିବା ପରେ ତାଙ୍କୁ ଦିଲ୍ଲୀ ପୁଲିସ୍ ଗିରଫ କରିଛି। ତେବେ ଗାଜିଆବାଦରେ ପୁଲିସ ସନୋଜଙ୍କୁ ଗିରଫ କରିବା ପରେ ନବୀ କରିମ୍ ପୁଲିସ ଷ୍ଟେସନ ତାଙ୍କୁ ହେପାଜତକୁ ନେଇଥିଲା।

ରିପୋର୍ଟ ଅନୁସାରେ ସନୋଜ ମିଶ୍ରଙ୍କ ନାମରେ ଆସିଥିବା ଅଭିଯୋଗ ଅନୁସାରେ ଏକ ଛୋଟ ସହରର ଜଣେ ୨୮ ବର୍ଷୀୟା ଯୁବତୀଙ୍କୁ ଫିଲ୍ମରେ ହିରୋଇନ୍ କରିବାର ଲୋଭ ଦେଖାଇ ଦୀର୍ଘ ୪ ବର୍ଷ ଧରି ବାରମ୍ବାର ଦୁଷ୍କର୍ମ କରିଥିଲେ। ଫିଲ୍ମ ଅଭିନେତ୍ରୀ ହେବାର ଇଚ୍ଛା ରଖିଥିବା ଏହି ଯୁବତୀଜଣକ ଦାବି କରିଛନ୍ତି ଯେ, ସେ ମୁମ୍ବାଇରେ ସନୋଜଙ୍କ ସହ ଲିଭ୍ ଇନ୍ ରିଲେସନସିପରେ ଥିଲେ। ଏହି ସମୟରେ ସନୋଜ ତାଙ୍କୁ ତିନି ଥର ଗର୍ଭପାତ କରାଇବାକୁ ମଧ୍ୟ ବାଧ କରିଥିଲେ। ସନୋଜ ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ପଛଘୁଞ୍ଚା ଦେଇଥିବା ସେ ଅଭିଯୋଗ କରିଛନ୍ତି। ଏପରିକି ଶାରୀରିକ ସମ୍ପର୍କ ସମୟର କିଛି ଅଶ୍ଳୀଳ ଭିଡିଓକୁ ଲିକ୍ କରି ବଦନାମ୍ କରିବାର ଭୟ ଦେଖାଇ ସନୋଜ, ବାରମ୍ବାର ପୀଡ଼ିତାଙ୍କ ସହ ଦୁଷ୍କର୍ମ କରୁଥିଲେ ବୋଲି ପୀଡ଼ିତା ଅଭିଯୋଗ କରିଛନ୍ତି।

ଏହି ମାମଲାରେ ଦିଲ୍ଲୀ ପୋଲିସ କହିଛି ଯେ, ୨୦୨୪ ମାର୍ଚ୍ଚ ୬ରେ ଦୁଷ୍କର୍ମ, ଆକ୍ରମଣ, ଗର୍ଭପାତ ଏବଂ ଧମକ ଦେବା ସମେତ ଅନେକ ଧାରାରେ ସନୋଜ ମିଶ୍ରଙ୍କ ବିରୋଧରେ ଏଫ୍ଆଇଆର୍ ରୁଜୁ କରାଯାଇଥିଲା। ଘଟଣା ସମ୍ପର୍କରେ ମୁଜାଫରନଗରରୁ ଗର୍ଭପାତ ସମ୍ପର୍କିତ ଡାକ୍ତରୀ ପ୍ରମାଣସବୁକୁ ମଧ୍ୟ ପୋଲିସ୍ ସଂଗ୍ରହ କରିଛି। ପୋଲିସ୍ ଦର୍ଶାଇଛି ଯେ, ଅଭିଯୁକ୍ତ ସନୋଜ ମିଶ୍ର, ୨୦୨୫ ଫେବୃଆରୀ ୧୮ରେ ମଧ୍ୟ ପୀଡ଼ିତା ଯୁବତୀଙ୍କୁ ନବୀ କରିମର ହୋଟେଲ ଶିବାକୁ ଆସି ତାଙ୍କୁ ଭେଟିବାକୁ କହିଥିଲେ। ପରେ ହୋଟେଲ୍ ରୁମ୍‌ରେ ସେ ପୀଡ଼ିତାଙ୍କ ସହ ବଳପୂର୍ବକ ଶାରୀରିକ ସମ୍ପର୍କ ରଖିବା ପରେ ତାଙ୍କୁ ଛାଡ଼ି ଦେଇଥିଲେ ବୋଲି ପୀଡ଼ିତା ନିଜ ବୟାନ୍‌ରେ ଦର୍ଶାଇଛନ୍ତି।

# ମଣିପୁର ସମେତ ୩ ରାଜ୍ୟରେ 'ଅଫସ୍ପା' ୬ ମାସ ବୃଦ୍ଧି

**ନୂଆଦିଲ୍ଲୀ,୩୧।୩/ଏଜେନ୍ସି:** କେନ୍ଦ୍ର ସରକାର ମଣିପୁର, ନାଗାଲାଣ୍ଡ ଏବଂ ଅରୁଣାଚଳ ପ୍ରଦେଶର କିଛି ଅଞ୍ଚଳରେ ସଶସ୍ତ୍ର ବାହିନୀ ସ୍ୱତନ୍ତ୍ର କ୍ଷମତା ଆଇନ (ଅଫସ୍ପା)କୁ ୬ ମାସ ପାଇଁ ବୃଦ୍ଧି କରିଛନ୍ତି। ରବିବାର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରି ଏସମ୍ପର୍କରେ ସୂଚନା ଦିଆଯାଇଛି। ମଣିପୁରରେ ଚାଲିଥିବା ହିଂସାକୁ ଦୃଷ୍ଟିରେ ରଖି ଆଇନ ଶୃଙ୍ଖଳା ପରିସ୍ଥିତିର ସମୀକ୍ଷା ପରେ ଏହି ନିଷ୍ପତ୍ତି ନିଆଯାଇଥିବା ଗୃହ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ମଣିପୁରର ୧୩ଟି ଥାନା ଅଞ୍ଚଳକୁ ବାଦ୍ ଦେଲେ ସମଗ୍ର ରାଜ୍ୟରେ ୨୦୨୫ ଏପ୍ରିଲ ପହିଲାରୁ ଆଗାମୀ ୬ ମାସ ପାଇଁ ଅଫସ୍ପା ଆଇନ୍ ଲାଗୁ ହେବ। ଏହା ପୂର୍ବରୁ ୨୦୨୪ ସେପ୍ଟେମ୍ବରରେ ମଣିପୁରର ୬ଟି ଜିଲ୍ଲାରେ ୬ ମାସ ପାଇଁ ଅଫସ୍ପା ଲାଗୁ କରାଯାଇଥିଲା। ଏହା ଆସନ୍ତାକାଲି ଶେଷ ହେବାର ଥିଲା। କିନ୍ତୁ ରାଜ୍ୟରେ ଚାଲିଥିବା ହିଂସାକୁ ଦୃଷ୍ଟିରେ ରଖି ଏହାକୁ ବୃଦ୍ଧି କରାଯାଉଥିବା ନେଇ ଗତକାଲି ହିଁ ବିଜ୍ଞପ୍ତି ଜାରି କରାଯାଇଛି। ନାଗାଲାଣ୍ଡ ଏବଂ ଅରୁଣାଚଳର କିଛି ଅଞ୍ଚଳରେ ଅଶାନ୍ତି ଯୋଗୁଁ ଜାରି ହୋଇଥିବା ଆଫସ୍ପା ବିଜ୍ଞପ୍ତି ଅନୁଯାୟୀ ନାଗାଲାଣ୍ଡର ଡିମାପୁର, ଚୁମୁକେଡିମା, ମୋନ୍, କିଫିରେ, ନୋକ୍‌ଲାକ୍, ଫେକ୍ ଏବଂ ପେରେନ୍ ଜିଲ୍ଲାର କିଛି ଅଞ୍ଚଳକୁ ଅଶାନ୍ତ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ସେହିପରି ଅରୁଣାଚଳ ପ୍ରଦେଶର ତିରାପ, ଚାଙ୍ଗଲାଙ୍ଗ ଓ ଲଙ୍ଗଡିଙ୍ଗ ଜିଲ୍ଲା ସମେତ ୩ଟି ଥାନା ଅଞ୍ଚଳରେ ମଧ୍ୟ ଆଫସ୍ପାକୁ ୬ ମାସ ପାଇଁ ବୃଦ୍ଧି କରାଯାଇଛି।

# ମିଆଁମାର ଭୂମିକମ୍ପ: ମୃତକଙ୍କ ସଂଖ୍ୟା ୨ ହଜାର ଟପିଲା

**ନାପିଦ,୩୧।୩/ଏଜେନ୍ସି:** ମିଆଁମାରରେ ହୋଇଥିବା ଭୟଙ୍କର ଭୂମିକମ୍ପରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଛି। ସୋମବାର ସୁଦ୍ଧା ଭୂକମ୍ପଜନିତ ମୃତ୍ୟୁ ସଂଖ୍ୟା ୨,୦୫୬ କୁ ବୃଦ୍ଧି ପାଇଛି ଏବଂ ୩,୯୦୦ ରୁ ଅଧିକ ଲୋକ ଆହତ ହୋଇଥିବା ସ୍ଥାନୀୟ ଜୁଣ୍ଟା ସାମରିକ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଦେଶରେ ହୋଇଥିବା ଭୟଙ୍କର ଭୂମିକମ୍ପ ପାଇଁ ମିଆଁମାର ସରକାର ଏକ ସପ୍ତାହ ପାଇଁ ଜାତୀୟ ଶୋକ ଘୋଷଣା କରିଛନ୍ତି। ଏପ୍ରିଲ ୬ ପର୍ଯ୍ୟନ୍ତ ଜାତୀୟ ପତାକା ଅର୍ଦ୍ଧନମିତ ରହିବ ବୋଲି ଘୋଷଣା କରାଯାଇଛି।ରିପୋର୍ଟ ଅନୁସାରେ ମିଆଁମାରର ଭୂକମ୍ପନଜନିତ ମହାବିପତ୍ତିକୁ ଦୃଷ୍ଟିରେ ରଖି ବିଶ୍ୱସ୍ତରରୁ ସବୁପ୍ରକାରର ସହାୟତା ମିଳିବା ଆରମ୍ଭ ହୋଇଯାଇଛି। ବିଶ୍ୱର ଅନେକ ଦେଶ ଆର୍ଥିକ ସହାୟତା ଠାରୁ ଆରମ୍ଭ କରି ରିଲିଫ୍ ସାମଗ୍ରୀ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସେବାକାର୍ଯ୍ୟ ମଧ୍ୟ ଯୋଗାଇ ଦେଇଛନ୍ତି। ଭାରତ ମଧ୍ୟ ମିଆଁମାରକୁ ସହାୟତାର ହାତ ବଢ଼ାଇଛି। ଏକ ୮୦ଜଣିଆ ଏନ୍‌ଡିଆରଏଫ୍ ଟିମ୍ ମିଆଁମାରରେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ସୋମବାର ସୁଦ୍ଧା ଅନେକ ଧ୍ୱଂସାବଶେଷ ମଧ୍ୟରୁ ଅନେକ ମୃତଦେହଗୁଡ଼ିକୁ ଉଦ୍ଧାର କରାଯାଇଛି। ତେବେ ନିଖୋଜ ଥିବା ବ୍ୟକ୍ତିଙ୍କ ବଞ୍ଚିବା ଆଶା କ୍ଷୀଣ ବୋଲି କୁହାଯାଉଛି। ଭୂକମ୍ପ ଯୋଗୁ ପ୍ରାୟ ୫୦ହଜାର ପରିବାର ବାସହରା ହୋଇପଡିଛନ୍ତି।

# ୨ରେ ଆସିବ ୱାକଫ୍ ସଂଶୋଧନ ବିଲ୍ !




**ପ୍ରତିବାଦରେ ହାତରେ କଳାପଟି ବାନ୍ଧି ନମାଜ ପାଠ**

**ନୂଆଦିଲ୍ଲୀ,୩୧।୩/ଏଜେନ୍ସି:** ୱାକଫ୍ ସଂଶୋଧନ ବିଲ୍ ଏପ୍ରିଲ ୨ରେ ସଂସଦରେ ଆଗତ ହୋଇପାରେ। ସରକାର ପ୍ରଥମେ ଲୋକସଭାରେ ଏହି ବିଲ୍ ଆଗତ କରିବେ। ଏହି ଅଧିବେଶନ ଏପ୍ରିଲ ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏସମ୍ପର୍କରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ୍ ରିଜିଜୁ କହିଛନ୍ତି ଯେ, ଆମେ ସଂସଦରେ ୱାକଫ ସଂଶୋଧନ ବିଲ୍ ଆଗତ କରିବାକୁ ପ୍ରସ୍ତୁତ ରହିଛୁ। ସଂସଦ ବାହାରେ ବିଲ୍ ଉପରେ ବ୍ୟାପକ ଆଲୋଚନା ହୋଇଛି। କିନ୍ତୁ ଏବେ ସମୟ ଆସିଯାଇଛି ଏସମ୍ପର୍କରେ ଗୃହରେ ବିତର୍କ ଏବଂ ଆଲୋଚନାରେ ମଧ୍ୟ ଆମକୁ ଅଂଶଗ୍ରହଣ କରିବାକୁ ପଡିବ। ରିଜିଜୁ କହିଛନ୍ତି, ବିଲ୍ ଉପରେ ଗଠିତ ଯୁଗ୍ମ ସଂସଦୀୟ କମିଟି (ଜେପିସି) ଗଣତାନ୍ତ୍ରିକ ଭାରତର ଇତିହାସରେ ସବୁଠାରୁ ଦୀର୍ଘ ପରାମର୍ଶ ପ୍ରକ୍ରିୟାର ରେକର୍ଡ ସ୍ଥାପନ କରିଛି। ଅନ୍ୟପକ୍ଷେ ସମସ୍ତ ରାଜନୈତିକ ଦଳକୁ ଅନୁରୋଧ କରାଯାଇଛି ଯେ ସେମାନେ ଲୋକଙ୍କୁ ଭ୍ରମିତ ନକରନ୍ତୁ। ସେ କହିଛନ୍ତି ଯେ ସରକାର ମୁସଲମାନମାନଙ୍କ ସମ୍ପତ୍ତି ଏବଂ ଅଧିକାର ଛଡ଼ାଇ ନେବାକୁ ଯାଉଛନ୍ତି ବୋଲି କହି ନିର୍ଦ୍ଦୋଷ ମୁସଲମାନମାନଙ୍କୁ ବିରୋଧୀ ଦଳଗୁଡ଼ିକ ଭ୍ରମିତ କରୁଛନ୍ତି। ପ୍ରକାଶ, ୨୯ ମାର୍ଚ୍ଚରେ ଏକ ଘରୋଇ ଚ୍ୟାନେଲ ସହିତ କଥାବାର୍ତ୍ତା ସମୟରେ ଗୃହମନ୍ତ୍ରୀ ଅମିତ ଶାହ କହିଥିଲେ ଯେ ଏହି ଅଧିବେଶନ (ବଜେଟ୍ ଅଧିବେଶନ)ରେ ସଂସଦରେ ୱାକଫ୍ ବିଲ୍ ଆଗତ କରାଯିବ। ଏହି ଅବସରରେ ଶାହ ସ୍ପଷ୍ଟ ଭାବେ କହିଥିଲେ ଯେ ଏହି ବିଲ୍ ବିଷୟରେ କାହାକୁ ଭୟ କରିବାର ଆବଶ୍ୟକତା ନାହିଁ।

ଏସବୁ ମଧ୍ୟରେ ସୋମବାର ଦେଶବ୍ୟାପୀ ପବିତ୍ର 'ଇଦ୍' ପାଳନ ଅବସରରେ ମୁସଲିମ୍ ସମ୍ପ୍ରଦାୟର ସଦସ୍ୟମାନେ ୱାକଫ୍ ବିଲ୍ ବିରୋଧରେ ପ୍ରତିବାଦ ଜଣାଇବା ପୂର୍ବକ ଦେଶର ବିଭିନ୍ନ ସ୍ଥାନରେ କଳା ପଟି ପିନ୍ଧି ନମାଜ ପାଠ କରିବାକୁ ପହଞ୍ଚିବା ଦେଖିବାକୁ ମିଳିଛି। ଅଲ୍ ଇଣ୍ଡିଆ ମୁସଲିମ୍ ପର୍ସନାଲ ଲ' ବୋର୍ଡ (ଏଆଇଏମ୍‌ପିଏଲ୍‌ବି) ଦେଶର ମୁସଲମାନମାନଙ୍କୁ ୨୮ ମାର୍ଚ୍ଚ, ରମଜାନର ଶେଷ ଶୁକ୍ରବାର (ଜୁମାତୁଲ ବିଦା)ରେ ମଧ୍ୟ କଳା ପଟି ପିନ୍ଧି ନମାଜ ପାଠ କରିବାକୁ କହିଥିଲେ। ମୁସଲିମ ପର୍ସନାଲ ଲ ବୋର୍ଡ ପକ୍ଷରୁ ଜାରି କରାଯାଇଥିବା ଚିଠିରେ ଲେଖାଯାଇଛି ଯେ ୱାକଫ ସଂଶୋଧନ ବିଲ୍‌କୁ ଦୃଢ଼ ବିରୋଧ କରିବା ଦେଶର ପ୍ରତ୍ୟେକ ମୁସଲମାନଙ୍କ ଦାୟିତ୍ୱ। ସମସ୍ତ ମୁସଲମାନ ନମାଜ ପାଇଁ ମସଜିଦକୁ ଯିବା ସମୟରେ କଳା ପଟି ପିନ୍ଧି ଶାନ୍ତିପୂର୍ଣ୍ଣ ଏବଂ ନୀରବ ପ୍ରତିବାଦ କରିବା ଉଚିତ୍।

ମୋଦୀ ସରକାର ୱାକଫ୍ ବୋର୍ଡ ଆଇନ୍‌ରେ ସଂଶୋଧନ କରିବାର କେତେକ କାରଣ ରହିଛି। ପ୍ରଥମତଃ ଆଜି ପର୍ଯ୍ୟନ୍ତ ୱାକଫ୍ ବୋର୍ଡରେ କୌଣସି ମହିଳାଙ୍କୁ ସଦସ୍ୟ ଭାବେ ସାମିଲ କରାଯାଉନଥିବା ବେଳେ ନୂଆ ସଂଶୋଧନ ଆଇନ ଅନ୍ତର୍ଗତ ୱାକଫ୍‌ରେ ମହିଳାମାନଙ୍କର ଅଂଶଗ୍ରହଣ ବୃଦ୍ଧି ପାଇବ। ଧାରା ୯ ଏବଂ ୧୪ ରେ ପରିବର୍ତ୍ତନ କରି କେନ୍ଦ୍ରୀୟ ୱାକଫ ପରିଷଦରେ ଦୁଇଜଣ ମହିଳାଙ୍କୁ ସାମିଲ କରିବାର ପ୍ରସ୍ତାବ ଅଛି। ଏହା ବ୍ୟତୀତ, ନୂତନ ବିଲରେ ବୋହରା ଏବଂ ଆଗାଖାନି ମୁସଲମାନମାନଙ୍କ ପାଇଁ ଏକ ପୃଥକ ୱାକଫ ବୋର୍ଡ ଗଠନ କରିବା ବିଷୟରେ ମଧ୍ୟ ଆଲୋଚନା କରାଯାଇଛି। ଦ୍ୱିତୀୟ କାରଣ ହେଉଛି ପୂର୍ବରୁ ୱାକଫ୍ ବୋର୍ଡରେ କେବଳ ମୁସଲିମ୍ ପୁରୁଷଙ୍କୁ ସଦସ୍ୟ ଭାବେ ସାମିଲ କରାଯାଉଥିବା ବେଳେ ଏଣିକି ସରକାର ଏଥିରେ ଦୁଇଜଣ ଅଣ-ମୁସଲମାନ ବ୍ୟକ୍ତିଙ୍କୁ ସଦସ୍ୟ ଭାବେ ସାମିଲ କରିବାକୁ ଚାହୁଁଛନ୍ତି। ଏପରିକି ବୋର୍ଡର ସିଇଓ ଜଣେ ଅଣ-ମୁସଲମାନ ମଧ୍ୟ ହୋଇପାରିବେ ବୋଲି ଆଇନ୍ ପ୍ରସ୍ତୁତ କରାଯାଇଛି। ତୃତୀୟ ଏବଂ ସବୁଠୁ ବଡ଼ କାରଣ ହେଉଛି ଏଣିକି ବୋର୍ଡ ଉପରେ ସରକାରୀ ନିୟନ୍ତ୍ରଣ ବୃଦ୍ଧି ଚାହୁଁଛନ୍ତି ଭାରତ ସରକାର। ଆଇନ ପରିବର୍ତ୍ତନ କରି ୱାକଫ ବୋର୍ଡର ସମ୍ପତ୍ତି ଉପରେ ନିୟନ୍ତ୍ରଣ ରଖିବା, ୱାକଫ ବୋର୍ଡର ପରିଚାଳନାରେ ଅଣ-ମୁସଲମାନ ବିଶେଷଜ୍ଞମାନଙ୍କୁ ସାମିଲ କରିବା ଏବଂ ସରକାରୀ ଅଧିକାରୀଙ୍କ ଦ୍ୱାରା ୱାକଫ ଅଡିଟ୍ କରାଇବା ଆଦି ମୂଳ ଉଦ୍ଦେଶ୍ୟ ରହିଛି। ଏହାଦ୍ୱାରା ୱାକଫ ଟଙ୍କା ଏବଂ ସମ୍ପତ୍ତିର ହିସାବ ସ୍ୱଚ୍ଛ ହେବ। କେନ୍ଦ୍ର ସରକାର ଏବେ ସିଏଜି ମାଧ୍ୟମରେ ୱାକଫ ସମ୍ପତ୍ତିର ଅଡିଟ୍ କରାଇପାରିବେ। ପ୍ରକାଶ, ସୁପ୍ରିମକୋର୍ଟର ଓକିଲ ବିରାଗ ଗୁପ୍ତା କହିଛନ୍ତି ଯେ ମୋଦୀ ସରକାର ୱାକଫ ବୋର୍ଡ ଆଇନ୍‌ରେ ପ୍ରାୟ ୪୦ଟି ପରିବର୍ତ୍ତନ କରିବାକୁ ଚାହୁଁଛନ୍ତି।

# ନିତିଦିନ NITIDIN

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 12 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

TUESDAY 1 APRIL 2025
ମଙ୍ଗଳବାର ୧ ଏପ୍ରିଲ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 10 • ISSUE 311 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୦ • ସଂଖ୍ୟା ୩୧୧ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର


### ଗାଜା ଷ୍ଟ୍ରିପ୍‌ରେ ଭୟଙ୍କର ମିସାଇଲ୍ ମାଡ଼

# ଇଦ୍’ରେ ବି ରକ୍ତର ହୋଲି ଖେଳିଲା ଇସ୍ରାଏଲ୍

**ଗାଜା, ଜେରୁଜେଲମ୍, ୩୧।୩/ଏଜେନ୍ସି:** ବିଶ୍ୱବ୍ୟାପୀ ପବିତ୍ର ଇଦ୍-ଉଲ୍-ଫିତର୍’ ପାଳନ ଚାଲିଥିବା ବେଳେ ଇସ୍ରାଏଲ୍ କିନ୍ତୁ ରକ୍ତର ହୋଲି

**୪୮ ଘଣ୍ଟାରେ ୮୦ରୁ ଊର୍ଦ୍ଧ୍ୱ ମୃତ, ଶତାଧିକ ଆହତ**

ଖେଳିଛି । ହମାସ୍ ଉଗ୍ରବାଦୀଙ୍କୁ ଟାର୍ଗେଟ୍ କରିବା ପୂର୍ବକ ପାଲେଷ୍ଟାଇନ୍‌ର ଗାଜାଷ୍ଟ୍ରିପ୍‌ରେ ମିସାଇଲ୍ ଏବଂ ବୋମା ବର୍ଷା କରିଛି ଇସ୍ରାଏଲ୍ ସେନା ।



ରବିବାର ଏବଂ ସୋମବାର ଗତ ୨ ଦିନ ଧରି ଇସ୍ରାଏଲ୍ ପକ୍ଷରୁ ହୋଇଥିବା ଘନଘନ ଆକ୍ରମଣରେ ପ୍ରାୟ ୮୦ରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି । ମୃତକଙ୍କ ମଧ୍ୟରେ ଅଧିକାଂଶ ମହିଳା ଓ ଶିଶୁ ରହିଛନ୍ତି । ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ମଧ୍ୟ ଏନେଇ ସ୍ପଷ୍ଟ କରାଯାଇଛି । ମନ୍ତ୍ରଣାଳୟ ଦର୍ଶାଇଛି ଯେ ଗତ ୪୮ ଘଣ୍ଟା ମଧ୍ୟରେ ଇସ୍ରାଏଲୀ ଆକ୍ରମଣରେ ଗାଜାରେ ଅତିକମ୍‌ରେ ୮୦ଜଣଙ୍କର ମୃତ୍ୟୁ ହୋଇଛି । ଫଳରେ ୧୮ ମାର୍ଚ୍ଚରେ ଉଭୟ ହମାସ ଏବଂ ଇସ୍ରାଏଲ୍ ମଧ୍ୟରେ ଅସ୍ତ୍ରବିରତି ଭଙ୍ଗହେବା ପରଠାରୁ ଏହି ସମୟ ସୁଦ୍ଧା ମୃତ୍ୟୁ ସଂଖ୍ୟା ୧୦୦୦ ଛୁଇଁଛି । ଗାଜାର ▶▶ ୭

## ଜାତୀୟ ଐତିହ୍ୟ ତାଲିକାରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା

**ପୁରୀ,୩୧।୩/ଏନ୍‌ଏନ୍‌ଏସ୍:** ମହାପ୍ରଭୁଙ୍କ ରଥଯାତ୍ରାକୁ ୟୁନେସ୍କୋ ଦ୍ୱାରା ବୈଶ୍ୱିକ ସାଂସ୍କୃତିକ ଐତିହ୍ୟ ମାନ୍ୟତା ପ୍ରଦାନ ନେଇ ପ୍ରଥମ ସୋପାନ ସଫଳତାର ସହ ଅତିକ୍ରମ ହୋଇଛି । ୟୁନେସ୍କୋ ମାନ୍ୟତା ସକାଶେ ପ୍ରଥମେ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଅଧିନସ୍ଥ ସଙ୍ଗୀତ ନାଟକ ଏକାଡେମୀର ଜାତୀୟ ଐତିହ୍ୟ ତାଲିକାଭୁକ୍ତ ହେବାକୁ ▶▶ ୭




KALINGA INSTITUTE OF INDUSTRIAL TECHNOLOGY
KIIT DEEMED TO BE UNIVERSITY
(Established U/S 3 of UGC Act 1956), Bhubaneswar, Odisha, India

KIIT SCHOOL OF LIBERAL STUDIES
ADMISSION OPEN
Apply Now — Through the website www.kiitee.kiit.ac.in
Admission through KIITEE 2025 starts in April 2025 (Computer-Based Test) — No Examination Fee

Academic Programmes Available
- BA English (Hons) 3/4 yrs
- BA Sociology (Hons) 3/4 yrs
- BA Psychology (Hons) 3/4 yrs
- BA French (Hons) 3/4 yrs
- BA German (Hons) 3/4 yrs
- BA Japanese (Hons) 3/4 yrs
- BA Spanish (Hons) 3/4 yrs
- MA Sociology (2 Yrs)
- MA Psychology (2 Yrs)
- MA English (2 Yrs)
- Master of Library and Information Science (2 yrs)
- Doctor in Philosophy (Ph.D.) Sociology, Psychology, English, Library and Information Science

CAMPUS FACILITIES
- International Faculty
- Empirical Learning
- Capstone projects
- Industry Internship
- Study Abroad
- Global Library

Campus 3, Kathajodi Campus, KIIT-DU, Bhubaneswar, Odisha, India
liberalstudies@kiit.ac.in | ksls.kiit.ac.in | +91 98610 31687
Scan to Apply
KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.


## ୧୫ ଦିନରେ ନୂଆ ଅବକାରୀ ନୀତି

### ପୁରୁଣା ଅବକାରୀ ନୀତିର ଅବଧି ଆଉ ମାସେ ବୃଦ୍ଧି



**ଭୁବନେଶ୍ୱର,୩୧।୩/ଏନ୍‌ଏନ୍‌ଏସ୍:** ଆଗାମୀ ୧୫ ଦିନ ଭିତରେ ନୂଆ ଅବକାରୀ ନୀତି ଅଣାଯିବ । ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ ତାହା ଲାଗୁହେବ । ପୁରୁଣା ଅବକାରୀ ନୀତିକୁ ଆଉ ମାସେ ବୃଦ୍ଧି କରାଯାଇଛି । ସୋମବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ସେ କହିଛନ୍ତି, ପ୍ରତିବର୍ଷ ମାର୍ଚ୍ଚ ୩୧ ତାରିଖ ପୂର୍ବରୁ ରାଜ୍ୟ ସରକାର ନୂଆ ଅବକାରୀ ନୀତି ଘୋଷଣା କରିଥାନ୍ତି । ତେବେ ଚଳିତବର୍ଷ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏପ୍ରିଲ୍ ୧ରୁ ଜୁଲାଇ ୩୧ତାରିଖ ପର୍ଯ୍ୟନ୍ତ ଅବକାରୀ ନୀତି ଘୋଷଣା କରିଥିଲେ । ନୂଆ ସରକାର ପ୍ରଥମେ ଅଗଷ୍ଟ ୩୧ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ । ପୁଣି ପୁରୁଣା ଅବକାରୀ ନୀତିର ଅବଧି ଆଉ ମାସେ ବୃଦ୍ଧି କରାଯାଉଛି । ମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ନୂଆ ଅବକାରୀ ନୀତି ▶▶ ୭

### ଦଣ୍ଡନାଚ ଯାତ୍ରାରେ ଅଘଟଣ

## ଯୁବକଙ୍କ ଗଳାକାଟି ହତ୍ୟା, ବାପା-ପୁଅ ଗିରଫ

**ବ୍ରହ୍ମପୁର,୩୧।୩/ଏନ୍‌ଏନ୍‌ଏସ୍:** ଅଶାନ୍ତ ହୋଇପଡ଼ିଛି ଗଞ୍ଜାମ ଜିଲ୍ଲା । ଗତ ଦୁଇଦିନ ମଧ୍ୟରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ହିଂସାକାଣ୍ଡ ଘଟି ୨ଜଣଙ୍କୁ ହତ୍ୟା କରାଯାଇଥିବା ବେଳେ ସୋମବାର ଆଉ ଜଣଙ୍କ ଜୀବନ ଯାଇଛି । ତେବେ ତିନି ଦିନ ମଧ୍ୟରେ ତିନି ତିନୋଟି ମୁଣ୍ଡ ଗଡ଼ିବା ଖବର ସମସ୍ତଙ୍କ ମନରେ ଭୟ ସଞ୍ଚାର କରିଛି । ପ୍ରଥମେ ପୁରୁଷୋତ୍ତମପୁର ଅଞ୍ଚଳରେ ହତ୍ୟାକାଣ୍ଡ ଘଟିଥିବା ବେଳେ ଗତକାଲି କବିସୂର୍ଯ୍ୟନଗରରେ ଗୁଳିକାଣ୍ଡ ଆଉ ଆଜି ବ୍ରହ୍ମପୁର ବଡ଼ବଜାର ଥାନା ଅଞ୍ଚଳରେ ଜଣେ ଯୁବକଙ୍କ



**ତିନି ଦିନରେ ଗଡ଼ିଲାଣି ୩ ମୁଣ୍ଡ**

ଗଳାକାଟି ଅତି ବୀଭତ୍ସ ଭାବେ ହତ୍ୟା କରାଯିବା ଘଟଣା ଲୋକଙ୍କୁ ଚକିତ କରିଛି ।

ସୂଚନା ମୁତାବକ ସ୍ଥାନୀୟ ବଡ଼ବଜାର ଥାନା ଅନ୍ତର୍ଗତ ଜେନା ସାହିରେ ଚାଲିଥିବା ବେଲଗାଁ ଦଣ୍ଡନାଚରେ ଯାତ୍ରା ଅଧିକାରୀଙ୍କ ପୁଅଙ୍କ ଛୁରାମାଡ଼ରେ ଜଣେ ଯୁବକଙ୍କ ପ୍ରାଣ ଯାଇଛି । ମୃତକ ବେଲଗାଁ ଅଞ୍ଚଳର ଜଗଦୀଶ ପାଣିଗ୍ରାହୀ । ଜଗଦୀଶ ପୂର୍ବରୁ ଏହି ଦଣ୍ଡନାଚରେ କାମ କରୁଥିଲେ । ଦଣ୍ଡନାଚରେ ଆୟୋଜିତ ନାଟକ ପାଇଁ ଷ୍ଟେଜ୍ ପକାକୁ କେନ୍ଦ୍ରକରି ଯାତ୍ରା ଅଧିକାରୀ ଓ ଜଗଦୀଶଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ପରେ ଗଣ୍ଡଗୋଳ ▶▶ ୭




ଓଡ଼ିଶା ଦିବସ ସମାରୋହ-୨୦୨୫
ତା: ୦୧.୦୪.୨୦୨୫ ରିଖ

ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସମାରୋହ ଏବଂ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ ସମନ୍ୱିତ ବିକାଶ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ
ସ୍ଥାନ-ସତ୍ୟଭାମାପୁର, କଟକ ସମୟ : ପୂର୍ବାହ୍ନ ୯ ଘଟିକା
– ମୁଖ୍ୟ ଅତିଥି –
ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
– ଗରିମାମୟ ଉପସ୍ଥିତି –
ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ
ମନ୍ତ୍ରୀ, ଆଇନ, ପୂର୍ତ୍ତ ଏବଂ ଅବକାରୀ, ଓଡ଼ିଶା ସରକାର
ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ
ମନ୍ତ୍ରୀ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଓଡ଼ିଶା ସରକାର
ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ
ସାଂସଦ, କଟକ
ଶ୍ରୀଯୁକ୍ତ ବୈଜୟନ୍ତ ପଣ୍ଡା
ସାଂସଦ,କେନ୍ଦ୍ରାପଡ଼ା
ଶ୍ରୀଯୁକ୍ତ ବିଭୁପ୍ରସାଦ ତରାଇ
ସାଂସଦ, ଜଗତସିଂହପୁର
ଶ୍ରୀଯୁକ୍ତ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଧାୟକ, ଆଠଗଡ଼
ଶ୍ରୀଯୁକ୍ତ ପ୍ରଶାନ୍ତ ବେହେରା, ବିଧାୟକ, ସାଲେପୁର
ଶ୍ରୀଯୁକ୍ତ ସୌଭିକ ବିଶ୍ୱାଳ, ବିଧାୟକ, ଚୌଦ୍ୱାର-କଟକ
ଶ୍ରୀଯୁକ୍ତ ଦେବୀ ରଞ୍ଜନ ତ୍ରିପାଠୀ, ବିଧାୟକ, ବାଙ୍କୀ
ଇ. ସୋଫିଆ ଫିର୍ଦୌସ, ବିଧାୟିକା, ବାରବାଟୀ-କଟକ
ଇ. ପ୍ରକାଶ ଚନ୍ଦ୍ର ସେଠୀ, ବିଧାୟକ, କଟକ ସଦର
ଶ୍ରୀଯୁକ୍ତ ଛବି ମଲ୍ଲିକ, ବିଧାୟକ, ନିଆଳି
ଶ୍ରୀଯୁକ୍ତ ସାରଦା ପ୍ରସାଦ ପ୍ରଧାନ, ବିଧାୟକ, ମାହାଙ୍ଗା
ଶ୍ରୀଯୁକ୍ତ ବିଜୟ କୁମାର ଦଳବେହେରା, ବିଧାୟକ, ବଡ଼ମ୍ବା
ଶ୍ରୀଯୁକ୍ତ ବି.ପରମେଶ୍ୱରନ୍, (ଭା.ପ୍ର.ସେ.)କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ
ଫଟୋଚିତ୍ର ପ୍ରଦର୍ଶନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ

ନୂଆଦିଲ୍ଲୀ
ସ୍ଥାନ ୱେଟ୍‌ଲିଫ୍ଟିଂ ଅଡ଼ିଟୋରିୟମ୍, ଜେ.ଏଲ୍.ଏନ୍. ଷ୍ଟାଡିୟମ
ସମୟ : ଅପରାହ୍ନ ୫ ଘଟିକା
– ମୁଖ୍ୟ ଅତିଥି –
ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
– ଗରିମାମୟ ଉପସ୍ଥିତି –
ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ
କେନ୍ଦ୍ର ଶିକ୍ଷା ମନ୍ତ୍ରୀ
ଶ୍ରୀଯୁକ୍ତ ଗଜେନ୍ଦ୍ର ସିଂହ ଶେଖାୱତ୍
କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ
ଶ୍ରୀଯୁକ୍ତ ଜୁଏଲ୍ ଓରାମ
କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ
ଶ୍ରୀଯୁକ୍ତ ଅଶ୍ୱିନୀ ବୈଷ୍ଣବ
କେନ୍ଦ୍ର ରେଳବାଇ, ଇଲେକ୍‌ଟ୍ରୋନିକ୍ସ, ଆଇ.ଟି., ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ
ଡା. ପି.କେ. ମିଶ୍ର
ପ୍ରଧାନମନ୍ତ୍ରୀଙ୍କ ପ୍ରଧାନ ସଚିବ
ଶ୍ରୀମତୀ ରେଖା ଗୁପ୍ତା
ମୁଖ୍ୟମନ୍ତ୍ରୀ, ନୂଆଦିଲ୍ଲୀ
ସାଂସ୍କୃତିକ କାର୍ଯ୍ୟକ୍ରମ

ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସମାରୋହ
ସ୍ଥାନ ଜୟଦେବ ଭବନ, ଭୁବନେଶ୍ୱର
ସମୟ : ସନ୍ଧ୍ୟା ୬ ଘଟିକା
– ମୁଖ୍ୟ ଅତିଥି –
ଶ୍ରୀମତୀ ସୁରମା ପାଢ଼ୀ
ବାଚସ୍ପତି, ଓଡ଼ିଶା ବିଧାନସଭା
– ଗରିମାମୟ ଉପସ୍ଥିତି –
ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ,
ଲୋକସଭା ସାଂସଦ, ଭୁବନେଶ୍ୱର
ଶ୍ରୀଯୁକ୍ତ ସରୋଜ କୁମାର ପ୍ରଧାନ
ସରକାରୀ ମୁଖ୍ୟ ସଚେତକ, ଓଡ଼ିଶା ବିଧାନସଭା
ଶ୍ରୀଯୁକ୍ତ ବାବୁ ସିଂ
ବିଧାୟକ, ଏକାମ୍ର, ଭୁବନେଶ୍ୱର
ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା
ବିଧାୟକ, ଭୁବନେଶ୍ୱର (ମଧ୍ୟ)
ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉ
ବିଧାୟକ, ଭୁବନେଶ୍ୱର (ଉତ୍ତର)
ଶ୍ରୀଯୁକ୍ତ ସଂଜୟ କୁମାର ସିଂହ
ପ୍ରମୁଖ ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ବିଭାଗ
– ମୁଖ୍ୟବକ୍ତା –
ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ
ପ୍ରାକ୍ତନ ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ, ଓଡ଼ିଶା
ଫଟୋଚିତ୍ର ପ୍ରଦର୍ଶନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ

ଏହି ସମସ୍ତ କାର୍ଯ୍ୟକ୍ରମରେ ଆପଣଙ୍କ ସଦୟ ଉପସ୍ଥିତି କାମନା କରୁଛୁ ।

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

OIPR-15001/13/0488/2425 DADLS-08

## ସୃଷ୍ଟି ଏକାଡେମୀରେ ବାର୍ଷିକ ଉତ୍ସବ 'ସେନ୍ସେସନ୍'

**ଭୁବନେଶ୍ୱର,୩୧।୩/ଏନ୍ଏନ୍ଏସ୍:** ସୃଷ୍ଟି ଏକାଡେମୀର ଏମ୍‌ବିଏ ଏବଂ ଏମ୍‌ସିଏ ବିଭାଗର ଶେଷବର୍ଷର ଛାତ୍ରଛାତ୍ରୀମାନଙ୍କୁ ନେଇ ବାର୍ଷିକଉତ୍ସବ "ସେନ୍ସେସନ୍ - ୨୦୨୪" ପାଳିତ ହୋଇଯାଇଅଛି । ପ୍ରଥମ ଦିନରେ ଟାଟା କନ୍ସଲ୍‌ଟାନ୍‌ସି ସର୍ଭିସେସ୍‌ର ମାନବ ସମ୍ବଳ ବିଭାଗର ମୁଖ୍ୟ ଅଭିନାଶ ସାମଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ସମ୍ମାନୀତ ଅତିଥି ଭାବେ ମଳୟ ରଞ୍ଜନ ପରିଡ଼ା ଯୋଗଦେଇଥିଲେ । ଦ୍ୱିତୀୟ ଦିନରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ହିମାଚଳ ପ୍ରଦେଶର ପଦାର୍ଥ ବିଜ୍ଞାନର ବିଭାଗୀୟ ମୁଖ୍ୟ ପ୍ରଫେସର ଗୌରୀଶଙ୍କର ସାହୁ ମୁଖ୍ୟ ଅତିଥି ଏବଂ ସଂଜୀବ ଗୁପ୍ତା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଜ୍ୟୋତି ସାଗର ବଳଙ୍କୁ ସଫଳ ଯୁବ ଉଦ୍ୟାଗୀପତି ଭାବେ ସମ୍ମାନୀତ କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ମଧ୍ୟରେ କୃତିତ୍ୱ ଲାଭକରିଥିବା ବିଜେତାମାନଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କାର ସହିତ ମାନପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଅଧକ୍ଷ ଡଃ. ଉମାକାନ୍ତ ଦାଶ ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ । ଅନୁଷ୍ଠାନ ତରଫରୁ ୨୦୨୨-୨୪ ଏମ୍‌ବିଏ ବିଭାଗର ବେଷ୍ଟ ଟପର୍ ଗୁଲ୍ ଆନନ୍ଦମ୍‌ଙ୍କୁ ରାଧାମୋହନ ମେମୋରିଆଲ୍ ଆୱାର୍ଡ ପ୍ରଦାନ କରାଯାଇଥିଲା । ଅନୁଷ୍ଠାନର ଅଧାପିକା କଲ୍ୟାଣୀ ସେନାପତି, ଏମ୍‌ବିଏ ବିଭାଗ ପାଠ୍ୟକ୍ରମର ସଂଯୋଜକ ନିର୍ମଳ କୁମାର ରାଉତରା ଏବଂ ଛାତ୍ରମଙ୍ଗଳ ଅଧିକାରୀ ଜିତେନ୍ଦୁ ନନ୍ଦ ଏସ୍‌ସିଏ ବିଭାଗର ମୁଖ୍ୟ ଅନୁଜ୍ଞା ମଞ୍ଜରୀ, ସାଲିନୀ ହୋତା, ଶୁଶ୍ରୀ ସଂଗୀତା ପଣ୍ଡା, ଦୌପଦି ମିଶ୍ର, ଦିପ୍ତି ମିଶ୍ର, ଡ଼ଃ. ଜାକୀ ସମୀର ଖାନ୍ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ । ନିର୍ମଳ କୁମାର ରାଉତରା ଧନ୍ୟବାଦ ଦେଇଥିଲେ ।

## ଏଆଇ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଆରମ୍ଭ

**ଭୁବନେଶ୍ୱର,୩୧।୩/ଏନ୍ଏନ୍ଏସ୍:** ଏଆଇ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଆରମ୍ଭ ହୋଇଛି । ଲୋକଙ୍କ ଲାଗି ହୋମ୍ ସଫିଂ ସ୍କି ଯଥା ରିକ୍ଲାଇନର, ଭିସି, ପାଣି ବୋତଲ ତଥା ଅନ୍ୟାନ୍ୟ ସାମଗ୍ରୀ ସମେତ ବିଭିନ୍ନ ପ୍ରକାରର ସାମଗ୍ରୀ ପ୍ରଦାନ କରିବ । ବିଶେଷକରି ଲୋକଙ୍କୁ ଏଥିରେ ଅନେକ ସୁବିଧା ପାଇପାରିବେ । ୫ତାରିଖି ପର୍ଯ୍ୟନ୍ତ ଏହି ସୁବିଧା ଉପଲବ୍ଧ କରାଯିବ । ବିଶେଷକରି ଲୋକଙ୍କୁ ମଧ୍ୟ ନିଶ୍ଚିତ କ୍ୟାସବ୍ୟାକ୍, ଉତ୍ପାଦ ଉପରେ ସର୍ବନିମ୍ନ ରିହାତି ସହ ଅନେକ ସୁବିଧା ମିଳିବ । ଘର, ରୋଷେଇ ଘର ଏବଂ ବାହାରେ ଉତ୍ପାଦ ଉପରେ ମଧ୍ୟ ଅତିରିକ୍ତ ରିହାତି ପାଇପାରିବେ । ଏନେଇ ଆଜି ଆୟୋଜିତ କାର୍ଯ୍ୟକ୍ରମରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି ।

## ଷ୍ଟ୍ର'ରେ ମଧୁବାବୁଙ୍କ କଳାକୃତି ଆଙ୍କିଲେ ଛାତ୍ରଛାତ୍ରୀ

**ବ୍ରହ୍ମପୁର,୩୧।୩/ଏନ୍ଏନ୍ଏସ୍:** ଏପ୍ରିଲ ୧ ତାରିଖ ଉତ୍କଳ ଦିବସ ପାଳନ ଉପଲକ୍ଷେ ମୀନାକ୍ଷୀ ନଗରସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ସ୍କାଉଟ ଓ ଗାଇଡ ଛାତ୍ରଛାତ୍ରୀଙ୍କ ତରଫରୁ ମହାପୁରୁଷମାନଙ୍କ କଳାକୃତି ପ୍ରସ୍ତୁତ କରାଯାଇ ସ୍ମୃତି ଚାରଣ କରାଯିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି ।



ସ୍କୁଲର ବିଦ୍ୟାର୍ଥୀମାନେ ଆଗ୍ରହର ସହ ଏପରି କଳାକୃତି ପ୍ରସ୍ତୁତ କରିଛନ୍ତି । ବାରିଷ୍ଟର ମଧୁସୂଦନ ଦାସ ତଥା ମଧୁବାବୁଙ୍କ କଳାକୃତିକୁ ଛାତ୍ର ଛାତ୍ରୀ ମୃଦୁ ପାନୀୟ ଲାଗି ବ୍ୟବହାର କରାଯାଉଥିବା ପ୍ଲାଷ୍ଟିକର ପାଇପ୍ ତଥା ଷ୍ଟ୍ର ଦ୍ୱାରା ଏପରି କଳାକୃତି ପ୍ରସ୍ତୁତ କରିଥିଲେ । ଏଥିରେ ଗାଇଡ ଶିକ୍ଷୟିତ୍ରୀ ରଶ୍ମିତା ଦଳାଇ ସହଯୋଗ କରି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ସ୍କୁଲ୍ ନିର୍ଦ୍ଦେଶକ ଜି.ଏସ୍ ପଣ୍ଡା, ସହ ନିର୍ଦ୍ଦେଶକ କୁନାଲ କୌଶିକ ପଣ୍ଡା, ଅଧକ୍ଷ କେ.ସି ପଣ୍ଡାଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏପରି କଳାକୃତି ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ସେହିପରି ଏଠାରେ ଉତ୍କଳ ଦିବସ ପାଳନ ନେଇ ବିଷଦ ଭାବେ ଆଲୋଚନା କରାଯିବା ସହ ମହାପୁରୁଷମାନଙ୍କ ସ୍ମୃତି ଚାରଣ ସହ ସେମାନଙ୍କ ନୀତି ଓ ଆଦର୍ଶରେ ସମସ୍ତେ ଅନୁପ୍ରାଣିତ ହେବାକୁ ଆହ୍ୱାନ କରାଯାଇଥିଲା । ସୂଚନାଯୋଗ୍ୟ ପ୍ରାୟ ୫୫୫ଟି ଷ୍ଟ୍ର ଏଥିରେ ବ୍ୟବହାର କରାଯାଇଥିବା ବେଳେ ତିଆରି ଲାଗି ୩୦ ମିନିଟ୍ ସମୟ ଲାଗିଥିଲା ।

## ଆସିକାରେ ଭାଇଚାରାର ପର୍ବ ଇଦ୍-ଉଲ-ଫିତର

**ଆସିକା,୩୧।୩/ଏନ୍ଏନ୍ଏସ୍:** ଆସିକା ସହର ତଥା ଏହାର ଆଖପାଖ ଅଞ୍ଚଳରେ ବସବାସ କରୁଥିବା ମୁସଲମାନ ସଂପ୍ରଦାୟର ଜନସାଧାରଣ ଭାଇଚାରାର ପର୍ବ ଇଦ୍-ଉଲ-ଫିତର ସୋମବାର ଆନନ୍ଦ ଉଲ୍ଲାସର ସହ ପାଳନ କରିଛନ୍ତି । ଆସିକା ସହରର କେନ୍ଦ୍ରସ୍ଥଳରେ ଥିବା ଜାମିଆ ମସଜିଦ୍ ଚଳଚଞ୍ଚଳ ହୋଇଥିଲା । ମୁସଲମାନ ଭାଇଭଉଣୀମାନେ ପରସ୍ପରକୁ ମିତ୍ରତାର ବନ୍ଧନରେ ଆଲିଙ୍ଗନ ପୂର୍ବକ ଇଦ୍ ମୁବାରକ କରି ନିଷ୍ଠାର ସହ ମସଜିଦ୍ ପରିସରରେ ନମାଜ ପାଠ କରିଥିଲେ । ଦୀର୍ଘ ଏକମାସ ଧରି ଆସିକାର ମୁସଲମାନ ସଂପ୍ରଦାୟର ଭାଇଭଉଣୀ ମାନେ ପବିତ୍ର ରମଜାନ ପର୍ବ ପରିପ୍ରେକ୍ଷୀରେ ଏକତ୍ରିତ ହୋଇ ନମାଜ



ପାଠ କରି ଆସୁଥିଲେ । ପବିତ୍ର ରମଜାନ ପର୍ବ ଶେଷ ହୋଇଛି । ସୋମବାର ମୁସଲମାନ ଭାଇଭଉଣୀ ମାନେ ଇଦ୍-ଉଲ-ଫିତର ପାଳନ କରିଥିଲେ । ମୁସଲମାନ ସଂପ୍ରଦାୟର ଇଦ୍-ଉଲ-ଫିତର ହେଉଛି ଏକ ବଡ ପର୍ବ । ଇଦ୍-ଉଲ-ଫିତର ଅବସରରେ ଆସିକା ହାଟପଦା ସ୍ଥିତ ଜାମିଆ ମସଜିଦ୍ ଓ କୋଟିନଡା ସ୍ଥିତ ଜାମିଆ ମସଜିଦ୍‌ରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥିଲା । ଆସିକା ଜାମିଆ ମସଜିଦ୍‌ର ମୁଖ୍ୟ ଇମାମ୍ ମହମ୍ମଦ ସାହାନୱାଜ୍ ଅହମ୍ମଦଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ମସଜିଦ୍ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହଯୋଗୀ ପୁରୋହିତ (ମୌଦିନ) ମେହେମୁଦ୍ ଖାନ୍, ଶ୍ରଦ୍ଧାଳୁଭକ୍ତ ମୁନାଫ୍ ସାରିଫ୍, ଏମ୍.ହୁସେନ୍ ସରିଫ୍, ସାଜିଦ୍ ରାଜା, ମେହେମ୍ମଦ ସରିଫ୍, ନାସାର୍ ସରିଫ୍, ତାଜୁଦିନ୍ ସରିଫ୍, ସୟଦ୍ ହୁସେନି, ସୟଦ୍ ୱାଜିର୍, ଇନ୍ତୁ ଖାନ୍ , ସେଖ୍ ଆସ୍‌ଲାମ୍, ଆଲତାଫ୍ ସାରିଫ୍, ଆୟାଜ୍ ସାରିଫ୍, ହାକିମ୍ ଖାନ୍, ସାହାୱାଜ୍ ସରିଫ୍, ରସିଦ୍ ଅଲ୍ଲି, ମୋହିନ୍ ସାରିଫ୍, ମହମ୍ମଦ ଇକ୍‌ବାଲ୍, ସୟଦ୍ ଇମିତିୟାଜ୍, ସେଖ୍ ଆସରଫ୍, ସାଜିଦ ରାଜାଙ୍କ ସମେତ ମୁସ୍‌ଲମାନ ସଂପ୍ରଦାୟର ଶତାଧିକ ଶ୍ରଦ୍ଧାଳୁଭକ୍ତ ଯୋଗ ଦେଇଥିଲେ ।

# ଆର୍ଯ୍ୟସମାଜର ସ୍ଥାପନା ଦିବସ ଓ ଶାନ୍ତିଯଜ୍ଞ



**ଭୁବନେଶ୍ୱର, ୩୧।୩/ଏନ୍ଏନ୍ଏସ୍:** ସହିଦ ନଗରସ୍ଥିତ ଆର୍ଯ୍ୟସମାଜରେ ଚୈତ୍ର ଶୁକ୍ଳ ପ୍ରତିପଦା ଅବସରରେ ସ୍ଥାପନା ଦିବସ ପାଳନ ସହ ଶାନ୍ତିଯଜ୍ଞ ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ସ୍ୱର୍ଗତ ପିତା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତିରେ ଆୟୋଜିତ ଶାନ୍ତିଯଜ୍ଞରେ ଯଜମାନ ହୋଇଥିଲେ । କନ୍ୟାଙ୍କ ସହ ଶ୍ରୀଯୁକ୍ତ ପ୍ରଧାନ ବେଦମନ୍ତ୍ରରେ ସ୍ୱର୍ଗତ ପିତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ ଯେ ଆର୍ଯ୍ୟସମାଜର ଏକ ଗରିମାମୟ ଇତିହାସ ରହିଛି । ଦେଶ ଓ ଦେଶ ବାହାରୁ ପିତାଙ୍କ ଉଦ୍ଦେଶ୍ୟରେ ଯେଉଁ ସ୍ନେହ, ପ୍ରେମ ଓ ଭଲ ପାଇବା ସେ ପାଇଛନ୍ତି ସେଥିପାଇଁ କୃତଜ୍ଞ । ନିଛକ ବୈଦିକ ପଦ୍ଧତିରେ ହୋଇଥିବା ଏହି ଶାନ୍ତିଯଜ୍ଞ ତାଙ୍କୁ ଖୁବ୍ ଆତ୍ମସନ୍ତୋଷ ଦେଇଛି । ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱାରା ପ୍ରତିଷ୍ଠିତ ଆର୍ଯ୍ୟସମାଜ ଦେଶର କଲ୍ୟାଣ ନିମନ୍ତେ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରୁଛି । ଶିକ୍ଷା ଠାରୁ ସମାଜ ସଂସ୍କାର ପର୍ଯ୍ୟନ୍ତ ଅନେକ କ୍ଷେତ୍ରରେ ଆର୍ଯ୍ୟସମାଜ ଅବଦାନ ଅନନ୍ୟ । ସମାଜର ବୃହତ୍ତର ହିତରେ ଏଭଳି ପ୍ରୟାସ ବାସ୍ତବିକ ପ୍ରଶଂସନୀୟ ବୋଲି ଶ୍ରୀ ପ୍ରଧାନ କହିଥିଲେ । ଆର୍ଯ୍ୟସମାଜର ସଭାପତି ଇଂ ପ୍ରିୟବ୍ରତ ଦାସ ଓ ମାତା ଶନ୍ନୋଦେବୀ ଦେବେନ୍ଦ୍ର ପ୍ରଧାନଙ୍କ ଅମର ଆତ୍ମାର ସଦଗତି ପୂର୍ବକ ବେଦମନ୍ତ୍ର ପାଠ କରି କିଛି ପୁସ୍ତକ ପ୍ରଦାନ କରିଥିଲେ । ସମସ୍ତ ବରିଷ୍ଠ ସଦସ୍ୟ ଶ୍ରୀ ପ୍ରଧାନ ଓ ତାଙ୍କ କନ୍ୟାଙ୍କୁ ମନ୍ତ୍ରପାଠ ପୂର୍ବକ ଆଶୀର୍ବାଦ ପ୍ରଦାନ କରିଥିଲେ । ଉପସଭାପତି ଇଂ ବ୍ରଜବନ୍ଧୁ ପଣ୍ଡା କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ 'ବୈଦିକ ବନ୍ଦନ' ପୁସ୍ତକ ପ୍ରଦାନ କରିଥିଲେ । ଆର୍ଯ୍ୟସମାଜ ସ୍ଥାପନାର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ସତସଙ୍ଗରେ ବରିଷ୍ଠ ସଦସ୍ୟ ସୁଧାକର ପତ୍ରୀ ଓ ନିହାରବାଳା ପତ୍ରୀ ଯଜମାନ ହୋଇଥିଲେ । ବରିଷ୍ଠ ସଦସ୍ୟ ଡାକ୍ତର ଗୋପାଳ ଚନ୍ଦ୍ର ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ପ୍ରବଚନ ପ୍ରଦାନ କରିଥିଲେ ବରିଷ୍ଠ ସଦସ୍ୟ ଇଂ ବ୍ରଜବନ୍ଧୁ ପଣ୍ଡା, ଅନିରୁଦ୍ଧ ପଟ୍ଟନାୟକ, ବଂଶୀଧର ଦାଶ ଓ ବନ୍ଦନା ମିଶ୍ର ପ୍ରମୁଖ ପ୍ରବଚନ ଦେଇଥିଲେ । ନାରୀ ଶିକ୍ଷା, ବେଦର ପୁନରୁଦ୍ଧାର ସହ କୁସଂସ୍କାର ବିରୋଧରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଯେଉଁ ଜାଗରଣ ସୃଷ୍ଟି କରିଥିଲେ ତା'ର ଫଳସ୍ୱରୂପ ୧୮୭୫ ମସିହାରେ ସେହି ଆନ୍ଦୋଳନ ସଫଳ ରୂପ ନେଇ 'ଆର୍ଯ୍ୟସମାଜ'ରେ ପରିଣତ ହୋଇଥିଲା ବୋଲି ପ୍ରବଚକ ମାନେ ମତବ୍ୟକ୍ତ କରିଥିଲେ । ନୂତନ ସଦସ୍ୟ ସୌମିତ୍ରୀ ଦେ, ସବିତା କୁମାରୀ ପଣ୍ଡା ନିଜର ଅନୁଭୂତି ପ୍ରକାଶ କରିଥିଲେ । ମମତା ମିଶ୍ର, ବନ୍ଦନା ଦାଶ, ଡାକ୍ତର ପ୍ରଜ୍ଞା ଦାସ, ନୃସିଂହ ଚରଣ ସ୍ୱାଇଁ ସହ ସମ୍ପାଦକ ସୁନୀଲ କୁମାର ଦେ ପ୍ରମୁଖ ବୈଦିକ ଭଜନ ପରିବେଷଣ କରିଥିଲେ । ଏହି ଅବସରରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ପୂର୍ବତନ ଉତ୍ତର ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ସମେତ ଆର୍ଯ୍ୟ ବୀର ଦଳ ଓ ଜିସୋଲ୍ ଅନୁଷ୍ଠାନର ସଦସ୍ୟମାନେ ଉପସ୍ଥିତ ଥିଲେ ।

### ରାମକୃଷ୍ଣ ମିଶନରେ ଆଲୋଚନାସଭା

## 'ପ୍ରଭୁ ଶ୍ରୀରାମ ନ୍ୟାୟ, ନୀତି ଏବଂ ଧର୍ମର ପ୍ରତୀକ'

**ଭୁବନେଶ୍ୱର, ୩୧।୩/ଏନ୍ଏନ୍ଏସ୍:** ଆଜି ବିବେକାନନ୍ଦ ଲାଇବ୍ରେରୀ ହଲରେ ରାମକୃଷ୍ଣ ମଠର ଅଧକ୍ଷ ସ୍ୱାମୀ ଆତ୍ମପ୍ରଭାନନ୍ଦଙ୍କ ଅଧକ୍ଷତାରେ ଭଗବାନ ଶ୍ରୀରାମ ଏବଂ ଧର୍ମର ପଥ ବିଷୟକ ଏକ ଆଲୋଚନାସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ବକ୍ତାଭାବରେ ଦୈନିକ ନିତିଦିନର ସମ୍ପାଦକ ମନୋଜ ମହାପାତ୍ର ଯୋଗଦେଇ କହିଲେ ଯେ, ପ୍ରଭୁ ଶ୍ରୀରାମ ନ୍ୟାୟ, ନୀତି ଏବଂ ଧର୍ମର ପ୍ରତୀକ । ରାମାୟଣରେ ବର୍ଣ୍ଣିତ ତାଙ୍କର ଜୀବନ ଶିଖାଏ ଯେ କିପରି କଠିନ ପରିସ୍ଥିତିରେ ମଧ୍ୟ ଧର୍ମର ପଥ ଅନୁସରଣ କରିବାକୁ ହୁଏ । ଭଗବାନ ଶ୍ରୀରାମଙ୍କୁ 'ମର୍ଯ୍ୟାଦା ପୁରୁଷୋତ୍ତମ' କୁହାଯାଏ । ତାଙ୍କର ସତ୍ୟନିଷ୍ଠା, କର୍ତ୍ତବ୍ୟପରାୟଣତା ଏବଂ ନ୍ୟାୟପରାୟଣତା ସମସ୍ତଙ୍କ ପାଇଁ ଦୃଷ୍ଟାନ୍ତମୂଳ । ଏହି ସଭାରେ ଅନ୍ୟତମ ବକ୍ତାଭାବରେ ଡାକ୍ତର ବି. ସି.ଦାସ




ଯୋଗ ଦେଇ କହିଲେ ଯେ, ଭଗବାନ ଶ୍ରୀରାମଙ୍କ ଜୀବନ ଆମକୁ ଶିଖାଏ ଯେ ଧର୍ମର ପଥ ଅନୁସରଣ କରିବା ସବୁ ସମୟରେ ସହଜ ନୁହେଁ, ଏଥିପାଇଁ ତ୍ୟାଗ, ଧୈର୍ଯ୍ୟ ଏବଂ ଦୃଢ଼ସଂକଳ୍ପର ପ୍ରୟୋଜନ । ସେ ଆମକୁ ଶିଖାଇଛନ୍ତି ଯେ ଧର୍ମ କେବଳ ମାତ୍ର ବାହ୍ୟ ଆଚରଣ ନୁହେଁ ବରଂ ଏହା ସତ୍ୟ, ନ୍ୟାୟବିଚାର ଏବଂ ନୈତିକ କର୍ତ୍ତବ୍ୟ ପ୍ରତି ଏକ ଅନ୍ତର୍ନିହିତ ପ୍ରତିଶ୍ରୁତି । ଏହି ସଭାରେ ସ୍ୱାମୀ ଅହୟାନନ୍ଦ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ପରମେଶ୍ୱର ଧଳ ଧନ୍ୟବାଦ ଜ୍ଞାପନ କରିଥିଲେ । ସଭାକୁ ଆୟୋଜନ କରିବାରେ ଜିତେନ୍ଦ୍ର ରଣା, ଅଭିମନ୍ୟୁ ନାୟକ, ରମେଶ ପ୍ରଧାନ, ବୃନ୍ଦାବନ ପଣ୍ଡା ପ୍ରଭୃତି ସହଯୋଗ କରିଥିଲେ ।

## 'ଓଡ଼ିଶାର ଉଜ୍ଜ୍ୱଳ ଭବିଷ୍ୟତକୁ ରୂପ ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ'

ଭୁବନେଶ୍ୱର,୩୧।୩/ଏନ୍ଏନ୍ଏସ୍: ଓଡ଼ିଶା ହେଉଛି ଅନେକ ସଫଳତାର ରାଜ୍ୟ । ଏହାର ଖଣିଜ-ସମୃଦ୍ଧ ଭଣ୍ଡାର ରାଜ୍ୟକୁ ଭାରତର ଏକ ପ୍ରମୁଖ ଉତ୍ପାଦନ କେନ୍ଦ୍ରରେ ପରିଣତ କରିଛି ଯାହା ସବୁଠାରୁ ସଫଳ ଶିଳ୍ପ ଇକୋସିଷ୍ଟମ ମଧ୍ୟରୁ ଗୋଟିଏ । ଏହି ପରିବର୍ତ୍ତନ ରାଜ୍ୟର ପ୍ରଗତିଶୀଳ ବ୍ୟବସାୟିକ ପରିବେଶ, ପ୍ରଚୁର ସମ୍ବଳ ଏବଂ କୁଶଳୀ ମାନବ ପୁଞ୍ଜି ଦ୍ୱାରା ପରିଚାଳିତ ହେଉଛି । ଏହି ବୃଦ୍ଧି ରାଜ୍ୟର ଧାତୁ ଏବଂ ଖଣି କ୍ଷେତ୍ର ଦ୍ୱାରା ଗୁରୁତ୍ୱପୂର୍ଣ୍ଣ ଭାବରେ ପରିଚାଳିତ । 'ଓଡ଼ିଶାରେ ଆମର ଯାତ୍ରା ପରିବର୍ତ୍ତନଶୀଳ ଠାରୁ କିଛି କମ୍ ନୁହେଁ । ଦେଶର ପ୍ରଥମ ମହିଳା ପରିଚାଳିତ ପଟଲାଇନ ସହିତ ପରମ୍ପରାକୁ ଭାଙ୍ଗିବା ଠାରୁ ଆରମ୍ଭ କରି ଆମର ଦକ୍ଷତା ବିକାଶ ଏବଂ ପରିବେଶ ପଦକ୍ଷେପ ମାଧ୍ୟମରେ ସ୍ଥାୟୀ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପର୍ଯ୍ୟନ୍ତ, ଆମେ ଓଡ଼ିଶାର ଉଜ୍ଜ୍ୱଳ ଭବିଷ୍ୟତକୁ ରୂପ ଦେବା ପାଇଁ ଗଭୀର ଭାବରେ ପ୍ରତିଶ୍ରୁତିବଦ୍ଧ ବୋଲି ବେଦାନ୍ତ ଆଲୁମିନିୟମ ମୁଖ୍ୟ ପରିଚାଳନା ଅଧିକାରୀ (ସିଓଓ) ସୁନୀଲ ଗୁପ୍ତା କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି, 'ଆମର ୧ ଲକ୍ଷ କୋଟି ଟଙ୍କାର ସଦ୍ୟତମ ନିବେଶ ଭାରତର ଶିଳ୍ପ ବିପ୍ଳବର ନେତୃତ୍ୱ ନେବାର ରାଜ୍ୟର ସାମର୍ଥ୍ୟ ଉପରେ ଆମର ସ୍ଥାୟୀ ବିଶ୍ୱାସର ପ୍ରମାଣ । ଇଣ୍ଡିଆନ୍ ମିନେରାଲସ୍ ଇୟରବୁକ୍ ୨୦୨୧ ଅନୁଯାୟୀ, ଦେଶର ବକ୍ସାଇଟ୍ (ଆଲୁମିନିୟମ୍ ଧାତବ) ସମ୍ବଳର ୪୧ ପ୍ରତିଶତ ଏହି ରାଜ୍ୟରେ ରହିଛି, ଯାହା ଏହାକୁ ବିଶ୍ୱ ଆଲୁମିନିୟମ୍ ମୂଲ୍ୟ ଶୃଙ୍ଖଳା ପାଇଁ ଏକ ଅତ୍ୟାବଶ୍ୟକ ହବ୍‌ରେ ପରିଣତ କରିଛି । ରାଜ୍ୟର ସର୍ବବୃହତ ନିବେଶକ ଭାବରେ ସ୍ଥିତି ଦ୍ୱାରା ୧ଲକ୍ଷ କୋଟି ଟଙ୍କାର ମିଳିତ ବିନିଯୋଗ ସହିତ ସ୍ପଷ୍ଟ ହୋଇଛି । ଝାରସୁଗୁଡ଼ାରେ ବେଦାନ୍ତର ବାର୍ଷିକ ୧୮ ଲକ୍ଷ ଟନ୍ ସ୍ମେଲ୍ଟର ସୁବିଧା ବିଶ୍ୱର ସର୍ବବୃହତ ଏବଂ ସମ୍ମାନଜନକ ବିଶ୍ୱସ୍ତରୀୟ ୧ ନିୟୁତ ଟନ୍ କ୍ଲବରେ ଏକମାତ୍ର ଭାରତୀୟ ସ୍ମେଲ୍ଟର ଭାବରେ ଛିଡ଼ା ହୋଇଥିବାବେଳେ କମ୍ପାନୀ ଓଡ଼ିଶାର କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ରେ ଏକ ବିଶ୍ୱସ୍ତରୀୟ ୩.୫ ଏମଟିପିଏ ଆଲୁମିନା ବିଶୋଧନାଗାର ମଧ୍ୟ ପରିଚାଳନା କରୁଛି । ଏହା ବ୍ୟତୀତ ବେଦାନ୍ତ ଓଡ଼ିଶାର ଅନେକ ଜିଲ୍ଲାରେ ଖଣି ଖନନ କାର୍ଯ୍ୟ ମଧ୍ୟ ଆରମ୍ଭ କରିଛି । ଯେଉଁଥିରେ ୧୦,୦୦୦ ଜୀବିକା ସୁଯୋଗ ସୃଷ୍ଟି କରିବାର କ୍ଷମତା ରହିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବେଦାନ୍ତ ଅଧକ୍ଷ ଅନିଲ ଅଗ୍ରୱାଲଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ହୋଇଥିବା ଏହି ରାଜିନାମା ଝାରସୁଗୁଡ଼ାରେ ୩ ଏମଟିପିଏ ଆଲୁମିନିୟମ ପ୍ଲାଣ୍ଟ ଏବଂ ଏକ ଅତ୍ୟାଧୁନିକ ଆଲୁମିନିୟମ ପାର୍କର ବିକାଶକୁ ଚିହ୍ନିତ କରେ । ଏହି ପାର୍କ ୧୦୦ରୁ ଅଧିକ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏବଂ ଏମ୍ଏସ୍ଏମ୍‌ଇ ଗୁଡ଼ିକୁ ଆକୃଷ୍ଟ କରିବ, ଯାହାଦ୍ୱାରା ୨ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଜୀବିକା, ଶିକ୍ଷା, ସ୍ୱାସ୍ଥ୍ୟସେବା, ଭିତ୍ତିଭୂମି, ତୃଣମୂଳ କ୍ରୀଡ଼ା ଏବଂ ସାଂସ୍କୃତିକ ବିକାଶ ଭଳି ପ୍ରମୁଖ କ୍ଷେତ୍ର ଉପରେ ଧ୍ୟାନ ଦେଇଥାଏ । ଏହାବ୍ୟତୀତ ୫୩୧ ଟି ନନ୍ଦ ଘର ପ୍ରତିଷ୍ଠା-ମହିଳା ଏବଂ ଆଧୁନିକ ଅଙ୍ଗନୱାଡି କେନ୍ଦ୍ର ପ୍ରତିଷ୍ଠା ହୋଇଛି । ଏହାବ୍ୟତୀତ ବାର୍ଷିକ ୬୭,୦୦୦ରୁ ଅଧିକ ଲୋକଙ୍କୁ ମାଗଣା ଚିକିତ୍ସା ସେବା ପ୍ରଦାନ ମଧ୍ୟ ହେଉଛି ।

## ବାଲିଦ୍ୱୀପରେ ଓଡ଼ିଶା ମାଟିର ମହକ

**ଭୁବନେଶ୍ୱର, ୩୧।୩/ଏନ୍ଏନ୍ଏସ୍:** ପ୍ରାଚୀନ କାଳରୁ କଳିଙ୍ଗର ଅଧିବାସୀମାନେ ପାଲଟଣା ଜାହାଜରେ ଦରିଆପାରି ହୋଇ ଦକ୍ଷିଣପୂର୍ବ ଏସିଆ ବିଶେଷତଃ ବାଲିଦ୍ୱୀପକୁ ଯାଇ ପାରସ୍ପରିକ ବାଣିଜ୍ୟିକ ଓ ସାଂସ୍କୃତିକ ସମ୍ପର୍କକୁ ଦୃଢ଼ିଭୂତ କରିଥିଲେ । ଏହାଦ୍ୱାରା ବାଲିଦ୍ୱୀପର ଅଧିବାସୀମାନଙ୍କ ଉପରେ କଳିଙ୍ଗର ପ୍ରଭାବ ପଡିଥିଲା, ଯାହା ଏବେବି ବହୁଭାବେ ପରିଲକ୍ଷିତ ହୁଏ । ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାଚୀନ ଭାରତ ଇତିହାସ ସଂସ୍କୃତି ଓ ପ୍ରତ୍ନତତ୍ତ୍ୱ ବିଭାଗ ଆନୁକୂଲ୍ୟରେ ମାର୍ଚ୍ଚ ୨୯ ଓ ୩୦ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା ଅନ୍ତର୍ଜାତୀୟ ଅଲୋଚନାଚକ୍ରର ଉଦଘାଟନୀ ଉତ୍ସବରେ ଅତିଥିମାନେ ଏହିପରି ମତବ୍ୟକ୍ତ କରିଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଏହାକୁ ଉଦଘାଟନ କରି ପ୍ରାଚୀନ କାଳରେ କଳିଙ୍ଗର ଦକ୍ଷିଣପୂର୍ବ ଏସୀୟ ଦେଶ ଗୁଡିକ ସହ କିପରି ନିବିଡ ସମ୍ପର୍କ ଥିଲା ତାହା ଦର୍ଶାଇଥିଲେ । ଅନ୍ୟତମ ବିଶିଷ୍ଟ ଅତିଥି ଓଡିଶାର ପୂର୍ବତନ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ତଥା ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ ବାଲିଦ୍ୱୀପରେ ତାଙ୍କର ଅବସ୍ଥାନ ସମୟରେ ସେଠାକାର ଅଧିବାସୀମାନଙ୍କର ସଂସ୍କୃତିସହ ଓଡିଶାର ଅଧିବାସୀମାନଙ୍କ ସଂସ୍କୃତିରେ କିପରି ଅନେକ



ସାମଞ୍ଜସ୍ୟ ରହିଛି, ତାହା ନିଜର ବର୍ଣ୍ଣନା କରିବା ସଙ୍ଗେସଙ୍ଗେ କଟକ ବାଲିଯାତ୍ରାର ଐତିହାସିକ ତାତ୍ପର୍ଯ୍ୟ ବଖାଣିଥିଲେ । ଆନ୍ଧ୍ର ବିଶ୍ୱବିଦ୍ୟାଳୟର ପ୍ରଫେସର କୋଲୁର ସୂର୍ଯ୍ୟନାରାୟଣ ଅନ୍ୟତମ ଅତିଥିଭାବେ ଯୋଗଦେଇ ଆନ୍ଧ୍ରରେ ଆବିଷ୍କୃତ ଅନେକ ଶିଳାଲେଖ ଗୁଡିକରେ ଦକ୍ଷିଣପୂର୍ବ ଏସୀୟ ଦେଶମାନଙ୍କରେ ପ୍ରାଚୀନ କଳିଙ୍ଗ କିପରି ରାଜନୈତିକ ଆଧିପତ୍ୟ ବିସ୍ତାର କରିଥିଲା ତାର ସୂଚନା ମିଳେ ବୋଲି ଦର୍ଶାଇଥିଲେ । ମୁଖ୍ୟବକ୍ତା ରୂପେ ଶ୍ରୀଲଙ୍କାସ୍ଥିତ ଶ୍ରୀଜୟବର୍ଦ୍ଧେନପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଗାମିନି ରଣସିଂଘେ ଆଲୋଚନାଚକ୍ରରେ ଯୋଗଦେଇ ପ୍ରାଚୀନ ଓଡିଶାସହ କିପରି ଶ୍ରୀଲଙ୍କାର ରାଜନୈତିକ ଓ ସାଂସ୍କୃତିକ ସଂପର୍କ ଥିଲା ତାର ସମୀକ୍ଷା କରିଥିଲେ । ଆଲୋଚନାଚକ୍ରର ଅନ୍ୟତମ ଅତିଥି ପ୍ରଫେସର ସଞ୍ଜୟ ଆଚାର୍ଯ୍ୟ ଭାରତର ଦକ୍ଷିଣପୂର୍ବ ଏସୀୟ ଦେଶମାନଙ୍କସହ ଥିବା ସଂପର୍କର ଏକ ଐତିହାସିକ ଅନୁଶୀଳନ କରିଥିଲେ । ଏହି ଅନ୍ତର୍ଜାତୀୟ ଆଲୋଚନାଚକ୍ରର ଦ୍ୱିତୀୟ ଦିବସର ଉଦଯାପନୀ ଉତ୍ସବରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଅମିୟ କୁମାର ପଟ୍ଟନାୟକ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଡକ୍ଟର ଅଶୋକ ନାଥ ପରିଡା ମୁଖ୍ୟ ବକ୍ତା ଓ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଆଲୋଚନାଚକ୍ରରେ ନିର୍ଦ୍ଦେଶକ ଡ. ଅନାମ ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭାଗୀୟ ଅଧ୍ୟାପକ ଡ. ସୁଶାନ୍ତ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଶ୍ରୀଲଙ୍କା ଓ ଇଣ୍ଡୋନେସିଆ ତଥା ଭାରତର ବିଭିନ୍ନ ରାଜ୍ୟରୁ ଆସିଥିବା ଅନେକ ଗବେଷକ ନିଜର ଗବେଷଣା ମୂଳକ ନିବନ୍ଧ ଉପସ୍ଥାପନ କରିଥିଲେ ।

## କାର୍ ଧକ୍କାରେ ବୃଦ୍ଧା ମୃତ

**ରଙ୍ଗେଇଲୁଣ୍ଡା,୩୧।୩/ଏନ୍ଏନ୍ଏସ୍:** ଗୋଳନ୍ଥରା ଥାନା ଅନ୍ତର୍ଗତ କନିଷି ହାଟ ୧୬ ନଂ ଜାତୀୟ ରାଜପଥ ପାର ହେଉଥିବା ଜଣେ ବୃଦ୍ଧାଙ୍କୁ କାର ଧକ୍କା ଦେବା ଫଳରେ ତାଙ୍କର ମୃତ୍ୟୁ ଘଟିଛି । ମୃତ ବୃଦ୍ଧା ଜଣଙ୍କ ହେଲେ ଜରଡ଼ା ଥାନା ଅଧୀନ ଖମ୍ବାରି ଗାଁର ବାସନ୍ତୀ ସାହୁ (୭୦) । ସୂଚନା ଅନୁଯାଇ, ବାସନ୍ତୀ ଗତକାଲି ସକାଳୁ ଖମ୍ବାରି ଗାଁରୁ ଏକ ବସରେ ବସି ଗୋଳନ୍ଥରା ଥାନା ଅଧୀନ କୁଠାରଶିଙ୍ଗୀ ଆସୁଥିବା ବେଳେ ଭୁଲ ବଶତଃ ଗୋଳନ୍ଥରା ଠାରେ ଓହ୍ଲାଇବା ପରିବର୍ତ୍ତେ କନିଷି ହାଟକୁ ଚାଲି ଯାଇଥିଲେ । ସେଠାରୁ ଓହ୍ଲାଇ ରାସ୍ତା ପାର ହେଉଥିବା ବେଳେ ଏକ କାର ଇଚ୍ଛାପୁର ପଟୁ ଆସି ତାଙ୍କୁ ଧକ୍କା ଦେଇଥିଲା । ବୃଦ୍ଧା ଜଣଙ୍କ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ପୁଲିସ ଶବ ବ୍ୟବଚ୍ଛେଦ କରି ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିବା ସୂଚନା ମିଳିଛି ।

### ଚଳାପଥର ୫୧ତମ ହୀରକ ଜୟନ୍ତୀ ପ୍ରାରମ୍ଭ ସାହିତ୍ୟୋତ୍ସବ

## 'ଜୀବନଧର୍ମୀ ସାହିତ୍ୟ ସୃଷ୍ଟିହେବା ଉଚିତ୍'

**ଭୁବନେଶ୍ୱର,୩୧।୩/ଏନ୍ଏନ୍ଏସ୍:** ମାନବବୋଧତାର ମୂଲ୍ୟବୋଧକୁ ନେଇ ଜୀବନଧର୍ମୀ ସାହିତ୍ୟ ସୃଷ୍ଟି ହେବା ଉଚିତ୍ ବୋଲି ସାହିତ୍ୟିକ, ସାମ୍ବାଦିକ ଓ ଓଡ଼ିଶା ସାମ୍ବାଦିକ ସଂଘର ସଭାପତି ପ୍ରସନ୍ନ ମହାନ୍ତି ଚଳାପଥର ୫୧ତମ ହୀରକ ଜୟନ୍ତୀ ପ୍ରାରମ୍ଭ ସାହିତ୍ୟୋତ୍ସବକୁ ଉଦ୍‌ଘାଟନ କରି ମତବ୍ୟକ୍ତ କରିଛନ୍ତି । ଚଳାପଥ ଏକ ଅର୍ଦ୍ଧଶତାବ୍ଦୀର ସାମାଜିକ, ସାହିତ୍ୟ ଓ ସଂସ୍କୃତି ଇତିହାସର ପୃଷ୍ଠାକୁ ସମୃଦ୍ଧ କରିଆସିଛି ବୋଲି ସେ କହିଥିଲେ । ଚଳାପଥର ସଭାପତି ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଚଳାପଥର ପ୍ରତିଷ୍ଠାତା ସମ୍ପାଦକ ହଳଧର ଧୀର ଚଳାପଥ ଅର୍ଦ୍ଧଶତାବ୍ଦୀର ଇତିହାସ ବର୍ଣ୍ଣନା କରିଥିଲେ । ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ପ୍ରଶାସନିକ ସେବାର ବରିଷ୍ଠ ପ୍ରଶାସକ, କଳିଙ୍ଗ ନଗରର ପ୍ରାକ୍ତନ ଅତିରିକ୍ତ ଜିଲ୍ଲାପାଳ, ସାହିତ୍ୟିକ ବରିଷ୍ଠ ଅଭିନେତା ସନ୍ତୋଷ କୁମାର ମିଶ୍ର କହିଲେ ଯେ ସାମ୍ପ୍ରତିକ ସାହିତ୍ୟର ଗତି ଓ ପ୍ରଗତି ଗୋଟିଏ ସୁସ୍ଥ ଓ ନିର୍ମଳ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ଉପରେ ନିର୍ଭର କରେ । ଅନ୍ୟମାନଙ୍କ ମଧ୍ୟରେ ଜାତୀୟ ମାନବ ଅଧିକାର ଆୟୋଗ ନୂଆଦିଲ୍ଲୀ କୋର ଗ୍ରୁପ ସଦସ୍ୟ ମନୋଜ କୁମାର ଜେନା, ଓଡ଼ିଶା



ହାଇକୋର୍ଟର ବରିଷ୍ଠ ଆଇନଜୀବୀ ତଥା ସମାଜସେବୀ କବୀର କୁମାର ଜେନା, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ବିଶିଷ୍ଟ ସାହିତ୍ୟିକ ସରୋଜ କୁମାର ଶତପଥି, ବେଙ୍ଗାଲୁରୁର ନିଉଜ୍ ସେଭେନ୍ ଓଡ଼ିଆ ଚ୍ୟାନେଲର ଦକ୍ଷିଣ ଭାରତ ମୁଖ୍ୟ ରଞ୍ଜନ କୁମାର ଆଚାର୍ଯ୍ୟ, ପ୍ରଫେସର୍ ଡ. ନୃସିଂହ ଚରଣ ସାହୁ, ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା, ସ୍ମୃତିଲିପିର ସମ୍ପାଦକ ତଥା ଚଳାପଥର ଉପସଭାପତି ଭୁବନ ମୋହନ ମହାନ୍ତି ପ୍ରମୁଖ ଯୋଗ ଦେଇ କହିଥିଲେ ଯେ ସମାଜର ବାସ୍ତବ ଚିତ୍ରକୁ ନେଇ ସାହିତ୍ୟ ସୃଷ୍ଟି ହେବା ଉଚିତ୍ । ମୁଖ୍ୟଅତିଥି ଓ ଅତିଥିମାନଙ୍କ ଦ୍ୱାରା ବିଜୟଲକ୍ଷ୍ମୀ ମହାନ୍ତିପଟ୍ଟନାୟକଙ୍କ ଆଧ୍ୟାତ୍ମିକ ପୁସ୍ତକ ଈଶ୍ୱର ଆରାଧ ଠାକୁର ଶ୍ରୀଜଗନ୍ନାଥ ଉନ୍ମୋଚିତ ହୋଇଥିଲା । ଅତିଥି କବି ବୀଣାପାଣି ଚୌଧୁରୀ ଓ କବି ମଧୁସ୍ମିତା ଶା'ଙ୍କ ସଂଯୋଜନାରେ ଏକ ମନୋଜ୍ଞ କବିତା ପାଠୋତ୍ସବ ହୋଇଥିଲା । ସାରସ୍ୱତ ମହୋତ୍ସବରେ ଧରିତ୍ରୀର ବରିଷ୍ଠ ସହ ସମ୍ପାଦକ ସଂଘମିତ୍ରା ମହାନ୍ତି, ଧରିତ୍ରୀର ବରିଷ୍ଠ ସାମ୍ବାଦିକ ଅନିଲ କୁମାର ଦାସଙ୍କୁ ଚଳାପଥ ସମ୍ମାନ ୨୦୨୪ପ୍ରଦାନ କରାଯାଇଥିବାବେଳେ ବରିଷ୍ଠ ଅସ୍ଥିଶଲ୍ୟ ଚିକିତ୍ସକ ଡାକ୍ତର ଶରତ ଚନ୍ଦ୍ର ମିଶ୍ର, ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ କବୀର କୁମାର ଜେନା, ଗବେଷକ ଡକ୍ଟର ମିହିର କୁମାର ପଟ୍ଟନାୟକ, ସେବା, କଳା, ସାହିତ୍ୟ, ସଂସ୍କୃତିର ପୂଜାରୀ ଦେବାଶିଷ ପାଢ଼ୀ, ବ୍ୟଙ୍ଗ କବି ଅଖିଳ ମୋହନ ଦାଶ, ବରିଷ୍ଠ ସାମ୍ବାଦିକ ଆଦିତ୍ୟ କୁମାର ମେକାପ, ବରିଷ୍ଠ ଆଇନଜୀବୀ ବିଶ୍ୱମ୍ବର ସାମଲ, ସମାଜସେବୀ ଲିଳିତ କୁମାର ବଳିୟାରସିଂହ, ସାହିତ୍ୟିକ ପବିତ୍ର ମୋହନ ରାଉତରାୟ, ସାମ୍ବାଦିକ ସୁଜାତା ସିଂହ ପ୍ରମୁଖଙ୍କୁ ଚଳାପଥ ସମ୍ମାନ୨୦୨୫ ପ୍ରଦାନ କରାଯାଇଥିଲା ।

### ଆଉ ଦୁଇଦିନ ପରେ ମା' ବୁଢ଼ୀ ଠାକୁରାଣୀ ଯାତ୍ରା

## ସଜେଇ ହେଉଛି ମା'ଙ୍କ ଅସ୍ଥାୟୀ ମଣ୍ଡପ

**ବ୍ରହ୍ମପୁର,୩୧।୩/ଏନ୍ଏନ୍ଏସ୍:** ଆଉ ମାତ୍ର ଦୁଇ ଦିନ ପରେ ଆରମ୍ଭ ହେବ ବ୍ରହ୍ମପୁରର ପ୍ରସିଦ୍ଧ ମା' ବୁଢ଼ୀ ଠାକୁରାଣୀ ଯାତ୍ରା । ପ୍ରତି ଦୁଇ ବର୍ଷରେ ଥରେ ଅନୁଷ୍ଠିତ ଯାତ୍ରାକୁ ନେଇ ଦେଖାଦେଇଛି ଲୋକଙ୍କ ମଧ୍ୟରେ ଉତ୍ସାହ । ଯାତ୍ରା କମିଟି ପକ୍ଷରୁ ଜୋରସୋରରେ ଚାଲିଛି ପ୍ରସ୍ତୁତି । ବଡ ବଜାର ଅଞ୍ଚଳ ଦେଶୀବେହେରା ସାହିସ୍ଥିତ ମା'ଙ୍କ ଅସ୍ଥାୟୀ ପୀଠର କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଜଣାପଡିଛି । ସଜେଇ ହେଲାଣି ମା'ଙ୍କ ଅସ୍ଥାୟୀ ପୀଠ । ଆସନ୍ତା ୩ ତାରିଖରେ ବିରାଟ ପଟୁଆରରେ ଶାଶୂ ଘର ନିଜ ସ୍ଥାୟୀ ମନ୍ଦିରରୁ ମା' ବାପ ଘର ସମ୍ମୁଖରେ ପ୍ରସ୍ତୁତ ହେଉଥିବା ଅସ୍ଥାୟୀ ମଣ୍ଡପକୁ ଆସିବେ । ମା'ଙ୍କୁ ସ୍ୱାଗତ କରିବା ପାଇଁ ଚାତକ ପରି ଚାହିଁ ରହିଛନ୍ତି ସହରବାସୀ । ପାରମ୍ପରିକ ସିଦ୍ଧାନ୍ତ ଅନୁସାରେ ଏପ୍ରିଲ ୩ ତାରିଖରୁ ମା'ଙ୍କ ଯାତ୍ରା ଆରମ୍ଭ ହୋଇ ୨୮ ତାରିଖରେ ଶେଷ ହେବ । ମା' ଅସ୍ଥାୟୀ ପୀଠରେ ୨୬ ଦିନ ଧରି ପୂଜା ପାଇବା ପରେ ପୁଣି ନିଜ ସ୍ଥାୟୀ ମନ୍ଦିରକୁ ଫେରିବେ । ଏହି ସମୟ ମଧ୍ୟରେ ମା' ବୁଢ଼ୀ ଠାକୁରାଣୀ ବିଭିନ୍ନ ସାହି ପରିକ୍ରମା କରି ଭୋଗ ଖାଇବା ସହ ଭକ୍ତଙ୍କୁ ଦର୍ଶନ ଦେବେ । ଅସ୍ଥାୟୀ ପୀଠରେ ମା'ଙ୍କ ସନ୍ଧ୍ୟା ଆଳତୀ ଦେଖିବାକୁ ଭକ୍ତଙ୍କ ପ୍ରବଳ ଭିଡ ଜମିବ । ଅନ୍ୟପକ୍ଷରେ ଭକ୍ତଙ୍କୁ ଆକର୍ଷିତ କରିବା ପାଇଁ ପ୍ରତି ସାହି ସାହିରେ ମେଢ, କଳାକୁଞ୍ଜ ପ୍ରସ୍ତୁତି ଚାଲିଛି । ବିଭିନ୍ନ ରଙ୍ଗବେରଙ୍ଗର ଆଲୋକମାଳାରେ ଝଲସି ଉଠିବ ସାହି, ଗଳିକନ୍ଦି । ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ ହେବ ବୋଲି ଜଣାପଡିଛି । ଅନ୍ୟପକ୍ଷରେ ଯାତ୍ରା ଅବସରରେ ପୂର୍ବବର୍ଷ ଭଳି ମୀନା ବଜାର ଲାଗିବା କାର୍ଯ୍ୟକ୍ରମ ରହିଛି । ଶିଶୁଙ୍କ ମନୋରଞ୍ଜନ ପାଇଁ ଏଠାରେ ବିଭିନ୍ନ ଦୋଳି ସହ ଖେଳନା ଓ ଘରକରଣା ସାମଗ୍ରୀର ବିକ୍ରି ବଟା ହେବ । ଷ୍ଟଲ୍ ଗୁଡିକରେ ବିଭିନ୍ନ ବ୍ୟଞ୍ଜନର ଖାଦ୍ୟ ସାମଗ୍ରୀର ପସରା ପଡିବ । ଏସବୁର ମଜା ଉଠାଇବା ପାଇଁ ସହରବାସୀଙ୍କ ମଧ୍ୟରେ ଏବେଠୁ ଉତ୍ସାହ ଦେଖାଦେଲାଣି । ମାନସିକଧାରୀ ବ୍ୟକ୍ତିମାନେ ବିଭିନ୍ନ ବେଶ ଧାରଣ କରିବେ । ଅନ୍ୟପକ୍ଷରେ ମା'ଙ୍କ ଆଶୀର୍ବାଦ ଓ ଦର୍ଶନ ଲାଭ ପାଇଁ ଭକ୍ତଙ୍କ ପ୍ରବଳ ଭିଡ ଜମିବ । ମା'ଙ୍କୁ ଶୃଙ୍ଖଳିତ ଦର୍ଶନ ଓ ଭିଡକୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ୍ ପ୍ରଶାସନ ପକ୍ଷରୁ ଚାଲିଛି ପ୍ରସ୍ତୁତି ।



## ସ୍ୱର୍ଣ୍ଣିମ ସକାଳର ସୂର୍ଯ୍ୟୋଦୟ

# ସମୃଦ୍ଧି ପଥେ ଆମ ଓଡ଼ିଶା



## ସଶକ୍ତ ନାରୀ, ବିକଶିତ ଓଡ଼ିଶା

- 'ସୁଭଦ୍ରା'ରେ ବର୍ତ୍ତମାନ ସୁଦ୍ଧା ୧ କୋଟିରୁ ଅଧିକ ଯୋଗ୍ୟ ମହିଳା ସାମିଲ୍; ଦୁଇଟି କିସ୍ତିରେ ବିତରଣ କରାଯାଇଛି ୯,୯୭୦ କୋଟିରୁ ଅଧିକ ଟଙ୍କା
- **'ଲକ୍ଷପତି ଦିଦି'** ପରିଚାଳନାରେ ଓଡ଼ିଶା ସାରା ଦେଶରେ ଦ୍ୱିତୀୟ; ଓଡ଼ିଶାର ୧୧.୫ ଲକ୍ଷରୁ ଅଧିକ ମହିଳା ଏବେ ବାର୍ଷିକ ୧ ଲକ୍ଷ କିମ୍ବା ତାହାଠାରୁ ଅଧିକ ଆୟ କରି, ଏକ ସୁନିଶ୍ଚିତ ଓ ବିକଶିତ ଭବିଷ୍ୟତ ଦିଗରେ ଅଗ୍ରସର
- ଆର୍ଥିକ ଦୁଃସ୍ଥ ପରିବାରର ଝିଅମାନଙ୍କୁ ସମ୍ମାନର ସହ ବିବାହ କରାଇବା ପାଇଁ ନୂତନ ଭାବେ ପ୍ରଣୀତ **'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା'**

## ଶିକ୍ଷାରେ ଉନ୍ନତି, ରାଜ୍ୟର ପ୍ରଗତି

- ଆଜିଠାରୁ ରାଜ୍ୟର ପ୍ରାଥମିକ ବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଲା **'ଜାତୀୟ ଶିକ୍ଷା ନୀତି, ୨୦୨୦'**
- ଗୁଣାତ୍ମକ ଶିକ୍ଷାକୁ ସୁନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ପ୍ରତିଷ୍ଠା ହେବ **'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ'**
- **'ମଧ୍ୟାହ୍ନ ଭୋଜନ'**ରେ ସାମିଲ୍ ହେବେ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ
- **'ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, ୧୯୮୯'** ଅନୁସାରେ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକ ହେବ ସ୍ୱୟଂଶାସିତ

## ସୁସ୍ଥ ଓଡ଼ିଶା, ସମୃଦ୍ଧ ଓଡ଼ିଶା

- **'ଆୟୁଷ୍ମାନ୍ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା'**ରେ ସାମିଲ୍ ହେଲା ଓଡ଼ିଶା; ଦେଶର ୨୯ ହଜାରରୁ ଅଧିକ ଡାକ୍ତରଖାନାରେ ପ୍ରାୟ ୧ କୋଟିରୁ ଅଧିକ ପରିବାରକୁ ନଗଦ ବିହୀନ ଚିକିତ୍ସା ଯୋଗାଇବା ପାଇଁ ଏବି-ପିଏମ୍‌ଜେଏୱାଇ ସହିତ ସଂଯୁକ୍ତ

## ନିଯୁକ୍ତିରେ ନୂଆ ସମ୍ଭାବନା

- **ସରକାରୀ ନିଯୁକ୍ତି ଅଭିଯାନ :** ୫ ବର୍ଷରେ ୧.୫ ଲକ୍ଷ ସରକାରୀ ଚାକିରି, ପ୍ରଥମ ଦୁଇ ବର୍ଷରେ ୬୫ ହଜାର ପଦବୀ ପୂରଣ ଲକ୍ଷ୍ୟ ।
- ପୂର୍ବତନ ଅଗ୍ନିବୀରମାନଙ୍କୁ ୧୦% ସଂରକ୍ଷଣ ସହ ୩ ବର୍ଷ ବୟସ ସୀମା ଛାଡ଼ ଏବଂ ରାଜ୍ୟର ୟୁନିଫର୍ମ୍ ସେବାର ସମସ୍ତ 'ଗ' ଓ 'ଘ' ବର୍ଗ ପଦବୀରେ ନିଯୁକ୍ତି ପାଇଁ ଶାରୀରିକ ଦକ୍ଷତା ପରୀକ୍ଷାରୁ ମୁକ୍ତି
- ଆଗାମୀ ୨ ବର୍ଷ ମଧ୍ୟରେ ବୟନ ଶିଳ୍ପ କ୍ଷେତ୍ରରେ ୫୦ ହଜାର ନୂତନ ନିଯୁକ୍ତି ସୁଯୋଗ
- ସୂଚନା ପ୍ରଯୁକ୍ତି ଓ ଏହାର ସମର୍ଥିତ ସେବା କ୍ଷେତ୍ରରେ ଆଗାମୀ ୫ ବର୍ଷ ମଧ୍ୟରେ ୫୦ ହଜାର ନୂତନ ନିଯୁକ୍ତି ସୁଯୋଗ

## ଉନ୍ନତ କୃଷି ଓ ସମର୍ଥ ଚାଷୀ

- **ସମୃଦ୍ଧ କୃଷକ ଯୋଜନା:** ଧାନପାଇଁ ଏମ୍‌ଏସ୍‌ପି ଉପରେ ଇନ୍‌ପୁଟ୍ ସହାୟତା ସହ କୁଇଣ୍ଟାଲ୍ ପିଛା ୩,୧୦୦ ଟଙ୍କାରେ କ୍ରୟ; ୨୦୨୫-୨୬ ଆର୍ଥିକ ବର୍ଷରେ ୬,୦୦୦ କୋଟି ଟଙ୍କାର ବ୍ୟୟ ବରାଦ ; ଉପକୃତ ହେବେ ପ୍ରାୟ ୧୮ ଲକ୍ଷ ଚାଷୀ
- ଚଳିତ ଖରିଫ ଋତୁରେ ରେକର୍ଡ ପରିମାଣର ଧାନ ୧୬.୫୯ ଲକ୍ଷ ଚାଷୀଙ୍କଠାରୁ ପ୍ରାୟ ୭୩.୪୪ ଲକ୍ଷ ମେଟ୍ରିକ୍ ଟନ ଧାନ ସଂଗ୍ରହ
- ସର୍ବନିମ୍ନ ସହାୟକ ମୂଲ୍ୟ ବାବଦରେ ୧୬,୮୯୦ କୋଟି ଟଙ୍କା ଏବଂ ଇନ୍‌ପୁଟ ସହାୟତା ଭାବେ ୫,୮୭୫ କୋଟି ଟଙ୍କା ପ୍ରଦାନ
- ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ୨୦୨୪ ଖରିଫ ଋତୁ ପାଇଁ ୨୨.୫୩ ଲକ୍ଷ ଏବଂ ୨୦୨୪-୨୫ ରବି ଋତୁ ପାଇଁ ୧.୮୩ ଲକ୍ଷ ଚାଷୀ ପଞ୍ଜୀକୃତ
- **ପିଏମ୍ - କିଷାନ୍:** ସମସ୍ତ ଯୋଗ୍ୟ ଓ ବାଦ୍ ପଡିଥିବା ହିତାଧିକାରୀଙ୍କୁ ସାମିଲ୍ କରିବା ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ; ନିକଟ ଅତୀତରେ ପ୍ରାୟ ୫ ଲକ୍ଷ ନୂଆ ଚାଷୀ ହୋଇଛନ୍ତି ଲାଭାନ୍ୱିତ
- **ଶୀତଳ ଭଣ୍ଡାର ନୀତି:** ୫୮ ସବ୍ ଡିଭିଜନ୍‌ରେ ଅତିକମ୍‌ରେ ଗୋଟିଏ ଲେଖାଏଁ ନୂତନ ଶୀତଳ ଭଣ୍ଡାର
- ରାଜ୍ୟର ଦୁଗ୍ଧ ଚାଷୀଙ୍କ ହିତ ସାଧନ ଓ ଦୈନିକ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ **'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା'**
- ସମୁନ୍ନତ ମାଛ ଚାଷ ପାଇଁ ସମ୍ବଲପୁରଠାରେ ଅତ୍ୟାଧୁନିକ ସମନ୍ୱିତ ଆକ୍ୱାପାର୍କ ନିର୍ମାଣ ନିଷ୍ପତ୍ତି
- ୪୬ ବର୍ଷ ପରେ ହୀରାକୁଦ କେନାଲ ବ୍ୟବସ୍ଥାର ହେବ ପୁନରୁଦ୍ଧାର, ୮୫୫ କୋଟି ଟଙ୍କାର ବ୍ୟୟ ବରାଦ
- ୩୦୦ କୋଟି ଟଙ୍କା ବ୍ୟୟ ଅଟକଳ ବିଶିଷ୍ଟ **'ବଲାଙ୍ଗିର ଉପର ଲାନ୍ଥ ଜଳସେଚନ ପ୍ରକଳ୍ପ'**ର ଶିଳାନ୍ୟାସ
- ରାସନ୍ କାର୍ଡ଼ ତଥ୍ୟାବଳୀକୁ ସ୍ୱଚ୍ଛ ଓ ପାରଦର୍ଶୀ କରିବା ନିମନ୍ତେ ୩,୦୨,୨୪,୫୯୨ ହିତାଧିକାରୀଙ୍କ ଇ-କେ.ୱାଇ.ସି ଯାଞ୍ଚ ସମ୍ପନ୍ନ

## ବିକଶିତ ସହର, ସମୃଦ୍ଧ ଓଡ଼ିଶା

- **ପିଏମ୍ ଇ-ବସ୍ ସେବା:** ଭୁବନେଶ୍ୱର, କଟକ, ସମ୍ବଲପୁର, ରାଉରକେଲା ଓ ବ୍ରହ୍ମପୁରରେ ଖୁବଶୀଘ୍ର ଚଳାଚଳ କରିବ ୪୦୦ ଇ-ବସ୍
- **ଓଡ଼ିଶା ଯାତ୍ରୀ ଆପ୍ କାର୍ଯ୍ୟକ୍ଷମ:** ସହରାଞ୍ଚଳ ପରିବହନରେ ଆସିଲା ପରିବର୍ତ୍ତନ; ଲୋକଙ୍କୁ ମିଳିଲା, ସୁରକ୍ଷିତ, ସୁଲଭ ଓ ସୁବିଧାଜନକ ଅଟୋ/କ୍ୟାବ୍ ସେବା
- **ନ୍ୟୁ ସିଟି, ଭୁବନେଶ୍ୱର :** ୮୦୦ ଏକର ଜମିରେ ନୂତନ ସହର ନିର୍ମାଣ ପାଇଁ ଆଗୁଆ ଯୋଜନା

## ପ୍ରଗତିର ପରିଭାଷା : ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ

- **ସେତୁ ବନ୍ଧନ ଯୋଜନା :** ଗ୍ରାମାଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି ପାଇଁ ୨୦୨୯ ସୁଦ୍ଧା ୫୦୦ ନୂତନ ସେତୁ ନିର୍ମାଣ ଲକ୍ଷ୍ୟ, ୧୪୯ ସେତୁ ନିର୍ମାଣ ସଂପୂର୍ଣ୍ଣ, ୨୩୧ ନିର୍ମାଣାଧୀନ
- **ସେତୁ ତଥା ଆଡ଼ିବନ୍ଧ :** ୨୦୨୪-୨୦୨୫ ଆର୍ଥିକ ବର୍ଷରେ ୩୩ ପ୍ରକଳ୍ପ ସଂପୂର୍ଣ୍ଣ, ୭୧ଟି ନିର୍ମାଣାଧୀନ
- **ପ୍ରଧାନମନ୍ତ୍ରୀ ଜନମନ :** ବିଶେଷ ଭାବେ ଅନୁନ୍ନତ ଜନଜାତି ଗୋଷ୍ଠୀ (ପିଭିଟିଜି) ଅଧ୍ୟୁଷିତ ଅଞ୍ଚଳ ପାଇଁ ୬୯ଟି ରାସ୍ତା ଓ ୪ଟି ସେତୁ ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ପ୍ରେରିତ, ୪୦ଟି ରାସ୍ତା ଓ ୨ଟି ସେତୁ ମଞ୍ଜୁରୀ ପ୍ରାପ୍ତ, ୨୬ଟି ରାସ୍ତା ଓ ୨ଟି ସେତୁ ନିର୍ମାଣ ପ୍ରସ୍ତାବିତ, ସମସ୍ତ ଅନୁମୋଦିତ ପ୍ରକଳ୍ପ ନିର୍ମାଣାଧୀନ
- **'ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା'**ରେ ୮୧୩.୭ କି.ମି. ରାସ୍ତା ଓ ୩୧ଟି ସେତୁ ଏବଂ **'ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା'**ରେ ୩,୮୭୯.୩୮ କି.ମି. ରାସ୍ତା ନିର୍ମିତ
- ୨୦୨୪-୨୦୨୯ ମଧ୍ୟରେ ୩୦ ହଜାର କି.ମି. ରାସ୍ତା ନିର୍ମାଣ ଲକ୍ଷ୍ୟ, ୨୦୨୪-୨୦୨୫ ଆର୍ଥିକ ବର୍ଷରେ ନିର୍ମାଣ ହେଲାଣି ପ୍ରାୟ ୪,୬୯୩.୦୮ କି.ମି. ରାସ୍ତା ଏବଂ ୧୮୦ଟି ସେତୁ, ୬,୨୦୬.୩୭ କି.ମି. ରାସ୍ତା ଏବଂ ୧,୦୮୨ ସେତୁ ନିର୍ମାଣାଧୀନ
- **ବିକଶିତ ଗାଁ ବିକଶିତ ଓଡ଼ିଶା :** ୨୦୨୫-୨୦୨୬ରେ ଗ୍ରାମୀଣ ଭିତ୍ତିଭୂମି ନିର୍ମାଣ ଓ ସାମଗ୍ରିକ ବିକାଶ ସୁନିଶ୍ଚିତ କରିବା ପାଇଁ ୨ ହଜାର କୋଟି ଟଙ୍କା
- **ପିଏମ୍‌ଏୱାଇ(ଜି) :** ପାଖାପାଖି ୨.୬୫ ଲକ୍ଷ ଘର ସମ୍ପୂର୍ଣ୍ଣ
- **ଅନ୍ତ୍ୟୋଦୟ ଗୃହ ଯୋଜନା :** ବଞ୍ଚିତ ନିମ୍ନ ଆୟକାରୀ ପରିବାରଙ୍କ ପାଇଁ ସରକାରଙ୍କ ଦ୍ୱାରା ଗୃହ ନିର୍ମାଣର ଶୁଭାରମ୍ଭ, ପକ୍କା ଗୃହ ନିର୍ମାଣ ପ୍ରାୟ ୬୦ ହଜାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ
- **ଘରୋଇ ଟ୍ୟାପ୍ ସଂଯୋଗ :** ବୃହତ, ଏକକ ଏବଂ ସୌରଚାଳିତ ପାଇପ୍ ଜଳ ଯୋଗାଣ ପ୍ରକଳ୍ପର ସମ୍ମିଶ୍ରଣରେ ୩ ଲକ୍ଷରୁ ଅଧିକ ପରିବାରକୁ ପାନୀୟ ଜଳ ଟ୍ୟାପ୍ ସଂଯୋଗ

## ଅଗ୍ରଗତି ପଥେ ଆମ ଜନଜାତି

- ରାଜ୍ୟରେ ଡ୍ରପ୍ ଆଉଟ୍ ହାର ହ୍ରାସ କରିବା ନିମନ୍ତେ ନବମ ଓ ଏକାଦଶ ଶ୍ରେଣୀରେ ନାମ ଲେଖାଇବା ପରେ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ **'ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା'**ରେ ବାର୍ଷିକ ୫,୦୦୦ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ
- ଆବାସିକ ବିଦ୍ୟାଳୟଗୁଡ଼ିକୁ ଅତ୍ୟାଧୁନିକ ଶିକ୍ଷାନୁଷ୍ଠାନରେ ପରିଣତ କରିବା ପାଇଁ **'ସହିଦ ଲକ୍ଷ୍ମଣ ନାୟକ ଆଦର୍ଶ ବିଦ୍ୟାଳୟ ଯୋଜନା'**
- ଯାଜପୁର ଓ କେନ୍ଦୁଝର ଜିଲ୍ଲାର ଜୁଆଙ୍ଗ, ନୂଆପଡ଼ାର ଚୁକ୍‌ଟିଆ ଭୁଞ୍ଜିଆ, ଗଜପତିର ସଉରା ଏବଂ ମୟୂରଭଞ୍ଜର ମାଙ୍କଡ଼ିଆ ଓ ପାହାଡ଼ିଆ ଖରିଆ ପିଭିଟିଜିକୁ **'ବାସସ୍ଥାନ ଅଧିକାର ପ୍ରଦାନ'**
- ଜନଜାତି ଅଞ୍ଚଳରେ ୨୦୦ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ

## ସାମାଜିକ ନିରାପତ୍ତା, ଆମ ପ୍ରତିବଦ୍ଧତା

- **ସାମାଜିକ ସୁରକ୍ଷା ଭତ୍ତା :** ୮୦ ବର୍ଷରୁ ଅଧିକ ଏବଂ ୮୦% ରୁ ଅଧିକ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ସାମାଜିକ ସୁରକ୍ଷା ଭତ୍ତା ୧,୨୦୦ ଟଙ୍କାରୁ ୩,୫୦୦ ଟଙ୍କାକୁ ବୃଦ୍ଧି
- **ବିଭିନ୍ନ ବର୍ଗର ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରୀ ବୃଦ୍ଧି :** ଅଣକୁଶଳୀଙ୍କ ପାଇଁ ୪୫୨ ଟଙ୍କା, ଅର୍ଦ୍ଧକୁଶଳୀ ୫୦୨ ଟଙ୍କା, କୁଶଳୀ ୫୫୨ ଟଙ୍କା ଏବଂ ଉଚ୍ଚ କୁଶଳୀ ପାଇବେ ୬୦୨ ଟଙ୍କା
- **ନିର୍ମାଣ ଶ୍ରମିକଙ୍କୁ ଅନୁକମ୍ପାମୂଳକ ସହାୟତା ରାଶି :** ଦୁର୍ଘଟଣାଜନିତ ମୃତ୍ୟୁ ହେଲେ ୪ ଲକ୍ଷ ଟଙ୍କାରୁ ୬ ଲକ୍ଷ ଟଙ୍କା ଏବଂ ସ୍ୱାଭାବିକ ମୃତ୍ୟୁ ହେଲେ ୨ ଲକ୍ଷରୁ ୩ ଲକ୍ଷ ଟଙ୍କାକୁ ବୃଦ୍ଧି

## ଶିଳ୍ପାୟନର ନୂତନ ଧାରା

- **ସମସ୍ତ ଜିଲ୍ଲାର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା; 'ଉତ୍କର୍ଷ ଓଡ଼ିଶା-୨୦୨୫'** ସମ୍ମେଳନରେ ୨୦ରୁ ଅଧିକ କ୍ଷେତ୍ରରେ ୫୯୩ଟି ପ୍ରକଳ୍ପ ପ୍ରସ୍ତାବ ପ୍ରାପ୍ତ, ୧୬.୭୩ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଲକ୍ଷ୍ୟ, ଯୁବବର୍ଗଙ୍କ ପାଇଁ ୧୨.୮୮ ଲକ୍ଷ ନିଯୁକ୍ତି ସୃଷ୍ଟି ସମ୍ଭାବନା, ୩୦ଟି ଜିଲ୍ଲା ଅନ୍ତର୍ଭୁକ୍ତ
- ପ୍ରତ୍ୟେକ ଜିଲ୍ଲାରେ ପ୍ରତିଷ୍ଠା ହେବ ବହୁମୁଖୀ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଗ୍ରାମୀଣ ଉତ୍ପାଦ ସହ ଯୋଡ଼ି ହେବ ବିଶ୍ୱ ବଜାର

## ୨୦୨୫-୨୬ ବଜେଟରେ ପ୍ରମୁଖ ନୂତନ ପଦକ୍ଷେପ

- ୫୦ କୋଟି ଟଙ୍କା ବ୍ୟୟରେ ପ୍ରତିଷ୍ଠା ହେବ ୧୦୦ଟି ଆଦର୍ଶ ମଣ୍ଡି
- ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ ଏବଂ ଉତ୍ତର ଓଡ଼ିଶା ଉନ୍ନୟନ ପରିଷଦ ପାଇଁ ୨୦୦ କୋଟି ଟଙ୍କା ଲେଖାଏଁ ବ୍ୟୟବରାଦ
- ଜୋନାଲ୍ ଆଇଟିଆଇ ପ୍ରତିଷ୍ଠା ଏବଂ ଆଇଟିଆଇକୁ ସେଣ୍ଟର୍ ଅଫ୍ ଏକ୍ସଲେନ୍ସରେ ପରିଣତ ଲକ୍ଷ୍ୟ
- ନୂଆ ଯୁଗର ଜ୍ଞାନକୌଶଳକୁ ଆପଣାଇବା ପାଇଁ ଓଡ଼ିଶା ଏଆଇ ମିଶନ୍‌ର ଶୁଭାରମ୍ଭ
- ଓଡ଼ିଶାର ସମସ୍ତ ବ୍ଲକ୍‌ରେ ଷ୍ଟାଡିୟମ୍ ନିର୍ମାଣ ପାଇଁ ୪,୧୨୪ କୋଟି ଟଙ୍କାର ବ୍ୟୟବରାଦ, ସମ୍ବଲପୁର ହେବ ଫୁଟ୍‌ବଲ୍ ସ୍ପୋର୍ଟ୍ସ ହବ୍, ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ଚୟନ ଓ ବିକାଶ ନିମନ୍ତେ ସିଏମ୍-ଟ୍ରଫି (ଅଣ୍ଡର୍-୧୫) ଫୁଟ୍‌ବଲ୍ ଚମ୍ପିୟାନ୍‌ସିପ୍ ଆରମ୍ଭ
- ଓଡ଼ିଶା ପୋଷଣ ମିଶନ୍ ପାଇଁ ୧୦୦ କୋଟି ଟଙ୍କା ବ୍ୟୟବରାଦ
- **'ଆମେ ପଢିବା ଆମ ଭାଷାରେ'** ପାଇଁ ୨୫ କୋଟି ଟଙ୍କା ବ୍ୟୟବରାଦ
- **'ଆମ ଶିମିଳିପାଳ ଯୋଜନା'** ପାଇଁ ୫୦ କୋଟି ଟଙ୍କା ବ୍ୟୟବରାଦ
- ପ୍ରବାସୀ ଓଡ଼ିଆଙ୍କ ସହ ନିରନ୍ତର ସମ୍ପର୍କ ବଜାୟ ରଖିବା ପାଇଁ ଏକ ନୂତନ ଯୋଜନା **'ପ୍ରବାସୀ ଓଡ଼ିଆ: ଓ-ସମ୍ପର୍କ'** ଆରମ୍ଭ

VISION DOCUMENT 2036 | 2047














**ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର**

OIPR-15001/13/0490/2425 DADLS-06

ନିତି ଭାରତୀ

ଉତ୍କଳ ଦିବସ ଏକ ଐତିହାସିକ ଦିନ, ଯାହା ଆମର ସଂସ୍କୃତି ସହିତ ଆମର ପରିଚୟ କରାଇଥାଏ।

NITIDIN ନିତିଦିନ
ମଙ୍ଗଳବାର , ୧ ଏପ୍ରିଲ୍ , ୨୦୨୫

# ସ୍ୱତନ୍ତ୍ର ରାଜ୍ୟ ଗଠନର ଅନ୍ତରାଳେ

'ନଅଙ୍କିଆ', ତତେ କ'ଣ ଏତେ 'ନଅଙ୍କ' ପଡ଼ିଥିଲା ଯେ ତା'ର ବହି ଆଣୁଥିଲୁ, ତୋର ତ ସବୁ ବହି କିଣା ହୋଇଛି। ଏଇ ନଅଙ୍କିଆ ଓ ନଅଙ୍କ ଶବ୍ଦ ଦୁଇଟି ଆମ ଭାଷାରେ ପ୍ରଥମରୁ ନଥିଲା। ଏସବୁ ଆମ ଭାଷାରେ ପ୍ରବେଶ କରିଥିଲା ୧୮୬୬ ମସିହାର ନଅଙ୍କ ଦୁର୍ଭିକ୍ଷ ପରେ। ୧୮୬୬ ମସିହାରେ, ଓଡ଼ିଆର ଚଳନ୍ତିଠାକୁର, ଗଜପତିଙ୍କ ଶାସନର ନଅଙ୍କରେ ଏକ ଭୀଷଣ ଦୁର୍ଭିକ୍ଷ ପଡ଼ିଥିଲା, ଯୋଉଥିରେ ଲକ୍ଷ ଲକ୍ଷ ଓଡ଼ିଆଙ୍କର ପ୍ରାଣହାନି ହୋଇଥିଲା, ଖାଇବାକୁ ନପାଇ ଲୋକେ ପୋକ ମାଛି ପରି ମୃତ୍ୟୁବରଣ କଲେ। ସେତେବେଳେ ଦେଶରେ ଇଂରେଜ ଶାସନ, ତାଙ୍କ ସୁବିଧା ନିମନ୍ତେ ଇଂରେଜ ଓଡିଆ ଭାଷାଭାଷୀ ଅଞ୍ଚଳଗୁଡିକୁ ତିନି ଭାଗରେ ବିଭକ୍ତ କରି ବିହାର, ବେଙ୍ଗଲ୍ ଓ ମାଡ୍ରାସ ପ୍ରୋଭିନ୍ସ ଅଧୀନରେ ରଖିଥିଲେ। ଓଡିଶା ଶାସନର ମୁଖ୍ୟାଳୟ ଥିଲା ବେଙ୍ଗଲ୍‌ରେ ଅର୍ଥାତ୍ ଓଡ଼ିଶାର ଶାସନ ପରିଚାଳିତ ହେଉଥିଲା ବେଙ୍ଗଲ୍‌ରୁ ଓଡ଼ିଶାରେ ନଅଙ୍କ ଦୁର୍ଭିକ୍ଷ ଖବର ପରେ ମଧ୍ୟ ଓଡ଼ିଶାକୁ ସାହାଯ୍ୟ ପଠାଇବାରେ



ଜୟନ୍ତ ପଟ୍ଟନାୟକ

କର୍ତ୍ତୃପକ୍ଷ ଅବହେଳା କରିଥିଲେ, କାରଣ ଦୁର୍ଭିକ୍ଷପୀଡ଼ିତଙ୍କ ସଂଖ୍ୟା ଓ ଆବଶ୍ୟକ ଖାଦ୍ୟଦ୍ରବ୍ୟର ସଠିକ୍ ଆକଳନ କରିନଥିଲେ ତତ୍କାଳୀନ ସରକାର। ଅପରପକ୍ଷେ ସେହି ସମୟରେ ୨୦ କୋଟି ପାଉଣ୍ଡ ଚାଉଳ ଇଂରେଜ ସରକାର ଇଂଲଣ୍ଡକୁ ରପ୍ତାନି କରିଥିଲେ ଭାରତରୁ ଯାହା ଦୁର୍ଭିକ୍ଷ ପ୍ରପୀଡିତ ଜନସାଧାରଣଙ୍କୁ ବଞ୍ଚାଇବାରେ ପାରିଥାନ୍ତା। ଦାଦାଭାଇ ନାରୋଜୀ ଏହି ଘଟଣାରେ ଦୁଃଖ ପ୍ରକାଶ କରି କହିଥିଲେ, ଇଂରେଜ ସରକାର ଭାରତୀୟଙ୍କ ରକ୍ତ ଶୋଷଣ କରି ଉନ୍ନତି କରିଛି। ପୁଣି ଓଡ଼ିଶାକୁ ଖାଦ୍ୟଦ୍ରବ୍ୟ ପରିବହନ ସକାଶେ ସେକାଳେ କିଛି ଜଳପଥ କୌଣସି ମାଧ୍ୟମ ଉପଯୁକ୍ତ ନଥିଲା, ସେଥି ନିମନ୍ତେ ପୀଡ଼ିତଙ୍କ ନିକଟରେ ପହଞ୍ଚିବାକୁ ଅହେତୁକ ବିଳମ୍ବ ହେଲା ଓ ଅନେକ ଲୋକଙ୍କର ମୃତ୍ୟୁ ହେଲା। ସେହି ସମୟରେ ଟିଇ ରେଭେନ୍ସା (ଯାହା ନାମରେ ରେଭେନ୍ସା ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ହୋଇଛି) ଥିଲେ ଓଡ଼ିଶାର ପ୍ରଶାସନିକ କମିଶନର ତେଣୁ ସିଏ ନିଶ୍ଚିତଭାବେ ଏହି ଭୟାବହ ଘଟଣା ପାଇଁ କେତେକାଂଶରେ ଦାୟୀ।

୧୮୬୫ରେ ଓଡ଼ିଶାରେ ମୌସୁମୀ ବର୍ଷା ଅତି ଅଳ୍ପ ହୋଇଥିଲା, ତେଣୁ ଧାନଚାଷ ଯାହା ଉତ୍ପନ୍ନ ହୋଇଥିଲା, ଶୀଘ୍ର ସରିଗଲା, ଖାଦ୍ୟଦ୍ରବ୍ୟର ଘୋର ଅଭାବ, କଲିକତାରେ ଥିବା ବେଙ୍ଗଲ୍ ବୋର୍ଡ ଅଫ୍ ରେଭେନ୍ୟୁ ମରୁଡ଼ିର କ୍ଷୟକ୍ଷତି ଆକଳନ, ପୀଡ଼ିତଙ୍କର ସଂଖ୍ୟା ଓ ଓଡ଼ିଶା ପାଇଁ ଆବଶ୍ୟକ ଖାଦ୍ୟଶସ୍ୟର ସଠିକ୍ ଆକଳନ କରିପାରିନଥିଲେ ବା ଆନ୍ତରିକତାର ଅଭାବ ଥିଲା। ୧୮୬୬ ମେ' ମାସ ସୁଦ୍ଧା ସବୁ ଗଚ୍ଛିତ ଖାଦ୍ୟଶସ୍ୟ ଶେଷ ହୋଇଯାଇଥିଲା। ଯାହା ପାଇଲେ, ଗଛର ପତ୍ର, ଚେର, ମୂଳ କିଛି ବାଦ ପଡ଼ିନଥିଲା ଖାଦ୍ୟଭାବେ। ରାସ୍ତାସାରା କୌଣସି ଗଛରେ ପତ୍ର ନଥିଲା ଏଇ ହେତୁରୁ। ଅଖାଦ୍ୟ ଖାଇ ତଜ୍ଜନିତ କଲେରା ଆଦି ରୋଗରେ ପଡି ପରେ ପରେ ମ୍ୟାଲେରିଆ ଫଳରେ ସବୁଆଡେ କୁଢ଼ କୁଢ଼ ଶବ ଗଦା ହୋଇଥିଲା। ଶେଷ ବେଳକୁ ଶବଦାହ ସମ୍ଭବ ନଥିଲା ବା ସେଥିପାଇଁ ଲୋକଙ୍କର ଅଭାବ ଥିଲା। ଏହି ଘଟଣାରେ ତତ୍କାଳୀନ ଓଡିଶା ଜନସଂଖ୍ୟାର ଏକ ତୃତୀୟାଂଶଙ୍କର ପ୍ରାଣହାନି ହୋଇ ଥିଲା। ଘଟଣାରେ କ୍ଷୟକ୍ଷତିର ଆକଳନ କରିବା ସକାଶେ ଆସିଥିବା ଇଂରେଜ ଅଧିକାରୀମାନେ ତତ୍କାଳୀନ ଗରିବ ଓଡିଆ ମହିଳାମାନଙ୍କର ପିତ୍ତଳ ବାହି ଓ ଗହଣା ଆଦି ଦେଖି ସେମାନଙ୍କ ପାଖରେ ମହଣ ମହଣ ସୁନା ଗହଣା ଥିବାର ଓ ପରିସ୍ଥିତି ସେମିତି ଭୟାବହ ନଥିବାର ରିପୋର୍ଟ କଲେ, ଯାହାର ଦୃଢ ନିନ୍ଦା କରିଥିଲେ ଉତ୍କଳମଣି ଗୋପବନ୍ଧୁ। ବିହାର-ଓଡ଼ିଶା ବିଧାନସଭାରେ ଓ ସାଧାରଣ ସଭାରେ ଭୋ ଭୋ କାନ୍ଦି ପକାଇ ଥିଲେ ଯାହା କିଛି ଇଂଲିଶ ଅଧିକାରୀଙ୍କ ନିମନ୍ତେ ଉଦ୍‌ବେଗର କାରଣ ହୋଇଥିଲା।

ଏହି ଭୟାବହ ଘଟଣାଟି ଓଡ଼ିଶାର ଜନସାଧାରଣଙ୍କୁ ରାଜନୈତିକ ସଚେତନତା ଆଣିଦେଲା। ଭାରତୀୟ ବୁଦ୍ଧିଜୀବୀମାନଙ୍କ ଉପରେ ଖୁବ୍ ପ୍ରଭାବ ପକାଇଥିଲା ଏହି ଦୁର୍ଭିକ୍ଷ ଏବଂ ଇଂରେଜ ଶାସନର କୁପ୍ରଭାବ ପ୍ରତି ସେମାନଙ୍କ ଆଖି ଖୋଲି ଦେଇଥିଲା। ଏହାପରେ ଭାଷା ଓ ଜାତିର ଗୁରୁତ୍ୱକୁ ବୁଝିବାକୁ ଲାଗିଲେ ଓଡ଼ିଆ ଏବଂ ଧୀରେ ଧୀରେ ଅନେକ ଶିକ୍ଷିତ ଓଡ଼ିଆ ଏ ଦିଗରେ କାମ କରିବା ପାଇଁ ଆଗେଇ ଆସିଲେ ଓ ଏକଜୁଟ ହେଲେ। ଏହି ଉପକ୍ରମରୁ ଆରମ୍ଭ ହେଲା ଉତ୍କଳ ସଭା ଓ ସେଥିରୁ ଜନ୍ମନେଲା ଉତ୍କଳ ସମ୍ମିଳନୀ ୧୯୦୩ରେ। ଇଂରେଜମାନଙ୍କର ଓଡ଼ିଶା ପ୍ରତି ଆନ୍ତରିକତାର ଅଭାବ ଓ ବଙ୍ଗାଳୀମାନଙ୍କର ବୈମାତୃକ ମନୋଭାବ ଓଡ଼ିଆମାନଙ୍କୁ ଏକଜୁଟ ହେବାକୁ ବାଧ କରିଥିଲା। ଇଂରେଜମାନେ ଭାରତରେ ପ୍ରଥମେ ପ୍ରବେଶ କରିଥିଲେ ହୁଗୁଳି ନଦୀପଟେ ପଶ୍ଚିମ ବଙ୍ଗରେ, ୧୬୦୩ରେ ଓ ବାଣିଜ୍ୟ କରିବାକୁ ଆସି କୁଟନୀତି ପ୍ରୟୋଗ କରି ଭାରତରେ ନିଜର କାୟା ବିସ୍ତାର କଲେ ଓ ଧୀରେ ଧୀରେ ଆମକୁ ଶାସନ କରିବାକୁ ଲାଗିଲେ। ସେମାନଙ୍କର ଶିକ୍ଷା, ସଭ୍ୟତା ସଂସ୍କୃତିରେ ଆସି ବଙ୍ଗାଳୀମାନେ ଅଳ୍ପ କିଛି ପାଠ ପଢ଼ି 'ଇଂଲିଶମାନଙ୍କ ନିମନ୍ତେ ଭାରତୀୟଙ୍କୁ କେବଳ ତାଙ୍କର ସହାୟକ ହେବା ନିମନ୍ତେ ଯାହିଁକି ପାଠ ପଢ଼ିବାର ସୁଯୋଗ ଦେଉଥିଲେ। ନିଜକୁ ଶିକ୍ଷିତ ବୋଲାଇଲେ ଓ ସେହିପରି ଇଂରେଜମାନଙ୍କୁ ମାଲିସ୍ ପାଲିସ୍ କରି ଛୋଟ ଛୋଟ ଜମିଦାରୀ ହାତେଇଲେ, ଏମିତିକି ଓଡ଼ିଶା ଓ ଅନ୍ୟ ରାଜ୍ୟରେ ମଧ୍ୟ। ଫଳରେ ସାଧାରଣ ବଙ୍ଗାଳୀମାନେ ଓଡ଼ିଆଙ୍କୁ ହେୟ ଜ୍ଞାନ କଲେ ଓ ଏମାନଙ୍କୁ ଦବାଇବାର ଚେଷ୍ଟା କଲେ। ଏଇ ସମୟରେ ୧୮୬୯ ମସିହାରେ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ନାମକ ଜଣେ ଶିକ୍ଷକ ଓ ଅନ୍ୟ କିଛି,'ଓଡ଼ିଆ ଏକଟା ସ୍ୱତନ୍ତ୍ର ଭାଷା ନୟ', ଶିକ୍ଷାକରେ ଏକ ଆନ୍ଦୋଳନ ଆରମ୍ଭ କଲେ, ଅନ୍ୟାନ୍ୟ ବଙ୍ଗାଳୀମାନେ ଏଇ ସୁଯୋଗରେ ଓଡ଼ିଆ ଭାଷାକୁ ଦବାଇଦେଇ ସବୁଠାରେ ବଙ୍ଗାଳୀ ଭାଷାର ଆଧିପତ୍ୟ ଦେଖାଇ ସରକାରୀ ସବୁ ସୁବିଧା ସୁଯୋଗକୁ ହାତେଇବାର ଚେଷ୍ଟାରେ ରହିଲେ।

ଏଇ ଘଟଣା ଓଡ଼ିଆମାନଙ୍କର ଏକତା ନିମନ୍ତେ ଇନ୍ଧନ ଯୋଗାଇଲା, ଅଧିକରୁ ଅଧିକ ଶିକ୍ଷିତ ଓଡ଼ିଆ ଏ ଦିଗରେ ଏକତା ହୋଇବାରେ ଯୋଗଦେଲେ। ଉତ୍କଳ ଗୌରବ ମଧୁସୂଦନ ଦାସ ଏହାର ନେତୃତ୍ୱ ନେଲେ, ଉତ୍କଳମଣି ଗୋପବନ୍ଧୁ ଦାସ, ପାରଳା ଗଜପତି କୃଷ୍ଣଚନ୍ଦ୍ର ଦେବ, ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ, ବାମଣ୍ଡା ରାଜା ସୁଢଳ ଦେବ, ଖଲିକୋଟ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ, ଓଡ଼ିଆ କଥାସାହିତ୍ୟର ସମ୍ରାଟ ଫକୀରମୋହନ ସେନାପତି, କବିବର ରାଧାନାଥ ରାୟ, ସ୍ୱଭାବକବି ଗଙ୍ଗାଧର ମେହେର, ବିଚ୍ଛନ୍ଦ ଚରଣ ପଟ୍ଟନାୟକ, କାନ୍ତକବି ଲକ୍ଷ୍ମୀକାନ୍ତ, ଭକ୍ତକବି ମଧୁସୂଦନ ରାଓ, ଗୌରୀଶଙ୍କର ରାୟ ପ୍ରଭୃତି ମହାମନୀଷୀମାନେ ଏହାର ଦୃଢ ପ୍ରତିବାଦ କଲେ। ୧୮୮୨ରେ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ଓ ସର୍ବାଙ୍ଗୀନ ଉନ୍ନତି ସକାଶେ ଗୌରୀଶଙ୍କର ରାୟ, କାଶୀନାଥ ଦାସ ଓ ମଧୁବାବୁଙ୍କ ନେତୃତ୍ୱରେ ଗଢି ଉଠିଥିଲା ଏକ ସଂଗଠନ,'ଉତ୍କଳ ସଭା'। ଏହି ସଂଗଠନ ଓଡ଼ିଆବିରୋଧୀ ଆନ୍ଦୋଳନର ଜୋର୍‌ଦାର ପ୍ରତିବାଦ କଲେ। କ୍ରମେ ଓଡ଼ିଆମାନେ ସଂଗଠିତ ହେବାକୁ ଲାଗିଲେ, ୧୯୦୩ରେ ଏଇ ମନୀଷୀମାନଙ୍କର ଉଦ୍ୟମରେ ଉତ୍କଳ ସଭାରୁ ସୃଷ୍ଟି ହେଲା 'ଉତ୍କଳ ସମ୍ମିଳନୀ'ର। 'ଉତ୍କଳ ସମ୍ମିଳନୀ'ର ଛତ୍ରଛାୟା ତଳେ, ଉତ୍କଳ ଗୌରବଙ୍କ ନେତୃତ୍ୱରେ ଅନେକ ରାଜା, ମହାରାଜା ଓ ଜମିଦାର ଏହି ଆନ୍ଦୋଳନରେ ଯୋଗଦେଲେ ଓ ଏହାକୁ ତୀବ୍ରତର କରିଥିଲେ। ଉତ୍କଳ ସମ୍ମିଳନୀର ଏକ ଅଧିବେଶନରେ, କଟକର ଇଦଗା ପଡିଆଠାରେ ମଧୁବାବୁଙ୍କ ନେତୃତ୍ୱରେ ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ସଭାପତିତ୍ୱ କରିଥିଲେ। ଏଇ




ସମ୍ମିଳନୀର ମୂଳଲକ୍ଷ୍ୟ ଥିଲା ଓଡ଼ିଆ ଅଞ୍ଚଳଗୁଡିକର ଏକତ୍ରୀକରଣ। ଉତ୍କଳ ସମ୍ମିଳନୀର ୧୬ଟି ଅଧିବେଶନରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡିକର ଏକତ୍ରୀକରଣ ସକାଶେ ସରକାରଙ୍କ ନିକଟରେ ଦୃଢ ଦାବି ରଖାଯାଇଥିଲା। ୧୯୧୨ ମାର୍ଚ୍ଚରେ ଉତ୍କଳ ସମ୍ମିଳନୀରେ ଓଡ଼ିଶାରେ ଗଞ୍ଜାମର ମିଶ୍ରଣ ନିମନ୍ତେ ଏକ ପ୍ରସ୍ତାବ ଗୃହୀତ ହେଲା। ଏଣେ ୧୯୧୧ରେ ବଙ୍ଗ ବିଭାଜନ ଫଳସ୍ୱରୂପ ବିହାର-ଓଡିଶା ରାଜ୍ୟ ଗଠନକୁ ମଧୁବାବୁ ତୀବ୍ର ବିରୋଧ କଲେ।

ଓଡ଼ିଶାର ଦକ୍ଷିଣାଞ୍ଚଳରେ ଇଂରେଜ ଶାସନ ବିରୁଦ୍ଧରେ ସ୍ୱର ତୀବ୍ର ହେଲା ଓ ୧୯୧୪ରେ ଉତ୍କଳ ସମ୍ମିଳନୀରେ ପାରଳା ଗଜପତି ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକ ଶାସନାଧୀନ କରିବାର ଆହ୍ୱାନ ଦେଲେ। ବିଭିନ୍ନ କମିଟି, ବିଭିନ୍ନ ସମୟରେ, ବିଭିନ୍ନ ସ୍ତରରେ ଓଡିଶାର ଏହି ସବୁ ଦାବୀର ଯଥାର୍ଥତା ସମ୍ବନ୍ଧରେ ସରକାରଙ୍କ ସମ୍ମୁଖରେ ଦୃଢ଼ଯୁକ୍ତି ଉପସ୍ଥାପନ କରୁଥିଲେ। ଉତ୍କଳ ସମ୍ମିଳନୀ ପକ୍ଷରୁ ବିଭିନ୍ନ ସ୍ଥାନରେ ଗୀତସଙ୍ଗୀତ, ସଭା ସମିତି, ଦେଶ ବନ୍ଦନା ଓ ସ୍ଲୋଗାନ ଜରିଆରେ ଲୋକଙ୍କ ଭିତରେ ଜାତୀୟତାଭାବ ଜାଗ୍ରତ କରାଯାଉଥିଲା ଯାହା ଦିନକୁଦିନ ଜନଆନ୍ଦୋଳନର ରୂପ ନେଉଥିଲା। ଫଳସ୍ୱରୂପ ଓଡ଼ିଆ ଲୋକଙ୍କ ମତ ସଂଗ୍ରହ ନିମନ୍ତେ ଇଂରେଜ ସରକାର ଏକ କମିଟି ଗଠନ କରିଥିଲେ ଏବଂ ୧୯୨୮ରେ ସାଇମନ କମିଶନ ଏକ ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଗଠନ ସକାଶେ ସୁପାରିଶ କରିଥିଲେ। ଏହି କମିଶନ୍‌ର ରିପୋର୍ଟ ଆଧାରରେ ୧୯୩୦ରେ ଲଣ୍ଡନରେ ଗୋଲ ଟେବୁଲ ବୈଠକ ବସିଥିଲା, ପାରଳା ଗଜପତି କୃଷ୍ଣଚନ୍ଦ୍ର ଦେବ ଓଡ଼ିଆମାନଙ୍କର ପ୍ରତିନିଧିତ୍ୱ କରି ସ୍ୱତନ୍ତ୍ର ଓଡ଼ିଶା ଗଠନ ସପକ୍ଷରେ ଦୃଢ଼ଯୁକ୍ତି ରଖିଥିଲେ। ସେହି ବୈଠକର ସଫଳ ରୂପାୟନ ଭାବେ ୧୯୩୧ରେ ଏକ ସୀମା ନିର୍ଦ୍ଧାରଣ କମିଟି ଗଠନ କରାଯାଇଥିଲା। ଏହାପରେ ନୂତନ ଓଡ଼ିଶା ଗଠନ ପ୍ରକ୍ରିୟାକୁ ଶୀର୍ଷ ନେତୃବୃନ୍ଦ ତ୍ୱରାନ୍ୱିତ କରି ପ୍ରାୟ ୫୦୦ ଶହ ବର୍ଷ ସୀମାହୀନ, ଜାତିହୀନ, ଭାଷାହୀନ ରହିବା ପରେ ୧ ଏପ୍ରିଲ୍, ୧୯୩୬ରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ହୋଇ ଭାରତର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ଗଢି ଉଠିଲା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ। କିନ୍ତୁ ଅତ୍ୟନ୍ତ ଦୁଃଖର ବିଷୟ ୧୯୩୪ ଫେବୃଆରୀ ୦୪ ତାରିଖରେ ନବ ଉତ୍କଳର ମୁଖ୍ୟ ବିନ୍ଧାଣୀ, ଉତ୍କଳ ଗୌରବ, ପଗଡ଼ି ପୁରୁଷ, କୁଳବୃଦ୍ଧ ମଧୁସୂଦନ ଦାସ ଇହଧାମ ତ୍ୟାଗ କରିଥିଲେ। ଆଉ ନଥିଲେ, ତାଙ୍କ ହାତଗଢା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ଗଠନକୁ ଦେଖିବା ପାଇଁ। ଅକୃତଜ୍ଞ ଏ ଜାତି କିନ୍ତୁ ଉତ୍କଳ ଗୌରବ ଓ ଉତ୍କଳମଣିଙ୍କୁ ଉପଯୁକ୍ତ ସମ୍ମାନ ଦେଇପାରିଲା ନାହିଁ। ଶେଷ ଜୀବନରେ ମଧୁବାବୁ କାଙ୍ଗାଳ ହୋଇଯାଇଥିଲେ ଏ ଜାତିର ସମ୍ମାନ ରକ୍ଷା ପାଇଁ, ତାଙ୍କୁ ସେମିତି ଦାରିଦ୍ର୍ୟର କଷାଘାତ ଭିତରେ ଜୀବନ ଜିଇଁବାକୁ ଛାଡ଼ିଦେଇ ଥିଲା ଏ ଜାତି। ଉତ୍କଳମଣି ନିଜର ପରିବାରକୁ ପଛ କରିଦେଇଥିଲେ ଏ ଜାତିର,ଏ ରାଜ୍ୟର ପ୍ରଗତି ପାଇଁ। ତାଙ୍କୁ ଆମେ କ'ଣ ପ୍ରତିଦାନ ଦେଇଛେ? କେବଳ ଜୟନ୍ତୀ ଓ ଶ୍ରାଦ୍ଧ ଦିବସରେ ଫୁଲମାଳ ଖଣ୍ଡେ ଚଢ଼େଇଦେଇ କର୍ତ୍ତବ୍ୟ ପାଳନ କରୁଛେ ବାଧ ବାଧକତାରେ!

କିନ୍ତୁ ଦୁଃଖ ଓ ପରିତାପର ବିଷୟ ଅନେକ ବୃହତ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ରହିଗଲା ଅନ୍ୟ ପ୍ରଦେଶରେ, କିଛି ଜାତୀୟ ନେତୃବୃନ୍ଦଙ୍କ ଚକ୍ରାନ୍ତ ଫଳରେ, କିଛି ଆମ ରାଜ୍ୟ

ନେତୃବୃନ୍ଦ ଓ ଅଧିକାରୀଙ୍କ ଅବହେଳା, ନ୍ୟସ୍ତସ୍ୱାର୍ଥ ଓ ଷଡ଼ଯନ୍ତ୍ର ଫଳରେ। ଯେମିତି ଆନ୍ଧ୍ରର ଆରାକୁ ଭ୍ୟାଲି ବା 'ବୋରା ଗୁହାଲୁ' ଯୋଉଥିରୁ ଆନ୍ଧ୍ର ସରକାରଙ୍କ ଦୈନିକ ରାଜସ୍ୱ ଆଦାୟ ଲକ୍ଷ ଲକ୍ଷ, ଯାହା ଦିନେ ତତ୍କାଳୀନ ଜୟପୁର ଇଷ୍ଟେଟ୍‌ର ଅଂଶ ଥିଲା। ଜୟପୁର ଇଷ୍ଟେଟ୍ ଯଦି ଓଡ଼ିଶାର ଅନ୍ତର୍ଭୁକ୍ତ ହେଲା, ତା'ର ଅଂଶ ଆନ୍ଧ୍ରପ୍ରଦେଶର ହେବ କେମିତି? ସେମିତି ଓଡ଼ିଆ ଭାଷା ଅଧ୍ୟୁଷିତ ବିଶାଳ ଅଞ୍ଚଳ ଗୋରୁମହିଷାଣୀ, ଷଢ଼େଇକଳା, ସିଂହଭୂମି ଇତ୍ୟାଦି ଆଜି ଝାଡ଼ଖଣ୍ଡ ଶାସନାଧୀନ, ଏସବୁରେ ଅନେକ କୂଟଚକ୍ରାନ୍ତ, ହୀନ ରାଜନୀତି ନିହିତ ଅଛି। ଏପ୍ରିଲ୍ ପହିଲା ହେଲା ଆମ ପାଇଁ ଗର୍ବ ଓ ଗୌରବର ଦିନ, ଏହିଦିନ କେବଳ ନୁହେଁ, ବର୍ଷର ସବୁଦିନ ଆମ ଭାଷାର ପ୍ରଚାର/ପ୍ରସାରରେ ମନଦେବା ଆମର ଧ୍ୟେୟ ହେବା ଉଚିତ୍। ସ୍ମରଣଯୋଗ୍ୟ ଆମ ଭାଷା ଏତେ ସମୃଦ୍ଧ, ସୁସଂହତ, ସାବଲୀଳ, ମଧୁର ଓ ପ୍ରାଚୀନ ଯେ ୨୦୧୪ରେ ଆମ ଭାଷା 'ଓଡିଆ', ଷଷ୍ଠ ଭାରତୀୟ ଭାଷା ଭାବେ ଶାସ୍ତ୍ରୀୟ ମାନ୍ୟତା ପାଇ ପାରିଲା। ଏଇ ହେଲା ଉତ୍କଳୀୟ ହେବାର ଗର୍ବ, ଗାରିମା। ଜୟ ଉତ୍କଳ, ଜୟ ଜଗନ୍ନାଥ।

ଫୋନ୍-୯୦୯୦୧ ୯୦୦୬୯

# ଓଡ଼ିଆ ଅସ୍ମିତା ଓ ଉତ୍କଳ ଦିବସ

ପବିତ୍ର ଉତ୍କଳ ଦିବସ ପ୍ରତ୍ୟେକ ଓଡ଼ିଆର ମନ, ପ୍ରାଣ ଏବଂ ହୃଦୟ ସହ ଜଡ଼ିତ। ଆମ ଓଡ଼ିଆ ଜାତିର ଗର୍ବ ଓ ଗୌରବ ସେହି ମହାପୁରୁଷମାନେ ନିଜ ସ୍ୱାର୍ଥକୁ ତ୍ୟାଗ କରି ଉତ୍କଳ ଜନନୀର ସେବାରେ ନିଜକୁ ଉତ୍ସର୍ଗ କରିଥିଲେ ଏବଂ ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଯେହେତୁ ୧ ଏପ୍ରିଲ୍, ୧୯୩୬ ମସିହାରେ ଓଡ଼ିଶା ପ୍ରଥମ ଭାଷାଭିତ୍ତିକ ରାଜ୍ୟ ରୂପେ ଏକ ସ୍ୱତନ୍ତ୍ର ପ୍ରଦେଶର ମର୍ଯ୍ୟାଦା ପାଇଥିଲା, ଆମେ ଏହି ଦିନକୁ ଉତ୍କଳ ଦିବସ ବା ଓଡ଼ିଶା ଦିବସ ରୂପେ ପାଳନ କରୁଅଛୁ। ଏକଦା ନିଜର କଳା-ସଂସ୍କୃତି, ଭାଷା-ସାହିତ୍ୟ, ବାଣିଜ୍ୟ-ବ୍ୟବସାୟ ଓ ସାମାଜିକ-ସାମରିକ



ଅମୂଲ୍ୟ କୁମାର ପଣ୍ଡା

ପରମ୍ପରା ପାଇଁ ଏହି ରାଜ୍ୟ ବିଶେଷ ଭାବେ ପରିଚିତ ଥିଲା। କ୍ରମେ ଏକାଧିକ କାରଣରୁ ପ୍ରଥମେ ଏହାର ସ୍ୱାଧୀନତା ଏବଂ ପରେ ସାମାଜିକ ନିରାପତ୍ତା, ଭାଷା ଓ ସଂସ୍କୃତି ଆଦି ସବୁ କିଛି ବିପନ୍ନ ହୋଇଥିଲା। ଏହାର ଭୌଗୋଳିକ ସୀମା ସଂକୋଚନ ପରେ, ଅଣଓଡ଼ିଆମାନେ, ତତ୍‌କାଳୀନ ବ୍ରିଟିଶ ସରକାରକୁ ପ୍ରଭାବିତ କରି, ଏହାକୁ ଖଣ୍ଡ ଖଣ୍ଡ କରି ବାଣ୍ଟିନେବାକୁ ମସୁଧା କରିଥିଲେ। ଏପରିକି କେତେକ ବଙ୍ଗୀୟ ପ୍ରକାଶ୍ୟରେ, ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା କି ଜାତି ନୁହେଁ, ଏଣୁ ଏହାକୁ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ନ ଦେଇ, ବଂଗଳା ଭାଷାଭାଷୀ ଅଞ୍ଚଳରେ ମିଶାଇଦେବା ପାଇଁ ମତ ଦେଇଥିଲେ। ଯାହାହେଉ, ସେମାନଙ୍କ ଷଡ଼ଯନ୍ତ୍ର ବିରୋଧରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ, ବ୍ୟାସକବି ଫକୀରମୋହନ ସେନାପତି, ପଣ୍ଡିତ ନୀଳକଣ୍ଠ ଦାଶ, କବିବର ରାଧାନାଥ ରାୟ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେବ, ସ୍ୱଭାବ କବି ଗଙ୍ଗାଧର ମେହେର, ବିଚିତ୍ରାନନ୍ଦ ଦାସ, କର୍ମବୀର ଗୌରୀଶଙ୍କର ରାୟ ଓ ହରିହର ମର୍ଦ୍ଦରାଜ ଦେବ ଆଦିଙ୍କ ନେତୃତ୍ୱରେ ପ୍ରତିବାଦର ସ୍ୱର ତୀବ୍ର ହୋଇଥିଲା। ଶେଷରେ ପରାଧୀନତା ଶୃଙ୍ଖଳରୁ ମୁକ୍ତ ହୋଇଥିଲେ ଆମେ ଏବଂ ଜନ୍ମ ନେଇଥିଲା ସ୍ୱତନ୍ତ୍ର ଓଡ଼ିଶା। ଏହା ଆଧୁନିକ ଓଡ଼ିଶା ଇତିହାସର ସବୁଠାରୁ ଉଲ୍ଲେଖନୀୟ ଘଟଣା। ଏହା ଥିଲା ଊନବିଂଶ ଶତାବ୍ଦୀରୁ ଆରମ୍ଭ ହୋଇଥିବା ଓଡ଼ିଶାର ନବଜାଗରଣର ଚୂଡ଼ାନ୍ତ ଫଳଶ୍ରୁତି। ସାଙ୍କେତିକ ଭାବେ ଏହା ଥିଲା ଓଡ଼ିଶାର ସ୍ୱକୀୟତାର ଘୋଷଣା। ଭାଷାଭିତ୍ତିରେ ରାଜ୍ୟ ଗଠନ ହେବାରେ ଓଡ଼ିଶା ଭାରତର ପ୍ରଥମ ରାଜ୍ୟ। ୧୫୬୮ରେ ଶେଷ ହିନ୍ଦୁରାଜା ମୁକୁନ୍ଦ ଦେବଙ୍କ ଦେହାନ୍ତ ପରେ, ବ୍ରିଟିଶ ଶାସନରୁ ଅଲଗା ହୋଇ ଓଡ଼ିଶାକୁ ଏକ ଅଲଗା ରାଜ୍ୟ କରିବା ପାଇଁ ମଧୁସୂଦନ ଦାସ, ଫକୀର ମୋହନ ସେନାପତି, ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ, ଗଙ୍ଗାଧର ମେହେର, ରାଧାନାଥ ରାୟ, ବାସୁଦେବ ସୁଢ଼ଳ ଦେବ ଓ କୃଷ୍ଣଚନ୍ଦ୍ର ଗଜପତିଙ୍କ ଚେଷ୍ଟାରେ ଆନ୍ଦୋଳନ ତେଜିଥିଲା। ପ୍ରଥମେ ଓଡ଼ିଶା ରାଜ୍ୟ ଛଅଟି ଜିଲ୍ଲା କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, କୋରାପୁଟ ଓ ଗଞ୍ଜାମକୁ ନେଇ ତିଆରି କରାଯାଇଥିଲା। ସାର୍ ଅଷ୍ଟିନ୍ ହବାକ୍ ଓଡ଼ିଶାର ପ୍ରଥମ ରାଜ୍ୟପାଳ ଭାବରେ ଶପଥ ନେଇଥିଲେ। ୧୯୩୬ ମସିହା ଏପ୍ରିଲ ପହିଲା ଦିନ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ମିଳିଲା। ୧୯୯୨ ମସିହାରେ ଓଡ଼ିଶାର ୧୩ଟି ଜିଲ୍ଲାକୁ ପୁନର୍ବିଭାଜନ କରି ୩୦ଟି ଜିଲ୍ଲାରେ ଭାଗ କରାଗଲା। ପ୍ରତିବର୍ଷ ଏପ୍ରିଲ୍ ପହିଲା ଦିନଟିକୁ ଓଡ଼ିଶା ଦିବସ ରୂପେ ପାଳନ କରାଯାଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର କର୍ଣ୍ଣଧାରମାନଙ୍କୁ ସମ୍ମାନ ଅର୍ପଣ କରାଯାଏ।

ଆସନ୍ତୁ ଏବେ ଜାଣିବା ଓଡ଼ିଶାର କିଛି ପୂର୍ବ ଇତିହାସ କଥା, ଯାହା ସମସ୍ତେ ଜାଣିବା ଉଚିତ। ଇଂରେଜମାନଙ୍କ ପୂର୍ବରୁ ଓଡିଶା ମରହଟ୍ଟା ଶାସକମାନଙ୍କ ଦ୍ୱାରା ଶାସିତ ହେଉଥିଲା। ମରହଟ୍ଟାମାନଙ୍କର ଅତ୍ୟାଚାରରେ ସମଗ୍ର ଓଡ଼ିଶାବାସୀ ଅତିଷ୍ଠ ହୋଇପଡିଥିଲେ। ଏହାର ସୁଯୋଗ ନେଇଥିଲେ ହରକୋଟ୍ ସାହେବ। ଏହି ପରିପ୍ରେକ୍ଷୀରେ ହରକୋଟ୍ ସାହେବ ପୁରୀର ମହନ୍ତଙ୍କ ପାଖକୁ ସମ୍ପୂର୍ଣ୍ଣ ନିରାପଦ ଯୋଗାଇଦେବା ପାଇଁ ବାର୍ତ୍ତା ପ୍ରେରଣ କରିଥିଲେ। ଏହା ପରେ ଖୋର୍ଦ୍ଧାରାଜାଙ୍କୁ ଏକ ଲକ୍ଷ ଟଙ୍କା ଲାଞ୍ଚ ଦେଇ ସୈନିକମାନଙ୍କର ଯାତାୟାତର ସୁବିଧା କରାଇ ଦେଇଥିଲେ। ମରହଟ୍ଟା ଓ ଇଂରେଜମାନଙ୍କ ମଧ୍ୟରେ ସଂଘର୍ଷ ପରେ ପୁରୀ ଇଂରେଜମାନଙ୍କ ଅଧୀନକୁ ଚାଲିଯାଇଥିଲା। ପୁରୀର ସୁରକ୍ଷା ଦାୟିତ୍ୱ ନେଇଥିଲେ ମେଜର୍ ଫ୍ଲେଚର୍। ଧୀରେ ଧୀରେ ମରହଟ୍ଟା ଶକ୍ତି ଇଂରେଜ ସାମର୍ଥ୍ୟ ପାଖରେ ହାର ମାନୁଥାଏ। ଇଂରେଜ ସୈନ୍ୟବାହିନୀ କଟକକୁ ଅକ୍ତିଆର କରିବାକୁ ଅଗ୍ରସର ହେଉଥାନ୍ତି। ଏହି ସମୟରେ ଅହମଦପୁର ଓ ମୁକୁନ୍ଦପୁରଠାରେ ମରହଟ୍ଟା ସୈନ୍ୟର ପ୍ରତିରୋଧର ସମ୍ମୁଖୀନ ହୁଅନ୍ତି ଇଂରେଜ ସୈନ୍ୟ ମାତ୍ର ଇଂରେଜମାନଙ୍କର ସାମର୍ଥ୍ୟ ମରହଟ୍ଟା ଶକ୍ତିକୁ ଅତି ସହଜରେ ପରାସ୍ତ କଲା। ଅକ୍ଟୋବର ମାସ ୧୪ ତାରିଖରେ ଇଂରେଜମାନେ ବାରବାଟୀ ଦୁର୍ଗ ଅଧିକାର କରନ୍ତି। ଏହାପରେ କଟକର ପରିଚାଳନା ପାଇଁ ଏକ କମିଶନ ଗଠନ କରାଗଲା, ଯେଉଁଥିରେ ହରକୋଟ୍, ଟିଏଚ୍ ଆର୍ଣ୍ଣେଷ୍ଟ ଓ ମାଲଭିଲେ ସଦସ୍ୟ ରହିଲେ। ଓଡ଼ିଶାର ରାଜା, ଜମିଦାରମାନେ ବ୍ରିଟିଶ ଶାସକମାନଙ୍କୁ କର ଦେବାକୁ ସମ୍ମତି ପ୍ରଦାନ କରାଗଲା। ଧୀରେ ଧୀରେ ବାଲେଶ୍ୱର ଓ ସମ୍ବଲପୁର ମଧ୍ୟ ଇଂରେଜମାନଙ୍କ ଅଧୀନକୁ ଚାଲିଯାଏ। ସଂପୂର୍ଣ୍ଣ ଓଡ଼ିଶା ଦଖଲ ପରେ ୧୮୦୩ ଡିସେମ୍ବର ମାସରେ କମିଶନରଙ୍କ କାର୍ଯ୍ୟନିର୍ବାହକ କଲେକ୍ଟର ଜେମ୍‌ସ ହଣ୍ଟରଙ୍କୁ ଭୂ-ରାଜସ୍ୱ ନୀତି ପାଇଁ ନିର୍ଦ୍ଦେଶ ଦେଲେ। ଧୀରେ ଧୀରେ ଓଡ଼ିଶା ସମ୍ପୂର୍ଣ୍ଣ ଭାବରେ ଇଂରେଜମାନଙ୍କ ଅଧୀନକୁ ଚାଲିଗଲା। ଅର୍ଥନୀତି, ସମାଜନୀତି ସବୁକିଛିର ନିର୍ଦ୍ଧାରକ ସାଜିଲେ ଇଂରେଜମାନେ। ସାମାଜିକ ବିଧି ବ୍ୟବସ୍ଥାର ନବୀକରଣ ନାମରେ ଓଡ଼ିଆ ଜାତି ନିଜର ନିଜସ୍ୱ ସଂସ୍କୃତି ଓ ପରମ୍ପରା ହରାଇଦେଲା। ନୂତନ ଚିନ୍ତା ଚେତନାର ଆଗମନ ନାମରେ ନିଜସ୍ୱ ଫାଇଦା ଉଠାଇବା ପାଇଁ ଚାହିଁଲେ ଇଂରେଜ ସରକାର। ତେଣୁ ଊନବିଂଶ ଶତାବ୍ଦୀ ଓଡ଼ିଶାର ସାମାଜିକ, ସାଂସ୍କୃତିକ ଓ ସର୍ବୋପରି ଜାତୀୟ ଜୀବନ ପାଇଁ ଥିଲା ଏକ ପରୀକ୍ଷାର ସମୟ।

୧୯୧୨ ମସିହାରେ ଇଂରେଜ ସରକାର ଓଡ଼ିଶା-ବିହାରକୁ ନେଇ ବିହାର-ଓଡିଶା ପ୍ରଦେଶ ଗଠନ କରନ୍ତି। ଫଳରେ ବହୁ ଓଡିଆ ଭାଷାଭାଷୀ ଅଞ୍ଚଳ ଓଡ଼ିଶା ଡିଭିଜନ ଭିତରେ ନ ରହି ମାନ୍ଦ୍ରାଜ, ମଧ୍ୟପ୍ରଦେଶ ଓ ବଙ୍ଗପ୍ରଦେଶ ସହିତ ମିଶି ରହିଥିଲା। ତେଣୁ ଏ ସମସ୍ତ ବିଚ୍ଛିନ୍ନାଞ୍ଚଳର ଏକତ୍ରୀକରଣ ପାଇଁ ପ୍ରାରମ୍ଭିକ ପ୍ରସ୍ତୁତି ଆରମ୍ଭ ହେଲା। ଓଡ଼ିଶାକୁ ଇଂରେଜ ଆଗମନର ଠିକ ଶହେ ବର୍ଷ ପରେ ଅର୍ଥାତ୍ ୧୯୦୩ ମସିହାରେ ଉତ୍କଳ ଗୌରବ ମଧୁସୂଦନ ଦାସ ଉତ୍କଳ ସମ୍ମିଳନୀ ଗଠନ କଲେ। ଏଥିରେ ତାଙ୍କୁ ସହଯୋଗ କରିଥିଲେ ଗୋପବନ୍ଧୁ ଓ ପାରଳାର ଗଜପତି ମହାରାଜା କୃଷ୍ଣଚନ୍ଦ୍ର ନାରାୟଣ ଦେବ। ସେମାନଙ୍କ ଉଦ୍ୟମରେ ୧୯୩୬ ମସିହା ଏପ୍ରିଲ୍ ମାସ ୧ ତାରିଖରେ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ ଘୋଷଣ କରାଗଲା। ବିହାରରେ ମିଶିଥିବା ଓଡ଼ିଶା ଡିଭିଜନରୁ (କଟକ, ପୁରୀ, ବାଲେଶ୍ୱର, ଅନୁଗୁଳ) ସମ୍ବଲପୁର ଜିଲ୍ଲା ଓ ସେତେବେଳର ମାନ୍ଦ୍ରାଜରୁ କେତେକ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ସ୍ୱତନ୍ତ୍ର ପ୍ରଦେଶ ଗଠନ କରାଗଲା। ସେହିଦିନ ଠାରୁ ପ୍ରତିବର୍ଷ ଏପ୍ରିଲ୍ ପହିଲାକୁ 'ଉତ୍କଳ ଦିବସ' ଭାବରେ ପାଳନ କରାଗଲା। ଏହା ହେଉଛି ଉତ୍କଳ ଦିବସର ମହାନ ଇତିହାସ। ଆମ ଜାତି, ଆମ ଦେଶ କିପରି ସୁସଂଗଠିତ ହୋଇ ନିଜର ପ୍ରକୃତ ପରିଚୟ ପ୍ରାପ୍ତ ହୋଇ ପାରିଲା ସେ ସମ୍ପର୍କରେ ଆମ ଉତ୍ତର ପିଢି ଅବଗତ ହେବା ଉଚିତ। ସେମାନଙ୍କୁ ଐକ୍ୟ ଓ ସଂହତିର ଗୁଣଗାନ ପାଇଁ ପ୍ରେରଣା ପ୍ରଦାନ କରିବା ଉଚିତ। ଜୀବନ ଯନ୍ତ୍ରଣାରେ ଜର୍ଜରିତ ହୋଇ ଦେଶ ଓ ଜାତିର ଏକତା ଓ ପ୍ରଗତି ତଥା ଯେଉଁମାନେ ଚିନ୍ତା କରୁଥିଲେ ସେଇ ଗୋପବନ୍ଧୁ ଓ ମଧୁବାବୁଙ୍କୁ ଆଦର୍ଶ ଭାବେ ଗ୍ରହଣ କରି ବ୍ୟକ୍ତିତ୍ୱର ବିକାଶ ସାଧନା କରିବା ଆବଶ୍ୟକ। ଏକ ମହାନ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ରଖି ମହାପୁରୁଷମାନେ ଖଣ୍ଡବିଖଣ୍ଡିତ ଓଡ଼ିଶାକୁ ଏକାଠି କରିଥିଲେ। ବିଚ୍ଛିନ୍ନ ଓଡ଼ିଶାକୁ ଏକତ୍ର କରିବା ପାଇଁ ସେମାନେ ଯେଉଁ ଉଦ୍ୟମ କରିଥିଲେ, ତାହା ଓଡ଼ିଶାବାସୀ କେବେ ଭୁଲି ପାରିବେ ନାହିଁ। ମାତ୍ର ଦୁଃଖର କଥା ଯେ, ଆଜକୁ ୮୪ ବର୍ଷ ତଳେ ମଧୁବାବୁ ଯେଉଁ ସ୍ୱପ୍ନ ନେଇ ସ୍ୱତନ୍ତ୍ର ଉତ୍କଳର ଚିନ୍ତା କରିଥିଲେ, ତାହା ପରବର୍ତ୍ତୀ ପିଢି ନଷ୍ଟଭ୍ରଷ୍ଟ କରି ଦେଇଛି। ଖଣି, ଖାଦାନ, ଜଙ୍ଗଲ, ଜଳରେ ପରିପୂର୍ଣ୍ଣ ଓଡ଼ିଶା। ଓଡ଼ିଶାରେ ସବୁ ଥାଇ ମଧ୍ୟ ଆମ ରାଜ୍ୟର ଲୋକେ ଗରିବ ହୋଇ ରହିଛନ୍ତି। ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଓଡ଼ିଶାରେ କାମ ମିଳୁ ନଥିବାରୁ ପେଟ ପୋଷିବା ପାଇଁ ଓଡ଼ିଆ ଲୋକ ବାହାର ରାଜ୍ୟକୁ ଦାଦନ ଶ୍ରମିକ ଭାବେ ଯାଉଛନ୍ତି। ଏସବୁର ସଜଡା ଦିଗ ପ୍ରତି ସଜାଗ ରହିଲେ ସେହି ମହାନ ବ୍ୟକ୍ତିଙ୍କ ପ୍ରତି ଉଚିତ ସମ୍ମାନ ହୋଇପାରିବ ବୋଲି ଆଶା କରାଯାଏ।

ଅରଙ୍ଗାବାଦ, ବରୀ. ଯାଜପୁର
ମୋ - ୯୯୩୮୯୦୬୦୭୦

# ବଣର ନିଆଁ ଓ ବିଜ୍ଞ କର୍ତ୍ତବ୍ୟ

ଜଳବାୟୁ ପରିବର୍ତ୍ତନ ଉପରେ ପ୍ରାୟ ଏକ ଦଶନ୍ଧିରୁ ଅଧିକ ସମୟ ହେବ ଅନେକ କିଛି କହିବା, ଲେଖିବା ସହିତ ସାରା ବିଶ୍ୱର ବିଭିନ୍ନ ଦେଶର ପ୍ରମୁଖ ସମ୍ବାଦପତ୍ରଠାରୁ ଆରମ୍ଭ କରି ପତ୍ର ପତ୍ରିକାରେ ପ୍ରକାଶିତ କରାଯାଇ ଆସୁଛି; ପରିବେଶ ବିଜ୍ଞାନୀମାନେ ବାରମ୍ବାର ଚେତାବନୀ ଦେଇ ଆସୁଛନ୍ତି- ନେଡ଼ିଗୁଡ଼ କହୁଣିକୁ ବୋହିବା ପୂର୍ବରୁ ବେଳହୁଁ ସାବଧାନ। କିଛି ଦେଶ, ବିଶେଷକରି ବିକାଶଶୀଳ ଦେଶମାନେ ପାରିବେଶିକ ସନ୍ତୁଳନ ବଜାୟ ରଖିବା ସଙ୍ଗେ ସଙ୍ଗେ ପରିସ୍ଥିତିରେ ପରିବର୍ତ୍ତନ ଆଣିବାକୁ ଯଥାସମ୍ଭବ ଉଦ୍ୟମ ମଧ୍ୟ କରୁଛନ୍ତି। ତେବେ ବିକଶିତ ଦେଶମାନେ, ଯେଉଁମାନଙ୍କ ଯୋଗୁଁ ସାରା ପୃଥିବୀ ଆଜି ଦୁର୍ଦ୍ଦଶା ଭୋଗୁଛି, ସେମାନଙ୍କର ଏଥି ପ୍ରତି ଅବଦାନ ସମୁଦ୍ରକୁ ଶଙ୍ଖେ ଭଳି ହେଉଛି। ସେ ଯାହାହେଉ, ଜଳବାୟୁ ପରିବର୍ତ୍ତନ ଏବେ ଆଉ ଏକ ବିପଦର ଧମକ ବା ଆଶଙ୍କା ହୋଇ ରହିନାହିଁ- ଏହାର ପ୍ରଭାବ ଏବେ ସର୍ବତ୍ର ଅନୁଭୂତ। ସବୁ ପ୍ରକାରର ସଂକେତ ସୂଚାଇ ଦେଉଛି ଯେ ଏହା କେବଳ ମାନବ ଜୀବନ ପ୍ରତି ନୁହେଁ, ବରଂ ସମ୍ପୂର୍ଣ୍ଣ ଭାବରେ ଏଇ ପୃଥିବୀ ନାମକ ଗ୍ରହରେ ଭୟଙ୍କର ବିପର୍ଯ୍ୟୟ ଘଟାଇବାକୁ ଯାଉଛି। ଏହି ବିପର୍ଯ୍ୟୟର ଏକ ସଦ୍ୟତମ ରୂପ ହେଉଛି ବାଡ଼ବାଗ୍ନି ବା ଜଙ୍ଗଲ ନିଆଁ। ସମ୍ପ୍ରତି ଶୁଷ୍କ ପାଣିପାଗ ଏବଂ ବର୍ଦ୍ଧିତ ତାପମାତ୍ରା ଜଙ୍ଗଲଗୁଡ଼ିକୁ ହୋମକାଠରେ ପରିଣତ କରି ଦେଇଛି। କେବଳ ଭାରତ ବା ଓଡ଼ିଶାର ବିଭିନ୍ନ ଜଙ୍ଗଲରେ ନୁହେଁ, ସାମ୍ପ୍ରତିକ ସମୟରେ ଦକ୍ଷିଣ କୋରିଆ ଏବଂ କାଲିଫର୍ଣ୍ଣିଆରେ ଦେଖା ଦେଇଥିବା ଭୟଙ୍କର ବାଡ଼ବାଗ୍ନି ଜଳବାୟୁ ପରିବର୍ତ୍ତନ ଦ୍ୱାରା ସୃଷ୍ଟ ଭୟାନକ ବିପଦର ଚେତାବନୀ କହିଲେ ଅତ୍ୟୁକ୍ତି ହେବନାହିଁ। ମାର୍ଚ୍ଚ ୨୦୨୫ରେ ଦକ୍ଷିଣ କୋରିଆରେ ଘଟିଥିବା ବାଡ଼ବାଗ୍ନି ଏହାର ପୂର୍ବ ରେକର୍ଡ ଭଙ୍ଗ କରିଛି। ଏହି ନିଆଁ ଉତ୍ତର ଗ୍ୟୋଙ୍ଗ୍‌ସାଙ୍ଗ୍ ପ୍ରଦେଶରେ ନିହାତି କମ୍‌ରେ ୨୮ ଜଣ ଲୋକଙ୍କ ଜୀବନ ହାନିର କାରଣ ହୋଇଥିବା ବେଳେ ୩୭ ହଜାରରୁ ଅଧିକ ଲୋକଙ୍କୁ ବାସଚ୍ୟୁତ କରିବା ସହିତ ୩୮ ହଜାର ହେକ୍ଟରରୁ ଅଧିକ ଜମି ପ୍ରତି କ୍ଷତି ପହଞ୍ଚାଇଛି। ଗୌଁସା ମନ୍ଦିର ଭଳି ବେଶ୍ କେତେକ ଐତିହାସିକ ସ୍ଥଳୀ ଧ୍ୱଂସ ପାଇଥିବା ବେଳେ ଆଣ୍ଡୋଙ୍ଗ୍‌ରେ ଥିବା ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳୀଗୁଡ଼ିକ ବିପଦଗ୍ରସ୍ତ ହୋଇଥିଲା। ବିଶେଷଜ୍ଞମାନଙ୍କ କହିବା ଅନୁସାରେ ଏହି ଅଗ୍ନିକାଣ୍ଡର ଭୟାବହତା ପାଇଁ ଦାୟୀ ହେଉଛି ଅତ୍ୟଧିକ ପରିମାଣରେ ଶୁଷ୍କ ଜଳବାୟୁ ସାଙ୍ଗକୁ ଜୋର୍‌ରେ ପବନ ବହିବା, ଯାହା ଜଳବାୟୁ ପରିବର୍ତ୍ତନ ଯୋଗୁଁ ଭୀଷଣ ରୂପ ପରିଗ୍ରହ କରିଥିଲା। ସେହିପରି କାଲିଫର୍ଣ୍ଣିଆରେ ମଧ୍ୟ ବେଳକୁ ବେଳ ଭୟଙ୍କର ବନାଗ୍ନି ଘଟଣା ବଢ଼ି ଚାଲିଛି। ୨୦୨୪ରେ ଏଠାରେ ୮.୦୨୪ ବନାଗ୍ନି ସଂଘଟିତ ହୋଇଥିବା ବେଳେ ୧,୭୦୦ରୁ ଅଧିକ ସଂଖ୍ୟକ ସଂରଚନା ଅଗ୍ନି ବିପ୍ରାତର ଶିକାର ହୋଇଥିଲା ଯେଉଁଥିରେ କିଛି ସଂଖ୍ୟକ ମାନବ ଜୀବନ ମଧ୍ୟ ହାନି ହୋଇଥିଲା। ୨୦୨୪ ଜୁଲାଇରେ ସଂଘଟିତ ପାର୍କ୍ ଅଗ୍ନିକାଣ୍ଡ ବିଶେଷ ଭାବରେ ଧ୍ୱଂସାତ୍ମକ ଥିଲା, ଯେଉଁଥିରେ ଏକ ବିଶାଳ ଭୂଖଣ୍ଡ କବଳିତ ହେବା ସହିତ ବ୍ୟାପକ କ୍ଷୟକ୍ଷତି ଘଟିଥିଲା।

ତେଣୁ ଏସବୁ ଯେ ବିଶ୍ୱ ତାପନ ଯୋଗୁଁ ସଂଘଟିତ ହେଉଛି, ଏଥିରେ କ୍ୱଚିତ୍ କେହି ଦ୍ୱିମତ ହେବେ। ଏହିସବୁ ଘଟଣାର ବର୍ଦ୍ଧିତ ପୁନରାବୃତ୍ତି ଏବଂ ଭୟାବହତା ଏଗୁଡ଼ିକର ପ୍ରଶମନ ଏବଂ ଜଳବାୟୁ ପରିବର୍ତ୍ତନର ପ୍ରଭାବଗୁଡ଼ିକ ସହିତ ଅନୁକୂଳନ ନିମନ୍ତେ ବ୍ୟାପକ କୌଶଳ ଉଦ୍ଭାବନ କରାଯିବାର ଜରୁରୀ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରୁଛି। ଜଳବାୟୁ ପରିବର୍ତ୍ତନର ଧ୍ୱଂସକାରୀ ପ୍ରଭାବ ସତ୍ତ୍ୱେ କେତେକ ବିଶ୍ୱ ନେତୃତ୍ୱ ଏହାର ଗୁରୁତ୍ୱକୁ ଅଣଦେଖା କରି ଚାଲିଛନ୍ତି। ଉଦାହରଣ ସ୍ୱରୂପ, ଆମେରିକାର ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପଙ୍କୁ ନିଆଯାଇପାରେ। ଜୋ ବାଇଡେନ୍‌ଙ୍କ ପୂର୍ବରୁ ପ୍ରଥମ ପାଳିର ରାଷ୍ଟ୍ରପତି ଥିବା ବେଳେ ସେ ପ୍ୟାରିସ୍ ଜଳବାୟୁ ଚୁକ୍ତିନାମାରୁ ଆମେରିକାକୁ ଓହରାଇ ନେଇଥିବା ବେଳେ ଏବେ ପୁଣିଥରେ ରାଷ୍ଟ୍ରପତି ହେବା ପରେ ସେ ସମାନ ଆଭିମୁଖ୍ୟ ଆପଣାଇଛନ୍ତି। ପରିଣତି ସ୍ୱରୂପ, ବିକାଶଶୀଳ ରାଷ୍ଟ୍ରମାନେ ଜଳବାୟୁ ପରିବର୍ତ୍ତନକୁ ରୋକିବା ନିମନ୍ତେ ଅତ୍ୟାଧୁନିକ ପଦକ୍ଷେପ ନେବା ପାଇଁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଶା କରାଯାଏ, ଦକ୍ଷିଣ କୋରିଆ ଏବଂ କାଲିଫର୍ଣ୍ଣିଆର ବନାଗ୍ନି ତାଙ୍କର ଆଖି ଖୋଲିବାରେ ସହାୟକ ହେବ।

ଭାରତ କ୍ଷେତ୍ରରେ ଦେଖିଲେ ଉତ୍ତରାଖଣ୍ଡ ଏବଂ ହିମାଚଳ ପ୍ରଦେଶ ବଡ଼ ଧରଣର ବନାଗ୍ନିର ସାମ୍ନା କରି ସାରିଛନ୍ତି। ଏଥିପାଇଁ ବର୍ଦ୍ଧିତ ତାପମାତ୍ରା ଏବଂ ବାୟୁମଣ୍ଡଳର ଶୁଷ୍କତା ଅଧିକ ଅବଦାନ ରଖୁଥିବା ବେଳେ ଉପରୋକ୍ତ ଦୁଇ ଦେଶର ବନାଗ୍ନି ଭାରତ ପାଇଁ ନିଦ୍ରାଭଙ୍ଗ କରିବାର ଆହ୍ୱାନ ପ୍ରଦାନ କରିଛି। ଉପଗ୍ରହ-ଆଧାରିତ ନିରୀକ୍ଷଣ ବ୍ୟବସ୍ଥାଠାରୁ ଆରମ୍ଭ କରି କୃତ୍ରିମ ଧୀମତ୍ତା ଭଳି ଉନ୍ନତ ଜ୍ଞାନକୌଶଳଗୁଡ଼ିକର ଉପଯୋଗ ନିମନ୍ତେ ସେଥିରେ ପୁଞ୍ଜିନିବେଶ କରାଯିବା ବନାଗ୍ନିଗୁଡ଼ିକର ପ୍ରାକ୍-ନିରୂପଣରେ ସହାୟତା ପ୍ରଦାନ କରିପାରେ। ଏହା ବାଦ୍ ସ୍ଥାନୀୟ ବାସିନ୍ଦାମାନଙ୍କୁ ଏ ବାବଦରେ ଶିକ୍ଷିତ ଏବଂ ସଚେତନ କରାଇବା ସହିତ ଅଗ୍ନି-ସୁରକ୍ଷା ବ୍ୟବସ୍ଥାଗୁଡ଼ିକର ଅବଲମ୍ବନ କରିବା ନିମନ୍ତେ ପ୍ରୋତ୍ସାହିତ କରିବା ମାନବ-ସୃଷ୍ଟି ଅଗ୍ନ୍ୟୁତ୍ପାତରୁ ବନାଞ୍ଚଳଗୁଡ଼ିକୁ ସୁରକ୍ଷା ପ୍ରଦାନ କରି ପାରିବ। ସେହିପରି ଗୋଷ୍ଠୀଭିତ୍ତିକ ଅଗ୍ନିକାଣ୍ଡ ପରିଚାଳନା କାର୍ଯ୍ୟକ୍ରମଗୁଡ଼ିକ ଅଗ୍ନ୍ୟୁତ୍ପାତଜନିତ ବିପତ୍ତି ପ୍ରତି ଗୋଷ୍ଠୀର ନମନୀୟତାକୁ ବୃଦ୍ଧି କରିପାରିବ। ଏସବୁ ବାଦ୍ ପରିପୋଷଣୀୟ ଜଙ୍ଗଲ ପରିଚାଳନା କୌଶଳଗୁଡ଼ିକର ଅବଲମ୍ବନ ଯଥା ନିୟନ୍ତ୍ରିତ ଭସ୍ମାଂଶ ଏବଂ ସହଜରେ ନିଆଁ ଧରିବା ଭଳି ଶୁଷ୍କ ପଦାର୍ଥଗୁଡ଼ିକର ପରିଷ୍କରଣ ବନାଗ୍ନିର ସମ୍ଭାବନାକୁ ଅନେକାଂଶରେ ହ୍ରାସ କରିବ। ପରିଶେଷରେ ପୁନର୍ନବୀକରଣୀୟ ଶକ୍ତି ଉତ୍ସ ଉପରକୁ ନିର୍ଭରଶୀଳତାରେ ପରିବର୍ତ୍ତନ ଏବଂ ବନୀକରଣ ଯୋଜନା ସମସ୍ୟାର ଦୀର୍ଘକାଳୀନ ସମାଧାନ ନିମନ୍ତେ ପଥ ପରିଷ୍କାର କରିବାର ସମସ୍ତ ସମ୍ଭାବନା ବହନ କରେ।

# ପାଣ୍ଡିତ୍ୟର ପରିଚୟ

ଅନେକ ପଢ଼ି ବହୁତ କଥା ଜାଣିଥିବା ମଣିଷଙ୍କୁ ସାଧାରଣତଃ ଲୋକମାନେ ପଣ୍ଡିତ ଆଖ୍ୟା ଦେଇ ଥାଆନ୍ତି। ବର୍ତ୍ତମାନ ସମୟରେ କୌଣସି ଜ୍ଞାନୀଙ୍କୁ ପ୍ରଶ୍ନଟିଏ ପଚାରିଲେ ସେ ଜାଣନ୍ତୁ ବା ନଜାଣନ୍ତୁ, କିଛି ନା କିଛି କହି ଥାଆନ୍ତି ସେ ଉତ୍ତର ଠିକ୍ ହେଉ ବା ଭୁଲ୍। ଆଉ କିଛି ଲୋକ ନିଜର ପାଣ୍ଡିତ୍ୟକୁ ପ୍ରତିଷ୍ଠିତ କରିବା ପାଇଁ କହିଥିବା କଥାକୁ ଯୁକ୍ତି ଛଳରେ ସଠିକ୍ ବୋଲି ପ୍ରମାଣିତ କରିବାକୁ ଚେଷ୍ଟା କରି ଥାଆନ୍ତି। ତଥାପି ଅନେକ ଲୋକ ଅଛନ୍ତି, ଯେଉଁମାନେ ବହୁ ଲୋକଙ୍କ ଉପସ୍ଥିତିରେ ମଧ୍ୟ ସ୍ପଷ୍ଟ ଭାବରେ ନିଜର ଦୁର୍ବଳତାକୁ ମାନି ଯାଆନ୍ତି। ସେମାନେ ହେଉଛନ୍ତି ପ୍ରକୃତ ପଣ୍ଡିତ। ପାଣ୍ଡିତ୍ୟ ହେଉଛି ଉଦାର ଚରିତ୍ରର କଥା। ସତ୍ୟକୁ ଉନ୍ମୋଚନ କରିବାର ଗୁଣ। ଏ ନେଇ ଏକ ଉଦାହାରଣ।

ବେଣପୁରମ୍ ରାଜ୍ୟର ଯୁବରାଜ ଥିଲେ ଅରବିନ୍ଦମ୍। ସେ ଜଣେ ଜ୍ଞାନୀ ଓ ଧର୍ମନିଷ୍ଠ ଶାସକ ଥିଲେ। ଗ୍ରନ୍ଥ ଅଧ୍ୟୟନ ବେଳେ ଥରେ ଗୋଟିଏ ଶ୍ଳୋକ ପାଖରେ ସେ ଅଟକି ଗଲେ। ତା'ର ଅର୍ଥ ଜାଣିବାକୁ ସେ ବହୁତ ପଣ୍ଡିତଙ୍କୁ ପଚାରିଲେ। କାହାରିଠାରୁ ମନ ବୁଝିଲା ଭଳି ଉତ୍ତର ପାଉ ନଥିଲେ। ଦିନେ ରାଜଦରବାରରେ ଜ୍ଞାନୀମାନଙ୍କୁ ନେଇ ଗୋଟିଏ ସଭାର ଆୟୋଜନ କଲେ। ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ବିଦ୍ୱାନ ପହଞ୍ଚିଲେ ବେଣପୁରମ୍‌ସ୍ଥିତ ରାଜ ଦରବାରରେ। ସେମାନଙ୍କ ଭିତରେ ଥିଲେ ଜ୍ଞାନାଚାର



ନାମରେ ଜଣେ ଖ୍ୟାତନାମା ବୟସ୍କ ପଣ୍ଡିତ। ବହୁ ଶାସ୍ତ୍ର ଅଧ୍ୟୟନ କରିଥିଲେ। ସମସ୍ତେ ତାଙ୍କୁ ସମ୍ମାନ କରି ଥାଆନ୍ତି। ସେ ସଭାରେ ସଭାପତିତ୍ୱ କରୁଥିଲେ।

ସଭାକାର୍ଯ୍ୟ ଚାଲିଲା। ରାଜାଙ୍କର ସେହି ପୁରୁଣା ପ୍ରଶ୍ନ। ସଭାରେ ଉପସ୍ଥିତ ପଣ୍ଡିତମାନେ ନିଜ ମତ ଅନୁସାରେ ଉତ୍ତର ଦେଲେ। ଆଉ କେହି ଜ୍ଞାନୀ ପ୍ରଶ୍ନଟିକୁ ଅମୂଳକ କହି ଫାଙ୍କିଦେଲେ। ଶେଷରେ ପ୍ରଶ୍ନଟି ଗଲା ପଣ୍ଡିତ ଜ୍ଞାନାଚାରଙ୍କ ନିକଟକୁ। ସେ ସଭା ମଞ୍ଚରେ ହାତ ଯୋଡ଼ି ଠିଆ ହୋଇଗଲେ। ସମସ୍ତ ଦର୍ଶକ ଜାଣିଥିଲେ ଅନ୍ୟମାନଙ୍କ ଉତ୍ତର ଗ୍ରହଣୀୟ ହୋଇ ନଥିଲା। ଏବେ ପଣ୍ଡିତ ଜ୍ଞାନାଚାରଙ୍କ ଉତ୍ତରକୁ ସମ୍ରାଟ ଅରବିନ୍ଦମ୍ ନିଶ୍ଚୟ ଗ୍ରହଣ କରିବେ। କିନ୍ତୁ ବୟସ୍କ ପଣ୍ଡିତଙ୍କ ଉତ୍ତରରେ ସମସ୍ତ ଜନତା ଆଶ୍ଚର୍ଯ୍ୟ ହୋଇଗଲେ। ଦିଗ୍‌ଗଜ ପଣ୍ଡିତ ଜ୍ଞାନାଚାର କହିଲେ- 'ମହାରାଜ, ଏ ପ୍ରଶ୍ନର ଉତ୍ତର ମୋତେ ଜଣାନାହିଁ। ଆଗାମୀ ଦିନରେ ଶାସ୍ତ୍ର ଅଧ୍ୟୟନ କରି ଉତ୍ତର ଦେବାକୁ ଚେଷ୍ଟା କରିବି।'

ପଣ୍ଡିତ ଜ୍ଞାନାଚାରଙ୍କ ସତ୍ୟନିଷ୍ଠତା ନିକଟରେ ପ୍ରଶ୍ନକର୍ତ୍ତା ସମ୍ରାଟ ଅରବିନ୍ଦମ୍‌ଙ୍କ ହୃଦୟ ଦ୍ରବୀଭୂତ ହୋଇଗଲା। ନିଜ ଆସନରୁ ଉଠିପଡ଼ିଲେ ସମ୍ରାଟ। ଲମ୍ବ ହୋଇ ପଣ୍ଡିତଙ୍କ ପାଦ ତଳେ ଲୋଟି ପଡ଼ିଲେ। କହିଲେ- 'ଆପଣ ହିଁ ଏ ରାଜ୍ୟର ଶ୍ରେଷ୍ଠ ପଣ୍ଡିତ। ଆଜିଠାରୁ ଆପଣଙ୍କୁ ଜ୍ଞାନାଚାର ପଣ୍ଡିତ ଶିରୋମଣି ଉପାଧିରେ ଭୂଷିତ କରାଗଲା।' ଲୋକମାନେ ଆଶ୍ଚର୍ଯ୍ୟ ହେଉଥିଲେ। କୌଣସି ଉତ୍ତର ନଦେଇ ନିଜ ଅଜ୍ଞତାକୁ ମାନି ଯାଇଥିବା ଲୋକଙ୍କୁ ପଣ୍ଡିତ କହୁଛନ୍ତି! ଯୁବରାଜ କହିଲେ- 'ଯିଏ ବିନା ଦ୍ୱିଧାରେ ସତ୍ୟକୁ ସ୍ୱୀକାର କରି ନିଅନ୍ତି ଏବଂ ନିଜର ଦୋଷକୁ ଦେଖି ପାରନ୍ତି, ସେ ହିଁ ପ୍ରକୃତ ପଣ୍ଡିତ।

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

# ଶହୀଦ ରାଜକିଶୋର ମୁଣ୍ଡାଙ୍କ ଶେଷକୃତ୍ୟ ସମ୍ପନ୍ନ




**କେନ୍ଦୁଝର,୩୧।୩/ଏନ୍ଏନ୍ଏସ୍:** ଅରୁଣାଞ୍ଚଳ ପ୍ରଦେଶ ତାୱାଂଗରେ ବିହାର ରେଜିମେଣ୍ଟର ଷଷ୍ଠ ବାଟାଲିୟନ୍‌ର ହାବିଲଦାର କେନ୍ଦୁଝର ସଦର ବ୍ଲକ୍ ନୂଆଗାଁର ରାଜକିଶୋର ମୁଣ୍ଡା ଡ୍ୟୁଟିରେ ଥିବାବେଳେ ଗତ ମାର୍ଚ୍ଚ ୨୯ରେ ବୀରଗତି ପ୍ରାପ୍ତ କରିଥିଲେ। ସହିଦଙ୍କ ମରଶରୀର ସୋମବାର ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ବିମାନବନ୍ଦରରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶେଷଦର୍ଶନ କରିବା ସହ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅପରାହ୍ଣରେ ରାଜକିଶୋରଙ୍କ ପ୍ରାର୍ଥୀବ ଶରୀର କେନ୍ଦୁଝର ପହଞ୍ଚିବା ପରେ ପ୍ରଥମେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାର ଅବସରପ୍ରାପ୍ତ ସେନା କର୍ମଚାରୀ, ଜିଲ୍ଲା ପ୍ରଶାସନିକ ଅଧିକାରୀ ଓ ଜନସାଧାରଣ ବହୁ ସଂଖ୍ୟାରେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ଶେଷକୃତ୍ୟ ନିମନ୍ତେ ରାଜକିଶୋରଙ୍କ ମରଶରୀରକୁ ପୈତୃକ ଗ୍ରାମ ନୂଆଗାଁକୁ ନିଆଯାଇଥିଲା। ଶହୀଦ ରାଜକିଶୋର ମୁଣ୍ଡା ଅମର ରହେ ଧ୍ୱନିରେ ଚତୁଃର୍ଦିଗ ପ୍ରକମ୍ପିତ ହୋଇଉଠିଥିଲା। ଜିଲ୍ଲାପାଳ ବିଶାଳ ସିଂହ, ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଲକର, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ, କେନ୍ଦୁଝର ସଦର ବିଡିଓ ବିନୋଦ କୁମାର ପଣ୍ଡା, ତହସିଲଦାର୍ ଶୁଭେନ୍ଦୁ କୁମାର ସାହୁଙ୍କ ସମେତ ଶହ ଶହ ସଂଖ୍ୟାରେ ଜନସାଧାରଣ, ଅନ୍ୟ ପ୍ରଶାସନିକ ଓ ପୁଲିସ ଅଧିକାରୀଙ୍କ ଉପସ୍ଥିତ ଥିଲେ। ପୁଲିସ ପକ୍ଷରୁ ବିଧି ଅନୁଯାୟୀ ତୋପ ସଲାମି ପ୍ରଦାନ କରାଯାଇଥିଲା।

# ସଞ୍ଜୀୟ କୁମାର ପରିଡ଼ା ଯୁବ ଯାଦବ ସଭାପତି

**ଆଳି,୩୧।୩/ଏନ୍ଏନ୍ଏସ୍:** ଆଳି ବ୍ଲକ୍ ଯୁବ ଯାଦବ ସଭାପତି ଭାବେ ଯୁବ ସମାଜସେବୀ ସଞ୍ଜୟ କୁମାର ପରିଡ଼ାଙ୍କୁ ଦାୟିତ୍ୱ ମିଳିଛି। ଆଳି ବ୍ଲକ୍ ଭୁଇଁପୁର ପଞ୍ଚାୟତ ମାନପୁର ଗ୍ରାମରେ ରାଧାକୃଷ୍ଣ ମନ୍ଦିରରେ ଆଳି ଯାଦବ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆସନ୍ତା ମେ' ୨୩ ତାରିଖ ଆଳି ଯାଦବ ସଭା ଆନୁକୂଲ୍ୟରେ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ପୂର୍ବତନ ବିଧାୟକ ସ୍ୱର୍ଗତ ଦେବେନ୍ଦ୍ର ଶର୍ମାଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଳି ବ୍ଲକ୍ ଯାଦବ ସଭାପତି ଶେଖର ବାରିକ, ଉପସଭାପତି ମଧୁସୁଦନ ଦାସ, ସମ୍ପାଦକ ଧରଣୀଧର ବେହେରା, କୋଷାଧ୍ୟକ୍ଷ ବନମାଳୀ ସେନାପତି, ପୁରୁଷୋତ୍ତମ ପଲେଇ, କେଦାରନାଥ ବେହେରା, ବାଙ୍କ ବିହାରୀ ଦାସ, ମନୋଜ କୁମାର ଦାସ, ବିଜୟ କୁମାର ମହାକୁଲ, ଶିବ ପ୍ରସାଦ ବେହେରା, ପତିତ ପାବନ ପରିଡ଼ା ଓ ଗୋଲେଖ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ନୂତନ ଯୁବ ଯାଦବ ସଭାପତିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ପରିପ୍ରେକ୍ଷୀରେ ମିଳିଥିବା ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଇବି ବୋଲି ସଞ୍ଜୟ ପ୍ରକାଶ କରିଛନ୍ତି।

## ତୃତୀୟ ପୃଷ୍ଠାରୁ

# ଇଦ୍'ରେ ବି ରକ୍ତର ...

ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅଭିଯୋଗ କରିଛି ଯେ ଇସ୍ରାଏଲ୍‌ର ଗାଜା ଯୁଦ୍ଧରେ ଅତିକମ୍‌ରେ ୬୦,୦୦୦ରୁ ଊର୍ଦ୍ଧ୍ୱ ପାଲେଷ୍ଟାଇନୀଙ୍କ ମୃତ୍ୟୁ ହୋଇଥିବା ବେଳେ ୧୧୪,୪୦୦ ଆହତ ହୋଇଛନ୍ତି। ସେହିପରି ହଜାର ହଜାର ଲୋକ ଭଗ୍ନାବଶେଷ ତଳେ ନିଖୋଜ ଥିବା ନେଇ ମନ୍ତ୍ରଣାଳୟ ଆଶଙ୍କା କରୁଛି।

ଯୁଦ୍ଧ ସମୟରେ କୌଣସି ମୌଳିକ ଆବଶ୍ୟକତା ବିନା ବୋମା ତଥା କ୍ଷେପଣାସ୍ତ୍ର ମାଡ଼ ହୋଇଥିବା ବେଳେ ଖାନ୍ ୟୁନିସ ନିକଟସ୍ଥ ଅଲ୍-ମାୱାସି ଅଞ୍ଚଳରେ 'ତୀବ୍ର ଯୁଦ୍ଧ ଅଭିଯାନ' ପୂର୍ବରୁ ଇସ୍ରାଏଲୀ ସେନା ଦକ୍ଷିଣ ଗାଜାର ରାଫାର ସମସ୍ତ ବାସିନ୍ଦାଙ୍କୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛି। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଛନ୍ତି 'ଯୁଦ୍ଧବିରତି ପାଇଁ ହମାସକୁ 'ତାଙ୍କର ଅସ୍ତ୍ର ଛାଡିବାକୁ ପଡିବ, ଏହାର ନେତାମାନଙ୍କୁ ନିର୍ବାସିତ କରିବାକୁ ପଡ଼ିବ ଏବଂ ଗାଜାରେ ସୁରକ୍ଷା ଦାୟିତ୍ୱ ଇସ୍ରାଏଲକୁ ହସ୍ତାନ୍ତର କରିବାକୁ ପଡ଼ିବ।'

ଅନ୍ୟ ଏକ ରିପୋର୍ଟ ଅନୁସାରେ ହମାସ୍ ସମର୍ଥିତ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ହମାସ୍ ଏବେ ଇଜିପ୍ଟ ପକ୍ଷରୁ ପ୍ରସ୍ତାବିତ ପ୍ରସ୍ତାବ ଆଧାରରେ ଇସ୍ରାଏଲ୍ ସହ ଅସ୍ତ୍ରବିରତି ପାଇଁ ରାଜି ହୋଇଛି। ଏହି ପ୍ରସ୍ତାବ ଆଧାରରେ ହମାସ୍ ଆମେରିକୀୟ-ଇସ୍ରାଏଲୀ ଆଇଡାନ୍ ଆଲେକଜାଣ୍ଡରଙ୍କ ସମେତ ମୋଟ୍ ୫ ବନ୍ଧକଙ୍କୁ ମୁକ୍ତ କରିବ। ଇଜିପ୍ଟ ପକ୍ଷରୁ ପ୍ରସ୍ତାବିତ ଅସ୍ତ୍ରବିରତି ଚୁକ୍ତି ଆଧାରିତ ଏହି ପ୍ରସ୍ତାବରେ ନୂତନ ଯୁଦ୍ଧବିରତି ପାଇଁ ହମାସ ରାଜି ହୋଇଛି। ହମାସ ନେତା ଖଲିଲ ଅଲ୍-ହାୟା ଏକ ଟେଲିଭିଜନ୍ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିବା ଅବସରରେ ଏ ସମ୍ପର୍କରେ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି ଯେ ଆତଙ୍କବାଦୀ ଗୋଷ୍ଠୀ ଇଜିପ୍ଟର ମଧ୍ୟସ୍ଥତାଙ୍କ ଦ୍ୱାରା ପଠାଯାଇଥିବା ଏକ ଡ୍ରାଫ୍ଟ ଚୁକ୍ତିନାମା ସହିତ 'ସକାରାତ୍ମକ' ଭାବରେ ଆଲୋଚନା କରିଛି ଏବଂ ଏହାର ସର୍ତ୍ତାବଳୀକୁ ଗ୍ରହଣ କରିଛି।

# ଜାତୀୟ ଐତିହ୍ୟ ତାଲିକାରେ ...

ପଡୁଥିବା ବେଳେ ଆଜି ବିଧିବଦ୍ଧ ଭାବେ ଏହି ତାଲିକାଭୁକ୍ତ ହୋଇଛି ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ତେବେ ଆବେଦନ ଶେଷ ତାରିଖ ମାର୍ଚ୍ଚ ୩୧ ତାରିଖ ଥିବାବେଳେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଠିକଣା ସମୟରେ ନାମାଙ୍କନ ପତ୍ର ଦାଖଲ ହୋଇଥିଲା।

ଗଜପତି ମହାରାଜାଙ୍କ ମାର୍ଗଦର୍ଶନ ତଥା ମୁଖ୍ୟ ଶାସନ ସଚିବଙ୍କ ପରାମର୍ଶ ଅନୁସାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ନେତୃତ୍ୱରେ କମ୍ ଅବଧି ମଧ୍ୟରେ ସମସ୍ତ ପ୍ରସ୍ତୁତି ହୋଇଥିବା ବେଳେ ମହାପ୍ରଭୁଙ୍କ ସେବକମାନେ ମଧ୍ୟ ଏଥିଲାଗି ଅକୁଣ୍ଠ ସହଯୋଗ ପ୍ରଦାନ କରିଥିଲେ। ଏଥିପାଇଁ ସମସ୍ତ ଶ୍ରୀଜଗନ୍ନାଥପ୍ରେମୀ ଭକ୍ତ, ସେବକଙ୍କ ସହ ସହଯୋଗର ହାତ ବଢ଼ାଇଥିବା ବ୍ୟକ୍ତି ତଥା ଅନୁଷ୍ଠାନଙ୍କୁ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ସାମାଜିକ ଗଣମାଧ୍ୟମ 'ଏକ୍ସ' ଜରିଆରେ ଏ ନେଇ ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ। ଏ ନେଇ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ସରକାରଙ୍କୁ ପ୍ରସ୍ତାବ ପଠାଯାଇଥିଲା।

# ଯୁବକଙ୍କ ଗଳାକାଟି ...

ଉଗ୍ରରୂପ ଧାରଣ କରିଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଯାତ୍ରା ଅଧିକାରୀଙ୍କ ପୁଅ ଜଗଦୀଶଙ୍କ ବେକକୁ ଛୁରାମାଡ଼ କରିଥିଲେ। ଫଳରେ ଜଗଦୀଶଙ୍କ ବେକରୁ ମାତ୍ରାଧିକ ରକ୍ତସ୍ରାବ ହୋଇଥିଲା। ପରେ ଗୁରୁତର ଅବସ୍ଥାରେ ତାଙ୍କୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳ ଓ ମେଡିକାଲରେ ପହଞ୍ଚି ତଦନ୍ତ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ବଡ଼ ବଜାର ଥାନାଧିକାରୀ ବାବା ଶଙ୍କର ସରଫ ଘଟଣାସ୍ଥଳରୁ ଅଭିଯୁକ୍ତ ବାପା ଓ ପୁଅକୁ ଗିରଫ କରିଛନ୍ତି। ଉଭୟଙ୍କୁ ଥାନାରେ ପଚରାଉଚରା କରାଯାଉଥିବା ନେଇ ବ୍ରହ୍ମପୁର ଏସ୍‌ପି ଡା.ସର୍ବଣା ବିବେକ୍ ଏମ୍ ସୂଚନା ଦେଇଛନ୍ତି।

# ୧୫ ଦିନରେ ନୂଆ ...

ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଆଉ ୧୫ ଭିତରେ କାର୍ଯ୍ୟ ଶେଷହେବ। ନୂଆ ନୀତି ଆସିଲେ ରାଜ୍ୟରେ ନୂଆ ମଦ ଦୋକାନ ଖୋଲିବା ଉପରେ କଟକଣା ଓ ପର୍ଯ୍ୟାୟକ୍ରମେ ମଦ ଦୋକାନ ସଂଖ୍ୟା ହ୍ରାସ ପାଇବ। 'ଲଟେରୀ ସିଷ୍ଟମ୍‌ରେ ୫ ବର୍ଷିଆ ଲାଇସେନ୍ସ' ଆଦିରେ ବ୍ୟାପକ ପରିବର୍ତ୍ତନ ହେବ। ରାଜସ୍ୱ ସଂଗ୍ରହ ପାଇଁ ଅବକାରୀ ଟିକସ ଉପରେ ନିର୍ଭରଶୀଳତା କମ୍ କରିବାକୁ ପଡ଼ିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସ୍ପଷ୍ଟ କରିଛନ୍ତି।

## ଭଦ୍ରକରେ ଇଦ୍-ଉଲ୍-ଫିତର୍

# ଜାମା ମସଜିଦ୍ ଓ ଇଦ୍‌ଘାରେ ସମୂହ ନମାଜପାଠ

**ଭଦ୍ରକ,୩୧।୩/ଏନ୍ଏନ୍ଏସ୍:** ଭଦ୍ରକ ସହରରେ ଇଦ୍-ଉଲ୍-ଫିତର୍ ପର୍ବ ପାଳିତ ହୋଇଯାଇଛି। ଭଦ୍ରକ ପୁରୁଣା ବଜାରସ୍ଥିତ ଜାମା ମସଜିଦ୍‌ରେ ସକାଳ ୯ଟା ୧୫ ମିନିଟ୍ ଓ କୁଆଁସ କଦମ୍ବବେଢ଼ାସ୍ଥିତ ଇଦ୍‌ଘା ମଇଦାନରେ ସକାଳ ୯ଟା ୩୦ ମିନିଟ୍‌ରେ ନମାଜପାଠ ହୋଇଥିଲା। ସେହିପରି ଛଡ଼ାକ ମହଲ୍ଲା, କାଜି ମହଲ୍ଲା, ବଡ଼-ସାନ ଶଙ୍କରପୁର, ମିର୍ଜାପୁର, ଅଲାଲପୁର, ଦୁର୍ଗାପୁର, ଶେଖସାହି, ନଂଘା ମହଲ୍ଲା, ହଜାରୀ ନଗର, ସାହାପୁର, ଏଲଖା, ଚରମ୍ପା ଓ ବାଇପାସ୍ ସହ ପ୍ରାୟ ୬୩ଟି ମସଜିଦ୍‌ରେ ହଜାର ହଜାର ସଂଖ୍ୟାରେ ଇସଲାମ୍ ଧର୍ମ ସମ୍ପ୍ରଦାୟର ବ୍ୟକ୍ତି ନିର୍ଦ୍ଧାରିତ ସମୟରେ ସମୂହ ନମାଜପାଠ କରିଥିଲେ। ଜାମା ମସଜିଦ୍‌ରେ ହାଫିଜ୍ ମହମ୍ମଦ ସାଦିକ ହୋସେନ୍ ଓ ଇଦ୍‌ଘାରେ ମୌଲାନା ଫଜଲେ ହକ୍ ଖାନ୍ ଓ ହାଫିଜ୍ ଶେଖ୍ ଫକିରଉଦ୍ଦିନ ନମାଜପାଠ କରାଇବା ସହ ନୀତିନିଷ୍ଠ ଜୀବନଯାପନ ପାଇଁ ପରାମର୍ଶ ଦେଇଥିଲେ। ନମାଜପାଠ ପରେ ଉଭୟ ହିନ୍ଦୁ ଭାଇ



ଓ ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତିମାନେ ପରସ୍ପରକୁ ଆଲିଙ୍ଗନ କରି ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ। ରୋଜା ଅର୍ଥ କେବଳ ଦିନସାରା ଭୋକିଲା ରହିବା ନୁହେଁ ବରଂ ଈଶ୍ୱରଙ୍କ ସାନିଧ ଲାଭ ପାଇଁ ଆତ୍ମା ମଧ କ୍ଷୁଧାର୍ଥ ରହିଥାଏ ବୋଲି ମୁସଲିମ୍ ଜମାତର୍ ମିଡିଆ ସେଲ୍ ସଂଯୋଜକ ଶେଖ ଅନୱର (ବାବୁ) କହିଛନ୍ତି। ଇଦ୍‌ଘାରେ ଭଦ୍ରକ ମୁସଲିମ୍ ଜମାତର୍ ଉପସଭାପତି ମହମ୍ମଦ ଜକାଉଲ୍ଲା, ସମ୍ପାଦକ ହାଜି ଅବଦୁଲ୍ ମୁକିତ ଖାନ୍, ସମ୍ପାଦକ ଶେଖ ସିରାଜୁଦ୍ଦିନ, ଜମିଲ ଅଖତର ଖାନ୍, ଅସରଫ ଅଲ୍ଲି ଖାନ୍, ମିର୍ଜା ଏକ୍ରାମ୍ ବେଗ ଓ ଅଖତର ଖାନ୍ ପ୍ରମୁଖ ଉପସ୍ଥିତ ରହିଥିଲେ। ଜାମା ମସଜିଦ୍‌ରେ ମସଜିଦ୍ କମିଟି ସଭାପତି ହାଜି କାସିମ ଖାନ୍, ସମ୍ପାଦକ ଶେଖ୍ ହାଫିଜୁଲ୍ଲା ଓ ମୁସଲିମ୍ ଜମାତର ସାଧାରଣ ସମ୍ପାଦକ ହାଜି ଶେଖ୍ ଏନାମ ମହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଶେଖର ମହାପାତ୍ର, ପୂର୍ବତନ ସାଂସଦ ଅନନ୍ତ ସେଠୀ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଯୁବନେତା ଅସିତ ପଟ୍ଟନାୟକ, ଯୁବନେତା ନଳିନୀ ମହାନ୍ତି, ସୁଧାକର ରାଉତ, ଅତୀଶ ବେହେରା, ସମାଜସେବୀ ବିଦ୍ୟାଧର ସାହୁ ଓ ଦିଲ୍ଲୀପ ନାୟକ ସମେତ ବହୁ ରାଜନୈତିକ ନେତୃବୃନ୍ଦ ଉପସ୍ଥିତ ରହି ଇଦ୍ ଶୁଭେଚ୍ଛା ଜଣାଇଥିଲେ। ଅନୁରୂପ ଭାବେ ଭଦ୍ରକ ଏସ୍‌ପି ମାଡ଼କର ସନ୍ଦୀପ ସମ୍ପତ, ଅତିରିକ୍ତ ଏସ୍‌ପି ଡିଆଇବି ଅଂଶୁମାନ ଦ୍ୱିବେଦୀ, ସିଟି ଡିଏସ୍‌ପି ସମ୍ବିତ ମାଝୀ ଓ ଥାନା ଅଧିକାରୀଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀମାନେ ମଧ୍ୟ ମୁସଲମାନ ଭାଇଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ସହରରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ସ୍ୱାମୀଙ୍କ ମୃତ୍ୟୁର ଦିନକ ପରେ ଚାଲିଗଲେ ସ୍ତ୍ରୀ

**କାମାକ୍ଷାନଗର,୩୧।୩/ଏନ୍ଏନ୍ଏସ୍:** କାମାକ୍ଷାନଗର ସହର ନିକଟବର୍ତ୍ତୀ ୫୩ନଂ ଜାତୀୟ ରାଜପଥର ବଡ଼ବିଲା ସାହି ଛକ ନିକଟରେ ଗତ ୨୭ ତାରିଖ ଏକ ଦ୍ରୁତଗାମୀ ଟ୍ରକ୍ ଧକ୍କାରେ ସ୍ୱାମୀ-ସ୍ତ୍ରୀ ଗୁରୁତର ହୋଇଥିଲେ। ସ୍ୱାମୀ ବିପ୍ରବର ପାତ୍ରଙ୍କ ରବିବାର ମୃତ୍ୟୁ ହୋଇଥିବାବେଳେ ସୋମବାର ସ୍ତ୍ରୀ କୁନ୍ତଳା ପାତ୍ରଙ୍କ କଟକରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ତେବେ ପ୍ରଶାସନ ପକ୍ଷରୁ ଆବଶ୍ୟକୀୟ ସହାୟତା ପ୍ରଦାନରେ ଅବହେଳା କାରଣରୁ ସ୍ୱାମୀ-ସ୍ତ୍ରୀଙ୍କ ଚିକିତ୍ସାରେ ବାଧା ସୃଷ୍ଟି ହୋଇ ମୃତ୍ୟୁ ହୋଇଥିବା ସ୍ଥାନୀୟ ବାସିନ୍ଦା ଜଣାଇଛନ୍ତି। ଯେଉଁଦିନ ଦୁର୍ଘଟଣା ଘଟିଲା ସେହିଦିନ ଉଭୟଙ୍କ ଚିକିତ୍ସା ପାଇଁ ଗ୍ରାମବାସୀମାନେ ରାସ୍ତାରୋକ କରି ପ୍ରଶାସନକୁ ସହାୟତା ପାଇଁ ଦାବି କରିଥିଲେ। ପ୍ରଶାସନ ପକ୍ଷରୁ ଲୋକଙ୍କୁ ବୁଝାସୁଝା କରାଯାଇ ଆବଶ୍ୟକୀୟ ସହାୟତା ଯୋଗାଇବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ସେହି ପ୍ରତିଶ୍ରୁତି ପାଣିର ଗାର ସାଜିବାରୁ ଦୁହିଁଙ୍କ ମୃତ୍ୟୁ ହୋଇଛି। ରବିବାର ସ୍ୱାମୀ ବିପ୍ରବରଙ୍କ ମୃତ୍ୟୁ ହେବା ପରେ କଟକରୁ ମୃତଦେହ ଆସି କାମାକ୍ଷାନଗରରେ ପହଞ୍ଚିବା ପରେ ସ୍ଥାନୀୟ ଲୋକ ସ୍ତ୍ରୀଙ୍କ ଚିକିତ୍ସା ପାଇଁ ଖର୍ଚ୍ଚ ଦାବି କରିବା ସହ ମୃତକଙ୍କ ପାଇଁ କ୍ଷତିପୂରଣ ଦାବି କରିଥିଲେ। ବିପ୍ରବରଙ୍କ ଶବକୁ ଜାତୀୟ ରାଜପଥରେ ରଖି ଗ୍ରାମବାସୀମାନେ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ରାସ୍ତାରୋକ କରିଥିଲେ। ଖବରପାଇ କାମାକ୍ଷାନଗର ଏସ୍‌ଡିପିଓ ଜ୍ଞାନରଞ୍ଜନ ମିଶ୍ର ଓ ଅତିରିକ୍ତ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ୨୦ ହଜାର ଟଙ୍କା ପ୍ରଦାନ କରିବା ସହ ଅନ୍ୟାନ୍ୟ ସହାୟତା ଯୋଗାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ସ୍ତ୍ରୀ କୁନ୍ତଳାଙ୍କ ମୃତ୍ୟୁ ହୋଇଯିବା ପରେ ପ୍ରଶାସନର ପାରିବାପଣିଆ ଓ କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ ସୋମବାର ଅପରାହ୍ନରେ କୁନ୍ତଳାଙ୍କ ମରଶରୀର ଗାଁରେ ପହଞ୍ଚିବା ପରେ କାମାକ୍ଷାନଗର ଏନ୍ଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ା, କାଉନସିଲର୍ ଯୁଗଳ ପରିଡ଼ା, ପ୍ରମୋଦ କ୍ଷେଣ୍ଟ ଓ ବନମାଳି ରାଉଳ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଥଲେ। ଏହାସହ ଏନ୍ଏସି ପକ୍ଷରୁ ଉଭୟଙ୍କୁ ହରିଶ୍ଚନ୍ଦ୍ର ସହାୟତା ରାଶି ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ବଡ଼ବିଲା ସାହିବାସିନ୍ଦାଙ୍କ ଦାବି ଅନୁଯାୟୀ ସାହି ମଧ୍ୟରେ ଏନ୍ଏସି ପକ୍ଷରୁ ୧୬ଟି ହାଇମାସ୍କ ଲାଇଟ୍ ଲଗାଯାଇଛି।

# ଅଗ୍ନିକାଣ୍ଡରେ ଜଳିଗଲା ୫ ବଖରା

**ସୋର,୩୧।୩/ଏନ୍ଏନ୍ଏସ୍:** ସୋର ବ୍ଲକ୍ ସିଙ୍ଗାଖୁଣ୍ଟା ପଞ୍ଚାୟତ ସରଳିଆ ଗ୍ରାମରେ ଅଗ୍ନିକାଣ୍ଡ ଘଟିବାରୁ ୫ ବଖରା ପୋଡ଼ି ପାଉଁଶ ହୋଇଯାଇଥିବା ଜଣାପଡ଼ିଛି। ସୋମବାର ଅପରାହ୍ଣରେ ଗ୍ରାମର ଭାରତ ବାରିକଙ୍କ ବୋହୂ ରୋଷେଇ କରୁଥିବାବେଳେ ଅଗ୍ନିକାଣ୍ଡ ଘଟିଥିଲା। ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିବା ସହ ସୋର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବରପାଇ ୨ଟି ଦମକଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ଭରତ ବାରିକଙ୍କ ୨ ବଖରା ଓ ତାଙ୍କ ତାଙ୍କ ପୁଅ ରବୀନ୍ଦ୍ର ବାରିକଙ୍କ ୩ ବଖରା ଘର ସମ୍ପୂର୍ଣ୍ଣ ଜଳି ପୋଡ଼ି ପାଉଁଶ ହୋଇଯାଇଥିଲା।

# ଟ୍ରାକ୍ଟର୍ ଓଲଟି ଡ୍ରାଇଭର୍ ମୃତ

**କୁଆଖିଆ,୩୧।୩/ଏନ୍ଏନ୍ଏସ୍:** ରସୁଲପୁର ବ୍ଲକ୍ ଅନର୍ଗତ ଅତଳଲାପୁର ଜୋର ନିକଟରେ ଟ୍ରାକ୍ଟର୍ ଓଲଟି ପଡ଼ିବାରୁ ଡ୍ରାଇଭର୍‌ଙ୍କ ମୃତ୍ୟୁ ହୋଇଛି। ଅର୍ଥଙ୍ଗା ପଞ୍ଚାୟତ ମହାଲିକ ଘର ଟ୍ରାକ୍ଟର୍ ଆସୁଥିବାବେଳେ ଜୋର ଅତଳପୁର ନିକଟରେ ଓଲଟି ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଖବର ଲେଖାହେବା ପର୍ଯ୍ୟନ୍ତ ଡ୍ରାଇଭର୍‌ଙ୍କ ପରିଚୟ ମିଳିନଥିଲା।

# କାର୍ ଧକ୍କାରେ ବାଇକ୍ ଆରୋହୀ ମୃତ

**ଧର୍ମଶାଳା,୩୧।୩/ଏନ୍ଏନ୍ଏସ୍:** ଧର୍ମଶାଳା ଥାନା ୫୩ନଂ ଜାତୀୟ ରାଜପଥର ଆରୁହାଗାଙ୍ଗ ପୋଖରୀ ନିକଟରେ କାର୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ବଡ଼ଚଣା ବ୍ଲକ୍ ଅଣକା ଗ୍ରାମର ସୁବାସ ଚନ୍ଦନାୟକ (୫୫)। ସୋମବାର ସକାଳେ ସୁବାସ କୌଣସି କାମରେ ବାଇକ୍ ଯୋଗ ପାଖର ଛକ ଆଡ଼କୁ ଯାଉଥିବାବେଳେ ଚଣ୍ଡିଖୋଲ ପଟୁ ଆସୁଥିବା ଏକ ହ୍ୟୁଣ୍ଡାଇ କ୍ରେଟା କାର୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ସୁବାସ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଦୁର୍ଘଟଣା ଘଟାଇଥିବା କାର୍ ଚାଳକ ତାଙ୍କୁ ବଡ଼ଚଣା ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଧର୍ମଶାଳା ଥାନା ପୁଲିସ ଏକ ମାମଲା ରୁଜୁ କରିବା ସହ ସେଠାରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର୍, ବାଇକ୍ ଓ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇ ଘଟଣାର ତଦନ୍ତ ଆରମ୍ଭ କରିଛି।

# ନୀଳମାଧବ ଶବର ସମାଜର ନୂତନ କର୍ମକର୍ତ୍ତା

**ତାଳଚେର,୩୧।୩/ଏନ୍ଏନ୍ଏସ୍:** ତାଳଚେର ବ୍ଲକ୍ ହେଁସମୂଳ ପଞ୍ଚାୟତ ନୂଆଗାଁ ଶବର ସାହି(ଜିଲିଣ୍ଡା)ରେ ତାଳଚେର ନୀଳମାଧବ ଶବର ସମାଜର ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାଣବନ୍ଧୁ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ନୂତନ ସର୍କଲ୍ ସଭାପତି ଭାବେ ଦାସରଥୀ ଦେହୁରୀ, ଉପସଭାପତି ମନସିଦ୍ଧ ନାୟକ ଓ କୋଷାଧ୍ୟକ୍ଷ ଲକ୍ଷ୍ମଣ ବେହେରାଙ୍କୁ ମନୋନୀତ କରାଯାଇଛି। ଆଗାମୀ ଦିନରେ ଶବର ସମାଜକୁ ସରକାରଙ୍କ ସମସ୍ତ ସୁବିଧା ସୁଯୋଗ କିପରି ମିଳିବ, ମେଧାବୀ ଛାତ୍ରଛାତ୍ରୀଙ୍କୁ ଉଚ୍ଚ ଶିକ୍ଷା ପାଇଁ ସରକାରଙ୍କଠାରେ ଦାବି ଜଣାଇବା ଓ ଖଣି ଖଦାନରେ ବେକାରୀ ଯୁବକ ଯୁବତୀଙ୍କୁ କିପରି ନିଯୁକ୍ତି ମିଳିପାରିବ ସେ ବିଷୟରେ ଆଲୋଚନା ହୋଇଥିଲା। ଶେଷରେ ଅଖିଳ ନାହାକ ଧନ୍ୟବାଦ ଦେଇଥିଲେ।

# ନାବାଳିକା ଗଣଦୁଷ୍କର୍ମ ଅଭିଯୋଗ

**ତେଲକୋଇ,୩୧।୩/ଏନ୍ଏନ୍ଏସ୍:** ପ୍ରେମ ସମ୍ପର୍କରୁ ଜଣେ ଆଦିବାସୀ ନାବାଳିକା ଗଣଦୁଷ୍କର୍ମର ଶିକାର ହୋଇଥିବା ନେଇ କାଳିଆହତା ଫାଣ୍ଡିରେ ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ ୨ ଜଣ ନାବାଳକ ସହ ଅନ୍ୟ ୨ ଜଣଙ୍କୁ ଉଠାଇ ଆଣି ପୁଲିସ ପଚରଉଚୁରା ଜାରି ରଖିଥିବା ସୂଚନା ରହିଛି। ଘଟଣାଟି ଶନିବାର ସନ୍ଧ୍ୟାରେ ଘଟିଥିବାବେଳେ ନାବାଳିକା ଜଣକ କାଳିଆହତା ଫାଣ୍ଡିରେ ନିଜେ ଅଭିଯୋଗ କରିଛନ୍ତି। ବେଣାମୁଣ୍ଡା ଗାଁ ମାଟିକାମୁଡ଼ା ସାହିର ପ୍ରେମିକ ଜଣଙ୍କ ପ୍ରେମିକାକୁ କିଛି କଥା ହେବାପାଇଁ ଡାକି ଶାରୀରିକ ସମ୍ପର୍କ ରଖିଥିଲା। ତେବେ ପ୍ରେମିକ ସାଙ୍ଗରେ ଯାଇଥିବା ଅନ୍ୟ ୩ ଜଣ ମଧ୍ୟ ନାବାଳିକାକୁ ଧମକାଇ ତା' ସହ ଜୋରଜବରଦସ୍ତ ଶାରୀରିକ ସମ୍ପର୍କ ରଖିଥିଲେ। ଅନ୍ୟପଟେ ନାବାଳିକା ଜଣଙ୍କୁ ମେଡିକାଲ୍ ଟେଷ୍ଟ ପାଇଁ କେନ୍ଦୁଝର ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଛି।



## ବିଭିନ୍ନ ସ୍ଥାନରେ ଇଦ୍ ଉଲ୍ ଫିତର ପାଳିତ

**ଜଟଣୀ,୩୧।୩/ଏନ୍ଏନ୍ଏସ୍:** ଇସଲାମ ଧର୍ମାବଲମ୍ବୀଙ୍କ ପବିତ୍ର ତଥା ଦାନ ଓ ଧର୍ମର ପର୍ବ ଇଦ୍ ଉଲ୍ ଫିତର ଆଜି ଜଟଣୀର ବିଭିନ୍ନ ସ୍ଥାନରେ ଧୁମ୍‌ଧାମ୍‌ରେ ପାଳନ ହୋଇଯାଇଛି। ମୁସଲମାନ ସଂପ୍ରଦାୟର ପୁରୁଷ, ମହିଳା ଓ ପିଲାଛୁଆ ସମସ୍ତେ ଏକ ମାସ ରୋଜା (ଉପବାସ) ରଖିବା ପରେ ଆଜି ଇଦ୍ ପର୍ବ ପାଳନ କରିଥିଲେ। ଏନେଇ ଏକ ମାସ ପର୍ଯ୍ୟନ୍ତ ଜଟଣୀ ସହର ଏବଂ ସମସ୍ତ ମସଜିଦ ଗୁଡ଼ିକ ଚଳଚଞ୍ଚଳ ରହିଥିଲା। ଏ ହେଉଛି ଦାନ ଓ ଧର୍ମର ପର୍ବ ବୋଲି କୁହାଯାଉଛି। ଦାନ ବାବଦରେ ପ୍ରତ୍ୟେକ ବ୍ୟକ୍ତି ଅସହାୟ ଗରିବ ଶ୍ରେଣୀର ଲୋକମାନଙ୍କୁ ଫିତରା ଅର୍ଥାତ୍ କିଛି ଟଙ୍କା ଦାନ ଦେବାର ପ୍ରଥା ରହିଥିବା ବେଳେ ନିଜ ପାଖରେ ଥିବା ଅତ୍ୟାବଶ୍ୟକ ସାମଗ୍ରୀ ବ୍ୟତୀତ ସୌଖିନ ସାମଗ୍ରୀ ସୁନା ଓ ରୁପା ଅଳଙ୍କାର ଆଦି ପାଇଁ ଯକାତ୍ ବାବଦରେ ଦାନ ଦେବାର ପରମ୍ପରାକୁ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସମସ୍ତ ମୁସଲମାନ ସଂପ୍ରଦାୟର ଲୋକମାନେ ଦାନ ଦେଇ ଇଦ୍ ନମାଜ ପାଠ କରିବାକୁ ଆସିଥିଲେ। ଏହା ହେଉଛି ଆଲ୍ଲାଙ୍କ ନିର୍ଦ୍ଦେଶ ଏବଂ କୁରାନରେ ଲିପିବଦ୍ଧ ରହିଛି। ତେବେ ଆଜି ଜଟଣୀ ସହରର ୬ଟି ମସଜିଦ ସମେତ ବେଣାପଞ୍ଜରିର ୨ଟି ମସଜିଦ ଓ ଇଦଗାହ୍ ଏବଂ ତରାବୋଇ ଓ ରଥିପୁର୍ ଆଦି ଗ୍ରାମରେ ଥିବା ମସଜିଦ ଓ ଇଦଗାହରେ ନମାଜ ପାଠ କରାଯାଇଥିଲା। ଭିନ୍ନ ଭିନ୍ନ ମସଜିଦ ଓ ଇଦଗାହରେ ଧାର୍ଯ୍ୟ ସମୟ ଅନୁସାରେ ପୂର୍ବାହ୍ନ ୮ରୁ ସାଢ଼େ ୯ ସମୟ ରହିଥିଲା। ସମସ୍ତ ନମାଜିମାନେ ନୂତନ ବସ୍ତ୍ର ପରିଧାନ କରି ଇଦ୍ବା ନମାଜ ପଢିବାକୁ ଆସିଥିବା ଦେଖିବାକୁ ମିଳିଥିଲା । ନମାଜ ପାଠ ପରେ ନିଜ ନିଜର ମୌଲବୀମାନଙ୍କ ଦ୍ୱାରା ବିଶ୍ୱର କଲ୍ୟାଣ ନିମନ୍ତେ ଆଲ୍ଲାଙ୍କ ନିକଟରେ ଦୁଆ (ପ୍ରାର୍ଥନା) କରାଯାଇଥିଲା। ଶେଷରେ ଜଣେ ଅନ୍ୟଜଣଙ୍କ ସହିତ ଆଲିଙ୍ଗନ କରି ଇଦ୍ ର ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ସମସ୍ତ ମୁସଲମାନ ସଂପ୍ରଦାୟର ଲୋକମାନଙ୍କ ଘରେ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ ହୋଇଥିଲା।

- **ବଲଙ୍ଗା:** ଆଜି ପବିତ୍ର ଇଦ୍ ପର୍ବ ଉପଲକ୍ଷେ ନିମାପଡ଼ା ବ୍ଲକ ଅନ୍ତର୍ଗତ ବିଭିନ୍ନ ମୁସଲମାନ ବସ୍ତି ମାନଙ୍କରେ ଧୁମ୍‌ଧାମ୍‌ର ପାଳିତ ହୋଇଛି। ନୂତନ ବସ୍ତ୍ର ପରିଧାନ କରି ମସଜିଦକୁ ଯାଇ ସମୂହ ନମାଜ ପାଠ କରିଛନ୍ତି ମୁସଲ ମାନ ଭାଇ ମାନେ। ଏହି ଅବସରରେ ଆଜି ମଧ୍ୟାହ୍ନ ରାଜ୍ୟ ବିଜେପି ମୁଖପାତ୍ର ସମୀର ରଞ୍ଜନ ଦାଶ, ୧୮ ନମ୍ବର ଜୋନର ବିଜେପି ମଣ୍ଡଳ ସଭାପତି ଦେବାଶିଷ ଆଚାର୍ଯ୍ୟ, ବଲଙ୍ଗା ଥାନା ଅଧିକାରୀ ଦିବ୍ୟରଞ୍ଜନ ପଣ୍ଡା,ବ୍ଲକ୍ ଅଧ୍ୟକ୍ଷ ଶଙ୍କର ଭୋଇ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ ସେହିପରି ବିଜେଡ଼ି ନେତା ଦିଲ୍ଲୀପ ନାୟକ, ଦିଲ୍ଲୀପ ପାତ୍ର ପ୍ରମୁଖ ବିଭିନ୍ନ ଦଳର ନେତାମାନେ ଉଛୁପୁରୁ ବସ୍ତି, ରଏଡ଼ବଜାର ସହ ନୂଆ ଗୋପାଳପୁର ବସ୍ତିମାନଙ୍କରେ ପହଞ୍ଚି ଇଦ୍ ଶୁଭେଚ୍ଛା ଜଣାଇଥିଲେ।
- **ଆଠଗଡ଼:** ଆଠଗଡ଼ ସହରରେ ଇଦ୍ ପର୍ବ ଆନନ୍ଦର ସହିତ ହର୍ଷ ଉଲ୍ଲାସରେ ପାଳିତ ହୋଇଯାଇଛି ଏହାସହିତ ୫୦୦ରୁ ଉର୍ଦ୍ଧ୍ୱ ମୁସଲମାନ ସମୂହ ନମାଜ ପାଠ କରିଥିବା ଜଣାଯାଇଛି। ମୁସଲମାନ ସମ୍ପ୍ରଦାୟର ସମସ୍ତ ପୁରୁଷ ଓ ମହିଳା ବିଗତ ଏକ ମାସ ଧରି ରମଜାନ ରୋଜା ପାଳନ କରିଥାନ୍ତି। ବଡ଼ ବରେଲି ଜମା ମସ୍‌ଜିଦରେ ୪୦୦ରୁ ଉର୍ଦ୍ଧ୍ୱ ମୁସଲମାନ ନମାଜ ପାଠ କରିଥିବାବେଳେ ଛୋଟା ମସଜିଦରେ ୧୦୦ ଏବଂ କଣ୍ଟୋଳ ଠାରେ ୫୦ରୁ ଉର୍ଦ୍ଧ୍ୱ ମୁସଲମାନ ନମାଜ ପାଠ କରିଥିଲେ। କାର୍ଯ୍ୟକ୍ରମରେ ମହମ୍ମଦ ଅମିନ୍, ସଇଦ ମହମ୍ମଦ, ମହମ୍ମଦ ଅସଫାକ ହୁସେନ, ଖାଲିଦ ମହମ୍ମଦ, ମହମ୍ମଦ ଅସଲମ, ମୁସାହିଦ୍ ରାଜା, ସହ ଅହମ୍ମଦ ପ୍ରମୁଖ ସହଯୋଗ କରିଥିଲେ।
- **ଫୁଲନଖରା:** ମୁସଲମାନଙ୍କ ପବିତ୍ର ରମଜାନ ମାସର ଗତକାଲି ସୋମବାର ଅନ୍ତିମ ଦିବସରେ ଚାନ୍ଦ ଦର୍ଶନ ପରେ ଆଜି ଇଦ୍ ପାଳନ କରାଯାଇଛି। ମୁସଲମାନ ସମ୍ପ୍ରଦାୟର ମହିଳା/ପୁରୁଷଙ୍କ ଦ୍ୱାରା ରଖାଯାଇଥିବା ବ୍ରତ(ରୋଜା) ଗତକାଲି ସମାପ୍ତ ହେଲାପରେ ଆଜି ସର୍ବତ୍ର ଇଦ ପର୍ବ ବିପୁଳ ଆନନ୍ଦ ଉତ୍ସାହ ସହକାରେ ପାଳନ କରାଯାଉଥିବା ଦେଖିବାକୁ ମିଳିଛି। ଏଥିପାଇଁ ମସଜିଦଗୁଡିକୁ ସୁଦୃଶ୍ୟ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ଇସଲାମ ଧର୍ମାବଲମ୍ବୀମାନେ ଆଜି ପ୍ରତ୍ୟୁଷରୁ ନବବସ୍ତ୍ର ପରିଧାନ ପୂର୍ବକ ପରସ୍ପର ମଧ୍ୟରେ ଇଦ ମୁବାରକ ଆଦାନ ପ୍ରଦାନ କରିଥିଲେ। ସକାଳ ୯ଟା ସମୟରେ ସ୍ୱତନ୍ତ୍ରଭାବେ ପ୍ରସ୍ତୁତ ଇଦଗାହ ପଡ଼ିଆରେ ମୁସଲମାନମାନେ ଏକତ୍ର ହୋଇ ସମୂହ ପ୍ରାର୍ଥନା ନମାଜ ପାଠ ସଭାରେ ଯୋଗଦେଇଥିଲେ। ପରେ ଅନ୍ୟ ସମ୍ପ୍ରଦାୟର ଭାଇମାନଙ୍କୁ ସେମାନେ ଇଦ୍ ଶୁଭେଚ୍ଛା ଜ୍ଞାପନ କରିବା ସହ ମିଷ୍ଟାନ୍ନ ଓ ଫଳ ବଣ୍ଟନ କରିଥିଲେ। ଫୁଲନଖରା ଅଞ୍ଚଳର ପୀରବଜାର ଓ ମୁଗଭଙ୍ଗା ସମେତ ଗବବସ୍ତ, ସାଇଁଶୋ, ବ୍ରାହ୍ମଣଝରିଲୋ, କୁରାଙ୍ଗ, ଉତ୍ତର ଗବବସ୍ତ (ଅଲ୍ଲୀ ନଗର) ଆଦି ମୁସଲମାନ ଅଧ୍ୟୁଷିତ ବସ୍ତିମାନଙ୍କରେ ଇଦ ପର୍ବ ପାରମ୍ପରିକ ଉତ୍ସାହ ଓ ଉଦ୍ଦିପନା ସହକାରେ ପାଳନ ହୋଇଛି। ଏହି ଅବସରରେ ନିଆଳିର ପ୍ରାକ୍ତନ ବିଧାୟକ ଡା.ପ୍ରମୋଦ କୁମାର ମଲିକ ବ୍ରାହ୍ମଣଝରିଲୋ, କୁରାଙ୍ଗପ୍ରଧାନ ଓ ଗବବସ୍ତ ସମେତ ବିଭିନ୍ନ ମସଜିଦ ଏବଂ ଇଦଗାହ ମଣ୍ଡପକୁ ଯାଇ ମୁସଲମାନ ଭାଇମାନଙ୍କୁ ଇଦ ମୁବାରକ ଜଣାଇବା ସହିତ ସେମାନଙ୍କ ସୁଖ ସମୃଦ୍ଧି କାମନା କରିଥିଲେ। ଏହି ସମୟରେ ବହୁ ସଂଖ୍ୟକ ଦଳୀୟ କର୍ମୀ ଓ ସମର୍ଥକ ଉପସ୍ଥିତ ଥିଲେ।
- **ଚାରିଛକ:** ଆଜି ଚାରିଛକ ଓ ନିମାପଡା ଅଞ୍ଚଳରେ ଥିବା ବିଭିନ୍ନ ସଂଖ୍ୟାଲଘୁ ବସ୍ତିରେ ଇଦ -ଉଲ - ଫିତର ପର୍ବ ଧୁମଧାମରେ ପାଳନ କରାଯାଇଛି। ଏହି ପର୍ବରେ ନିମାପଡା ନିର୍ବାଚନ ମଣ୍ଡଳୀର ବିଧାୟିକା ତଥା ରାଜ୍ୟ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଓ ପୂର୍ବତନ ମନ୍ତ୍ରୀ ସମୀର ରଂଜନ ଦାଶ ସମସ୍ତ ସଂଖ୍ୟାଲଘୁ ମୁସଲିମ ଭାଇ ଭଉଣୀ ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିବା ବେଳେ ପୂର୍ବତନ ମନ୍ତ୍ରୀ ସମୀର ଦାଶ ଓ ନିମାପଡା ନିର୍ବାଚନ ମଣ୍ଡଳୀର ବିଜେଡି ଯୁବନେତା ଦିଲ୍ଲିପ କୁମାର ନାୟକ ବିଭିନ୍ନ ପଞ୍ଚାୟତରେ ଥିବା ମୁସଲିମ ବସ୍ତିକୁ ଯାଇ ଅଭିନନ୍ଦନ ଜଣାଇଥିଲେ। ସେହିପରି ନିମାପଡ଼ା ବ୍ଲକ ସାଂସଦଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା ଚାରିଛକ ନିକଟସ୍ଥ ବାହାରଣା ପଞ୍ଚାୟତ ଖୁଲିସ ଚାନ୍ଦିପୁର ବସ୍ତିରେ ଯୋଗଦେଇ ମୁସଲମାନ ଭାଇ ଭଉଣୀମାନଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥିଲେ। ନିମାପଡା ରେଙ୍ଗାଲୋ, ଖାଜିପୁର, ପାଟପୁର ଓ ଚାରିଛକ ଅଞ୍ଚଳର କଳାପାଞ୍ଚଣ, ମାଧିବ୍ରହ୍ମପୁର, କୁସୁମାଠେଙ୍ଗ, ଖୁଲିସ, ଚାନ୍ଦିପୁର ବସ୍ତି ଓ ଗୋବିନ୍ଦପୁର ବସ୍ତିମାନଙ୍କରେ ଇଦ ପର୍ବ ମହା ଆନନ୍ଦ ଉଲ୍ଲାସ ସହକାରେ ପାଳନ କରିଥିଲେ।

# ଜିଲ୍ଲାସ୍ତରୀୟ ଇଦ୍ ଉଲ୍ ଫିତର୍

**ନୟାଗଡ଼,୩୧।୩/ଏନ୍ଏନ୍ଏସ୍:** ରମଜାନ ମାସର ଶେଷଦିନରେ ଚାନ୍ଦ ଦର୍ଶନ ପରେ ଇସଲାମ ଧର୍ମର ବଡ଼ ପର୍ବ ଇଦୁଲ୍ ଫିତର୍ ନମାଜ୍ ସିନ୍ଦୁରିଆ ଇଦଗାହ୍‌ଠାରେ ମୌଲାନା ଜଲାଲୁଦ୍ଦିନ୍ ଖାଁ ମିଫତାହିଙ୍କ ଦ୍ୱାରା ପାଠ କରାଯାଇଛି। ଏଥିରେ ଜିଲ୍ଲା ତଥା ଜିଲ୍ଲା ବାହାରର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ରମଜାନ ମାସ ଇସଲାମ ଧର୍ମର ପବିତ୍ର ମାସ ହୋଇଥିବା ବେଳେ ମାସର ପ୍ରଥମ ଚାନ୍ଦ ଦର୍ଶନ ପରେ ଏହି ପବିତ୍ର ମାସ ଆରମ୍ଭ ହୋଇଥାଏ। ଇସଲାମ ଧର୍ମାବଲମ୍ବୀ ମାନେ ପ୍ରତିଦିନ ଅର୍ଦ୍ଧରାତ୍ରରୁ ଶହରୀ ଆକାରରେ କିଛି ଖାଦ୍ୟ ଗ୍ରହଣକରି ଦିନ ତମାମ ନିର୍ଜଳ କାଷ୍ଠା ଉପବାସ ରଖି ସୂର୍ଯ୍ୟାସ୍ତ ପରେ ପଣା, ଫଳ, ବୁଟ, ତରଭୁଜ ଓ ଖଜୁରୀ ସେବନ କରି ଉପବାସ ଭଙ୍ଗ କରନ୍ତି। ଦିନ ସାରା ପାଞ୍ଚ ଥର ନମାଜ ପାଠ ଓ ରାତ୍ରୀକାଳୀନ ତରାୱିହ୍ ନମାଜ ପାଠ କରାଯାଏ। ବିଶିଷ୍ଟ କୁରାନ୍ ବିଶାରଦ ମୌଲାନା ଅଞ୍ଜର୍ ମାସତମାମ ତରାୱି ନମାଜ ପାଠ କରାଇଥିଲେ। ମୁସଲମାନ୍ ଅଧିବାସୀ ମାନେ ଏହି ମାସରେ ଅଧିକରୁ ଅଧିକ କୁରାନ୍ ପାଠ କରିବା ସହିତ ନିଜକୁ କୁକର୍ମ ଠାରୁ ଦୂରେଇ ରଖି ପର ଉପକାର ତଥା ଅସହାୟମାନଙ୍କୁ ଦାନଧର୍ମ ବହୁଳ ପରିମାଣରେ କରିଥାନ୍ତି। ବଳକା ଅର୍ଥ ଓ ସୁନାରୁପାର ପ୍ରତିବଦଳରେ ପ୍ରତି ଶହେ ଟଙ୍କାରେ



ଅଢ଼େଇ ଟଙ୍କା ଜକାତ୍ ଓ ମୁଣ୍ଡ ପିଛା ଏକ ଶହ ଟଙ୍କା ଫିତରା ଆକାରରେ ଅସହାୟ ବ୍ୟକ୍ତିଙ୍କୁ ଇଦ୍ ନମାଜ ପାଠ ପୂର୍ବରୁ ଦାନ କରିବା ବାଧ୍ୟତାମୂଳକ ଅଟେ। ଏହି ପୁଣ୍ୟ ମାସରେ ବିଶ୍ୱଶାନ୍ତି, ମାନବ ସଭ୍ୟତାର ସ୍ଥାୟୀତ୍ୱ, ସଦଭାବନା ଓ ସମାଜରେ ଭାଇଚାରା ପାଇଁ ଆଲ୍ଲାଙ୍କୁ ପ୍ରାର୍ଥନା କରାଯାଇଥାଏ। ଆଜିର ମୁଖ୍ୟ ଇଦ୍ ନମାଜରେ ଇସ୍ରାଏଲ-ପାଲେଷ୍ଟାଇନ ଓ ୟୁକ୍ରେନ-ରସିଆ ଯୁଦ୍ଧ ବନ୍ଦ୍ ସହିତ ଆମ ଦେଶର ହିନ୍ଦୁ-ମୁସଲିମ ଭାଇଚାରାରେ ସୃଷ୍ଟି କରାଯାଉଥିବା ଅସ୍ଥିରତା ଓ ବିଭେଦ ଦୂର ହୋଇ ଶାନ୍ତି ପ୍ରତିଷ୍ଠା ଉପରେ ମଧ ଆଲ୍ଲାଙ୍କ ନିକଟରେ ନମାଜ ପରେ ଦୁଆ (ବିଶେଷ ପ୍ରାର୍ଥନା) କରାଯାଇଥିଲା। ଆଜିର ଜିଲ୍ଲାସ୍ତରୀୟ ଉତ୍ସବରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇ. ଦେବାଶିଷ ପଟ୍ଟନାୟକ ଓ କଂଗ୍ରେସ ଜିଲ୍ଲା ସଭାପତି ରଞ୍ଜିତ ଦାଶ ପ୍ରମୁଖ ଯୋଗଦେଇଥିବା ବେଳେ ଅନେକ ବୁଦ୍ଧିଜୀବୀ ମଧ ଯୋଗଦେଇ ମୁସଲିମ ଭାଇମାନଙ୍କୁ ଇଦ୍ ମୁବାରକ୍ ଜଣାଇଥିଲେ। ପରେ ଦୂରଦୂରାନ୍ତରରୁ ଆସିଥିବା ଶ୍ରଦ୍ଧାଳୁମାନଙ୍କୁ ସ୍ଥାନୀୟ ମସଜିଦରେ ସିନ୍ଦୁରିଆ ଗ୍ରାମବାସୀଙ୍କ ତରଫରୁ ଆତିଥେୟତା ପ୍ରଦାନ କରାଯାଇ ଚର୍ଚ୍ଚା କରାଯାଇଥିଲା। ସର୍ବେ ପରସ୍ପରକୁ ଆଲିଙ୍ଗନ କରି ଇଦ୍ ଶୁଭେଚ୍ଛା ଜଣାଇଥିଲେ। ନୟାଗଡ଼ ଟାଉନ୍ ଥାନା ଭାରପ୍ରାପ୍ତ ଅଧିକାରୀ ଆରକ୍ଷୀ ନିଯୁକ୍ତିକରି ଶାନ୍ତିଶୃଙ୍ଖଳା ତଦାରଖ କରିଥିଲେ। ସେହିପରି ସିନ୍ଦୁରିଆ ବଜାରସ୍ଥିତ ଛୋଟି ମସଜିଦ ପ୍ରାଙ୍ଗଣରେ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ଇଦ୍ ପାଳନ କରିଥିଲେ।

**ସୂଚନା**

ଓଡ଼ିଶା ରାଜ୍ୟ ଶ୍ରମିକ ସମବାୟ ସମିତି ଲିଃ

ଆସନ୍ତା ୧୫.୦୪.୨୦୨୫ ମଙ୍ଗଳବାର ଦିନ ଦିବା ଦୁଇ ଘଟିକା ସମୟରେ ସମିତିର ମୁଖ୍ୟ କାର୍ଯ୍ୟାଳୟ ତମାଣ୍ଡୋ ଭୁବନେଶ୍ୱର ଠାରେ ସମିତିର ବାର୍ଷିକ ସାଧାରଣ ସଭା କରାଯିବ ଏଥିରେ ଓଡ଼ିଶା ରାଜ୍ୟ ଶ୍ରମିକ ସମବାୟ ସମିତି ଲିମିଟେଡ଼ର ସଭ୍ୟ ସଭ୍ୟାମାନଙ୍କୁ ଉପସ୍ଥିତ ରହିବା ପାଇଁ ଅନୁରୋଧ କରାଗଲା।

ଇତି

ଆପଣଙ୍କର ବିଶ୍ୱସ୍ତ ସେକ୍ରେଟାରୀ

ଶ୍ୟାମଲାଲ ପ୍ରଧାନ

**AFFIDAVIT**

I, Prakash Pirojiwala, S/o- Late Ram Chandra Agarwal, resident of At- Sheetal Fashion, Gandhi Chowk, Pabitradiha Kamargadia, PO- Keonjhargarh, PS- Town, Dist- Keonjhar, Odisha declare that, declared by this affidavit No. 1422,dtd- 14/02/2025 that now onwards I shall be known as **PRAKASH KUMAR PIROJIWALA** for all future purposes.

**AFFIDAVIT**

I, Rajni Pirojiwala, W/o- Prakash Kumar Pirojiwala, resident of At- Sheetal Fashion, Gandhi Chowk, Pabitradiha Kamargadia, PO- Keonjhargarh, PS- Town, Dist- Keonjhar, Odisha declared by this affidavit No. 1423, dtd- 14/02/2025 that now onwards I shall be known as **RAJANI AGARWAL** for all future purposes.

### ମଙ୍ଗୁଳିରେ କାମାକ୍ଷା ଏକ୍ସପ୍ରେସ୍ ଲାଇନ୍‌ଚ୍ୟୁତ ଘଟଣା

## ୨୦ ଘଣ୍ଟା ପରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ

**ଟାଙ୍ଗୀ,୩୧।୩/ଏନ୍ଏନ୍ଏସ୍:** ଟାଙ୍ଗୀ ମଙ୍ଗୁଳି ପିଏଚ୍‌ଠାରେ ରବିବାର କାମାକ୍ଷା ଏକ୍ସପ୍ରେସ ଲାଇନଚ୍ୟୁତ ହୋଇଥିଲା। ଏହି ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୬ଜଣ ଆହତ ହୋଇଥିଲେ। ତେବେ ଘଟଣାସ୍ଥଳରେ ପ୍ରଶାସନିକ ଅଧିକାରୀ, ରେଳ ବିଭାଗର ଅଧିକାରୀମାନେ ପହଞ୍ଚି ଆହତମାନଙ୍କୁ ତୁରନ୍ତ ଚିକିତ୍ସା କଟକ ବଡ଼ ମେଡ଼ିକାଲକୁ ପଠାଇ ଅନ୍ୟ ଯାତ୍ରୀମାନଙ୍କୁ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଗନ୍ତବ୍ୟସ୍ଥଳକୁ ପଠାଇଥିଲେ। ପରେ ରେଳ ବିଭାଗର ସମସ୍ତ ଅଧିକାରୀ ଉପସ୍ଥିତ ରହି ଦୁର୍ଘଟଣାଗ୍ରସ୍ତ ବଗିରୁ ଇଞ୍ଜିନକୁ ଅଲଗା କରିବା ପରେ କ୍ରେନ୍ ମାଧ୍ୟମରେ କ୍ଷତିଗ୍ରସ୍ତ ବଗିଗୁଡ଼ିକୁ ହଟା ଯାଇଥିଲା। ପରେ ରେଳଧାରଣା ମରାମତି କାର୍ଯ୍ୟ ରାତି ତମାମ୍ ଚାଲିଥିଲା। ପାଖାପାଖି ୧୫ରୁ ୧୬ଘଣ୍ଟା ଅକ୍ଳାନ୍ତ ପରିଶ୍ରମ ପରେ ସୋମବାର ସକାଳ ୯ଟା ୩୦ମିନିଟ୍‌ରେ ପ୍ରଥମେ ଉକ୍ତ ରେଳଧାରଣା ଦେଇ ୪ଟି ମାଲବାହୀ ଗାଡ଼ି ଗଡ଼ିବା ପରେ ଭୁବନେଶ୍ୱର-ନୂଆଦିଲ୍ଲୀ ତେଜସ ରାଜଧାନୀ ସୁପରଫାଷ୍ଟ ଏକ୍ସପ୍ରେସ, ଦୁରନ୍ତ ଏକ୍ସପ୍ରେସ ହାହିଦ୍ରାବଦ୍-ସିକନ୍ଦ୍ରାବାଦ୍ ଫଲକନାମା ଏକ୍ସପ୍ରେସ୍ ସ୍ୱାଭାବିକ ଭାବେ ଯାତାୟତ କରିଥିଲା। ଦୁର୍ଘଟଣା ୨୪ଘଣ୍ଟା ଭିତରେ ମରାମତି କାର୍ଯ୍ୟ ଶେଷକରିଥିବାରୁ କାର୍ଯ୍ୟରତ ରେଳ କର୍ମଚାରୀମାନଙ୍କୁ ପ୍ରଶଂସା କରାଯାଇଛି।

## ଗୌରବ ଆଣିଲେ ଶୁଭଲକ୍ଷ୍ମୀ

**ବଲଙ୍ଗା,୩୧।୩/ଏନ୍ଏନ୍ଏସ୍:** ନିମାପଡ଼ା ବ୍ଲକ ଅନ୍ତର୍ଗତ ବାମନାଳ ପଞ୍ଚାୟତ ଅଧୀନ ପିମ୍ପଳିଆ ଗ୍ରାମରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବଡନିନିଗାଁ ବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ଶୁଭଲକ୍ଷ୍ମୀ ରାଉତ ନବୋଦୟ ପରୀକ୍ଷା ସଫଳତା ପାଇଁ ବିଦ୍ୟାଳୟ ଏବଂ ବାମନାଳ ପଞ୍ଚାୟତ ପାଇଁ ଗୌରବ ଆଣିଛନ୍ତି। ସୁଶ୍ରୀ ଶୁଭଲକ୍ଷ୍ମୀ ପିମ୍ପଳିଆ ଗ୍ରାମର ଅଜୟ ରାଉତଙ୍କ ବଡ଼ ଝିଅ। ତାଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟର ସମ୍ପାଦକ ସନ୍ତୋଷ ବରାଳଙ୍କ ସମେତ ସମସ୍ତ ଗୁରୁଜୀ ଓ ଗୁରୁମା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଜାନକୀ ରାମ ମଠ ପ୍ରତିଷ୍ଠା, ବିଶ୍ୱଶାନ୍ତି ମହାଯଜ୍ଞ

**ଓଡ଼ଗାଁ,୩୧।୩/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ରଙ୍ଗଣିପାଟଣା ପଞ୍ଚାୟତ ବାହାଡାପିଠା ଠାରେ ୪ ଦିନ ବ୍ୟାପୀ ଜାନକିରାମ ମଠ ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ। ବିଶ୍ୱର କଲ୍ୟାଣ ପାଇଁ ଗତ ୩୦ ତାରିଖ ଦିନ ଠାକୁରଙ୍କ ଅଙ୍କୁରାରୋପଣ ପରେ ଆଜି ମହିଳା ଓ ପୁରୁଷମାନେ କୁସୁମୀ ନଦୀରୁ କଳସ ଯାତ୍ରାରେ ଆସି ମଠରେ ସ୍ଥାପନା କରିଥିଲେ। ଏହାପରେ ଆହୁତି ପ୍ରଦାନ କରାଯାଇ ସୁନ୍ଦରକାଣ୍ଡ ପରାୟଣ ଓ ପ୍ରବଚନ ଅନୁଷ୍ଠିତ ହୋଇଥିଲା। ନୟାଗଡ ଜିଲ୍ଲା ଓ ଜିଲ୍ଲା ବାହାରୁ ମଠ ମହନ୍ତ,ସାଧୁ ସନ୍ଥମାନେ ଯୋଗଦେଇ ରାମଜାନକିଙ୍କୁ ସ୍ନାନ କରାଇଥିଲେ।ସମସ୍ତ ନିତିକାନ୍ତି ଅନୁଯାୟୀ ପାଳନ କରାଯାଇଥିବା ବେଳେ ପ୍ରଭୁ ଆଜି ଶୟନ ଥିବା ମଠମହନ୍ତ ପର୍ଶୁରାମ ଦାସ ମହାରାଜ ସୂଚନା ଦେଇଛନ୍ତି। ଆସନ୍ତାକାଲି ଗୀତାପାଠ ସହିତ ଯଜ୍ଞ ଆହୁତି ସୁନ୍ଦରକାଣ୍ଡ ପାରାୟଣ ଓ ୧୦୮ ହନୁମାନ ଚାଲିଶା ଓ ପ୍ରବଚନ ହେବ। ଶେଷଦିନ ନାମ ସଙ୍କୀର୍ତ୍ତନ ପରେ ସନ୍ଥ ପୂଜନ, ଯଜ୍ଞ ପୂର୍ଣ୍ଣାହୁତି, ନଗରପରିକ୍ରମା ହେବାର ବ୍ୟବସ୍ଥା ରହିଛି।

## ବାବା ଗାଦିବ୍ରହ୍ମ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍: ଗୋପ କ୍ଲବ୍ ଚାମ୍ପିଅନ୍

**ଅସ୍ତରଙ୍ଗ,୩୧।୩/ଏନ୍ଏନ୍ଏସ୍:** କାକଟପୁର ବ୍ଲକ କଜଳପାଟିଆ ଗାଦିବ୍ରହ୍ମ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ଦିବସରେ ଡେଙ୍ଗର ଇଲେଭେନ କ୍ରିକେଟ କ୍ଲବ ଅନସରାକୁ ପରାସ୍ତ କରି ଗୋପ ଇଲେଭେନ କ୍ରିକେଟ କ୍ଲବ ଚାମ୍ପିଅନ୍ ଟ୍ରଫି ହାସଲ କରିଛି। ପ୍ରଥମେ ଟସ୍ ଜିତି ଡେଙ୍ଗର ଇଲେଭେନ ୧୪ ଓଭରରେ ୮ ଉଇକେଟ ହରାଇ ୯୪ ରନ ସଂଗ୍ରହ କରିଥିଲାଫ ୯୫ ରନୟର ବିଜୟଲକ୍ଷ୍ୟ ନେଇ ୧୦.୨ବଲ୍‌ରେ ୪ଉଇକେଟ ହରାଇ ୯୫ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ବାପି କୁମାର ମ୍ୟାନ୍ ଅଫ୍ ଦ ମ୍ୟାଚ ଓ କାହ୍ନା କୁମାର ମ୍ୟାନ୍ ଅଫ୍ ଦ ସିରିଜଙ୍କୁ ଘୋଷଣା କରାଯାଇଥିଲା। ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ଦିବସରେ ମୁଖ୍ୟ ଅତିଥି ଭାବେ ଯୁବନେତା ତଥା ସମାଜସେବୀ ବିଷ୍ଣୁ ଚରଣ ବେହେରା, ସମ୍ମାନିତ ଅତିଥି ବଳରାମ ବିଶ୍ୱାଳ, କପିଳ ରାଉତ, ମଣ୍ଟୁ ବେହେରା, ନାରାୟଣ ରାଉତ ଯୋଗଦେଇ ଚାମ୍ପିଅନ୍ ଓ ରନର୍ସ ଦଳକୁ କପ୍ ସହିତ ନଗଦ ଟଙ୍କା ପ୍ରଦାନ କରିଥିଲେ।

## ବେକରେ ଓଢ଼ଣି ବାନ୍ଧି ଯୁବତୀଙ୍କ ଆତ୍ମହତ୍ୟା

**ମୁଣ୍ଡମୁହାଣ,୩୧।୩/ଏନ୍ଏନ୍ଏସ୍:** ଚନ୍ଦକା ଥାନା ଅଙ୍ଗାରପଡା ପଞ୍ଚାୟତ ପାଣିଓରା ଗ୍ରାମରେ ଜଣେ ଯୁବତୀ ବେକରେ ଓଢ଼ଣି ବାନ୍ଧି ଆତ୍ମହତ୍ୟା କରିଛନ୍ତି। ମୃତ ଯୁବତୀ ଜଣକ ହେଲେ ପାଣିଓରା ଗ୍ରାମର ବିନୋଦ ସାହୁଙ୍କ ଝିଅ ଚନ୍ମୟୀ ସାହୁ(୨୫)। ମିଳିଥିବା ସୂଚନା ଅନୁସାରେ ଗତକାଲି ସନ୍ଧ୍ୟାରେ ବିନୋଦ କୌଣସି କାମରେ ବାହାରକୁ ଯାଇଥିଲେ। ଘରର ଅନ୍ୟ ସଦସ୍ୟମାନେ ପ୍ରବଳ ଗରମ କାରଣରୁ ବାହାରେ ବସିଥିଲେ।ଘରେ କେହି ନଥିବା ସମୟର ସୁଯୋଗ ନେଇ ଚିନ୍ମୟୀ ଏକ କୋଠରୀ ମଧ୍ୟରେ ବେକରେ ଓଢଣୀ ବାନ୍ଧି ପଙ୍ଖାରେ ଝୁଲି ପଡିଥିଲେ। କିଛି ସମୟ ପରେ ମା ଚିନ୍ମୟୀଙ୍କୁ ଡାକି ଘର ଭିତରକୁ ଆସିଥିଲେ।କବାଟ ବନ୍ଦ ଥିବା ଦେଖି ଦେଖିବା ବେଳକୁ ଚନ୍ମୟୀ ଝୁଲି ପଡିଥିଲେ। ତେଣୁ ପାଟି କରି ପାଖ ପଡୋଶୀଙ୍କୁ ଡାକିଥିଲେ। ତୁରନ୍ତ କବାଟ ଭାଙ୍ଗି ଚିନ୍ମୟୀଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଏକ ଘରୋଇ ଡ଼ାକ୍ତରଖାନାକୁ ନେଇଥିଲେ ମଧ ସେଠାରେ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ଚନ୍ଦକା ଥାନା ପୁଲିସ ଶବ ଜବତ କରିଥିଲେ।ଆଜି ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି ପୁଲିସ। ମୃତ୍ୟୁର କାରଣ ଜଣାପଡି ନଥିଲେ ମଧ ପ୍ରାଥମିକ ତଦନ୍ତରୁ ଏହା ଏକ ଆତ୍ମହତ୍ୟା ବୋଲି ପୁଲିସ କହିଛି। ଶବ ବ୍ୟବଚ୍ଛେଦ ବିବରଣୀ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ ସୂଚନା ଦେଇଛି।

## ଚାଷ ଜମିରେ ବର୍ଜ୍ୟ ପାଣି, କାର୍ଯ୍ୟାନୁଷ୍ଠାନ ଶୂନ୍

**ଟାଙ୍ଗୀ,୩୧।୩/ଏନ୍ଏନ୍ଏସ୍:** ଟାଙ୍ଗୀ-ଚୌଦ୍ୱାର ବ୍ଲକ କନ୍ହେପୁର ପଞ୍ଚାୟତ ବରପଦା ଠାରେ ବିୟର କମ୍ପାନୀର ମାନମାନି ପାଇଁ ହନ୍ତସନ୍ତ ହେଉଛନ୍ତି ଚାଷୀ। ମଦ କମ୍ପାନୀର ବର୍ଜ୍ୟପାଣି ଚାଷ ଜମିକୁ ଯାଉଥିବାବେଳେ ଚାଷୀମାନେ ଅସୁବିଧାରେ ପଡ଼ିବା ସହ ଗାଈଗୋରୁ ଉକ୍ତ ବିଷାକ୍ତ ପାଣି ପିଇ ଜୀବନ ହରାଉଥିବା ଜଣାଯାଇଛି। ଯାହାକୁ ନେଇ ଅଞ୍ଚଳବାସୀ ତହସିଲଦାର ଓ ବିଡ଼ିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ହେଲେ ବିୟର କମ୍ପାନୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ସାଧାରରରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଯଦି ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରେ କମ୍ପାନୀ ସମ୍ମୁଖରେ ଧାରଣା ଦିଆଯିବ ବୋଲି ବିଜେପି ନେତା ହିମାଂଶୁ ମହାନ୍ତି ମତପ୍ରକାଶ କରିଛନ୍ତି।

## ଆଞ୍ଚଳିକ ସାମ୍ବାଦିକ ସଂଘର ଦଶମ ବାର୍ଷିକ ଉତ୍ସବ ସମାରୋହ

**ସାଲେପୁର,୩୧।୩/ଏନ୍ଏନ୍ଏସ୍:** ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘର ଦଶମ ବାର୍ଷିକ ଉତ୍ସବ ଓ ଉତ୍କଳ ଦିବସ ସମାରୋହ ତିନି ଦିନ ଧରି ଅନୁଷ୍ଠିତ ହେଉଛି। ପ୍ରଥମ ଦିବସ ସକାଳେ ହୋଇଥିବା ସଙ୍ଗୀତ, ନୃତ୍ୟ, ବକ୍ତୃତା ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ପୂର୍ବତନ ମନ୍ତ୍ରୀ ଚନ୍ଦ୍ର ସାରଥୀ ବେହେରା ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ରୂପେ ସାଲେପୁର ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି, ମୁଖ୍ୟବକ୍ତା ଭାବେ ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂ, ସମ୍ମାନିତ ଅତିଥି ରୂପେ ସାଲେପୁର ଥାନା ଆଇଆଇସି ଅନିତା ସାହୁ ଯୋଗ ଦେଇଥିଲେ। ସନ୍ଧ୍ୟାରେ ସାଲେପୁର ହାଇସ୍କୁଲ ଖେଳପଡିଆରେ ଆୟୋଜିତ ସମାରୋହ ରେ ସଂଘର ସଭାପତି ଅକ୍ଷୟ କୁମାର ଦାଶ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ରୂପେ କେନ୍ଦ୍ରାପଡା ଲୋକସଭା ସାଂସଦ ବୈଜୟନ୍ତ ପଣ୍ଡା, ମୁଖ୍ୟ ବକ୍ତା ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ତଥା ସମାଜସେବୀ ଗୀତା ଦାସ, ବିଜେପି ନେତା ତଥା ସିନେ ତାରକା ଅରିନ୍ଦମ ରାୟ ଯୋଗଦେଇ ସାଲେପୁର ସାମ୍ବାଦିକମାନେ କରୁଥିବା ଏଭଳି କାର୍ଯ୍ୟକ୍ରମ କୁ ଭୁୟସୀ ପ୍ରଶଂସା କରିଥିଲେ। ସଂଘର ସମ୍ପାଦକ ହୃଷିକେଶ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ସତ୍ୟଜିତ ପ୍ରଧାନ ଓ ସାଥୀ କଳାକାର ମାନଙ୍କ ଦ୍ୱାରା ଚିତ୍ତା କର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଯାହାକି ଦର୍ଶକଙ୍କ ମନମୁଗ୍ଧ କରିଥିଲା। ଦ୍ୱିତୀୟ ସନ୍ଧ୍ୟାରେ ସଂଘର ସଭାପତି ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ, ସମ୍ମାନିତ ଅତିଥି ରୂପେ ସାଲେପୁର ବିଜେପି ନେତା ଅରିନ୍ଦମ ରାୟ ଯୋଗଦେଇ ସମଗ୍ର ଓଡ଼ିଶାରେ କେବଳ ସାଲେପୁର ସାମ୍ବାଦିକମାନେ ଏକାଠି ହୋଇ ଏଭଳି ଉତ୍କଳ ଦିବସ ପାଳନ କରିଥିବାରୁ ସେମାନଙ୍କୁ ଯେତେ ପ୍ରଶଂସା କଲେ ବି କମ୍ ହେବ ବୋଲି କହିଥିଲେ। ସଂଘର ମହାସଚିବ ମନୋଜ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉପସଭାପତି ଦୀପକ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଉଦୟତାରକା କଳା ପରିଷଦ ବରଗଡ଼, ହାସ୍ୟ ଅଭିନେତା ଭିକାରୀ ସ୍ୱାଇଁ ଓ ମଣ୍ଟୁ ଛୁରିଆ ଏବଂ ସାଥି କଳାକାର ମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ମଞ୍ଚ ଦୁଲୁକି ଥିଲା ଏବଂ ଦର୍ଶକ ମାନେ ଏହାର ଭରପୁର ଆନନ୍ଦ ଉପଭୋଗ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ପ୍ରଦାନ କରିଥିଲେ।

## ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଓଡ଼ଗାଁ,୩୧।୩/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ରୋହିବାଙ୍କ ପଞ୍ଚାୟତ ମହେଶ୍ୱରପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ନିରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ନାଏବ ସରପଞ୍ଚଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର ପାତ୍ର ସାମ୍ବାଦିକ ଗଣେଶ୍ୱର ସାହୁ ଯୋଗଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ସାମ୍ବାଦିକ ଗଣେଶ୍ୱର ସାହୁ ଏବଂ ସମ୍ମାନିତ ଅତିଥି ଭାବେ କୋମଣ୍ଡ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଲଳିତ ମୋହନ ମିଶ୍ର ଏବଂ ନିମନ୍ତ୍ରିତ ଅତିଥିଭାବେ ମୋ'ସ୍କୁଲ ଅଭିଯାନ କମିଟିର ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଶିକ୍ଷକ ପ୍ରଦୀପ କୁମାର ପୃଷ୍ଟି, ଭଗବତୀପ୍ରସାଦ ପ୍ରସାଦ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମାକାନ୍ତ ପ୍ରଧାନ, ଶିକ୍ଷକ ରାଧାଗୋବିନ୍ଦ ନାୟକ, ସୁରେଶ ଚନ୍ଦ୍ର ମୁଦୁଲି, ଗ୍ରାମ୍ୟ ସଭାପତି ଶ୍ରୀନିବାସ ନାୟକ,ସମ୍ପାଦକ କିଶୋର ଚନ୍ଦ୍ର ଗୌଡ଼ ପ୍ରମୁଖ ଯୋଗଦେଇ ବାର୍ଷିକ ଉତ୍ସବ ଆୟୋଜନର ଉଦ୍ଦେଶ୍ୟ ଓ ମହତ୍ତ୍ୱ ପ୍ରତିପାଦନକରି ଉକ୍ତ ଉତ୍ସବ ଫଳରେ ଶିକ୍ଷାର୍ଥୀ ମାନଙ୍କର ଲୁକ୍କାୟିତ ଭାବେ ରହିଥିବା ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ ଘଟି ଶୈକ୍ଷିକ ଓ ସହଶୈକ୍ଷିକ ଦିଗଗୁଡିକ ବିକଶିତ ହେଉଥିବା ମତବ୍ୟକ୍ତ କରିଥିଲେ। ପରିଚାଳନା କମିଟିର ସଭ୍ୟାସଭ୍ୟା, ପିତାମାତା ଓ ଅଭିଭାବକ ମାନଙ୍କ ଗହଣରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ପରିବେଷଣ କରାଯାଇଥିବାବେଳେ ଚଳିତବର୍ଷର ପ୍ରଥମ ସମାପ୍ତି ସୂଚକ ଆକଳନରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ହରେକୃଷ୍ଣ ବାର୍ଷିକ ବିବରଣୀ ପାଠ କରିଥିବାବେଳେ କାହ୍ନୁ ଚରଣ ମିଶ୍ର କାର୍ଯକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚିତ

**ସାଲେପୁର,୩୧।୩/ଏନ୍ଏନ୍ଏସ୍:** ସାଲେପୁର ବାର ଆସୋସିଏସନ ର କର୍ମକର୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନରେ ସଭାପତି ଭାବେ ଆଇନଜୀବୀ ବିକ୍ରମ କେଶରୀ ବଳ, ଉପସଭାପତି ଭାବେ ଶ୍ରୀମନ୍ତ କୁମାର ରଥ ନିର୍ବାଚିତ ହୋଇଥିବା ବେଳେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ସମ୍ପାଦକ ଭାବେ ଆଇନଜୀବୀ ଭାସ୍କର ଚନ୍ଦ୍ର ବେହେରା, ସହ ସମ୍ପାଦକ ଭାବେ ହରପ୍ରସନ୍ନ ମିଶ୍ର, କୋଷାଧକ୍ଷ ଭାବେ ପ୍ରତାପ ଚନ୍ଦ୍ର ଖୁଣ୍ଟିଆ, କ୍ରୀଡ଼ା ସମ୍ପାଦକ ଭାବେ କୀର୍ତ୍ତନ ସାମଲ, ସାଂସ୍କୃତିକ ସମ୍ପାଦକ ଭାବେ ପଦ୍ମଲୋଚନ ସିଂହ, ପାଠାଗାର ସମ୍ପାଦକ ଭାବେ ଜୟନ୍ତୀପ୍ରିୟା ସେଠୀ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଏସ୍ଏମ୍ଏ ରହମଦ ସୂଚନା ଦେଇଛନ୍ତି।

## ଅଗ୍ନିକାଣ୍ଡରେ ଜଳିଗଲା ୨ ବଖରା

**କୁଆଁପାଳ,୩୧।୩/ଏନ୍ଏନ୍ଏସ୍:** ସୋମବାର ୧ଟା ସମୟରେ ମାହାଙ୍ଗା ବ୍ଲକ୍‌ର ଗୋତର ପଞ୍ଚାୟତ ଅଧିନସ୍ଥ ଆପିଲୋ ଗ୍ରାମର ଡଲି ସେଠୀ ସ୍ୱାମୀ ରାମଚନ୍ଦ୍ର ସେଠୀଙ୍କ ୨ ବଖରା ଘର ସହିତ ସମସ୍ତ ଆସବାସ ପତ୍ର ଓ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳି ପାଉଁଶ ହୋଇଥିବା ଜଣାପଡ଼ିଛି। ଘରପୋଡ଼ି ଖବରପାଇ ନିଶ୍ଚିନ୍ତକୋଇଲି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଲବାଡି କାମକରିବାକୁ ଯାଇଥିବା ସମୟରେ ଘରେ କେହି ନଥିବା ବେଳେ ଅଗ୍ନୀକାଣ୍ଡ ଘଟିଥିଲା। ଖବରପାଇଁ ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟକାନ୍ତ ପଣ୍ଡା ଓ ଶିକ୍ଷାବିତ୍ ଅକ୍ଷୟ ଷଡ଼ଙ୍ଗୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ ଅଗ୍ନିବିପନ୍ନ ପରିବାରକୁ ସହଯୋଗ କରିବା ସହିତ ମାହାଙ୍ଗା ତହସିଲଦାରଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇବାକୁ ନିର୍ଦ୍ଦେଶ ଦେଇଥିଲେ।

## ବେଆଇନ ମୋରମ୍ ଖନନ: ୨ ହାଇୱା, ଜେସିବି ଜବତ

**ବାରଙ୍ଗ,୩୧।୩/ଏନ୍ଏନ୍ଏସ୍:** ନନ୍ଦନକାନନ ନିକଟରେ ବାରଙ୍ଗ-ପିତାପଲ୍ଲୀ ରାସ୍ତାର ଏକ ମୋରମ ଖଣିରୁ ବେଆଇନ ଭାବେ ଜେସିବି ସାହାଯ୍ୟରେ ମୋରମ ଖନନ କରୁଥିବା ବେଳେ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚଢ଼ାଉକରି ଦୁଇଟି ହାଇୱା ସହିତ ଜେସିବି ମେସିନ୍‌କୁ ଜବତ କରିଛି। ଗାଡି ଜବତ କରିବା ପରେ ମାଲିକଙ୍କ ନାମରେ ମାମଲା ରୁଜୁ କରାଯାଇଛି। ଅନ୍ୟପକ୍ଷରେ ସରକାରଙ୍କର ରାଜସ୍ୱହାନୀ ହେବା ସହିତ ନନ୍ଦନକାନନ ପାଚେରୀ ପ୍ରତି ବିପଦ ମଧ ରହୁଛି। ମାଫିଆମାନେ ଏସବୁ କାର୍ଯ୍ୟ ଦିନରାତି କରୁଥିବାବେଳେ ଲଘୁଖଣିଜ ବିଭାଗ କିଭଳି ସନ୍ଧାନ ପାଇନାହିଁ ତାକୁ ନେଇ ପ୍ରଶ୍ନ ଉଠିଛି।

## ଦୁଇ ଗୋଷ୍ଠୀ ବିବାଦ: ଇଦ୍‌ଗାହରେ ପଡ଼ିଲା ତାଲା, ୧୪୪ଧାରା ଜାରି

**ଜଟଣୀ,୩୧।୩/ଏନ୍ଏନ୍ଏସ୍:** ଜଟଣୀ ସହରରେ ଆଜି ପବିତ୍ର ଇଦ୍‌ପର୍ବ ଅବସରରେ ଏକ ଅଘଟଣ ଦେଖିବାକୁ ମିଳିଥିଲା। ଦୀର୍ଘ ଦିନ ଧରି ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗିଥିବା ବେଳେ ଏହାର ଫଳ ସ୍ୱରୂପ ଆଜି ପବିତ୍ର ଇଦ୍ ପର୍ବ ପାଳନ ଏକ ପ୍ରକାର ରୋକ୍ ଲାଗିଛି ବୋଲି କୁହାଯାଉଛି। ଜଟଣୀ ସହରରେ ୬ଟି ମସଜିଦ ରହିଥିବା ବେଳେ



ଏକମାତ୍ର ଇଦ୍‌ଗାହ (ଇଦ୍ ନମାଜ ପଢ଼ିବା ସ୍ଥାନ) ରହିଛି। ସେଥିରେ ପୂର୍ବରୁ ସମସ୍ତେ ଏକତ୍ରିତ ହୋଇ ନମାଜ ପାଠ କରୁଥିଲେ। ମାତ୍ର କିଛିଦିନ ହେଲା ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ସୃଷ୍ଟି ହୋଇ କାଳକ୍ରମେ ସମ୍ପ୍ରଦାୟ ମଧ୍ୟରେ ବିଚ୍ଛେଦ ଘଟିବାକୁ ଲାଗିଲାଣି। ରମଜାନ ମାସ ସରିବା ପରେ ସୋମବାର ଇଦ୍ ପର୍ବ ପାଳନ ହେବ ବୋଲି ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ହଠାତ୍ ରବିବାର ସନ୍ଧ୍ୟାରେ ଇଦଗାହ ରେ ନମାଜ ପାଠ କରିବାକୁ ନେଇ ବିବାଦ ଉପୁଜିଥିଲା। ତେବେ ଏନେଇ ଜଟଣୀ ଥାନାର ଦ୍ୱାରସ୍ଥ ହୋଇଥିଲେ। ଆଗକୁ ବିବାଦ ଉଗ୍ରରୂପ ଧାରଣ କରିବା ଆଶଙ୍କା କରି ପ୍ରଶାସନ ପକ୍ଷରୁ ଇଦଗାହ ରେ ତାଲା ପକାଇ ଦିଆଯାଇଥିଲା। ଘଟଣା ସ୍ଥଳରେ ଭୁବନେଶ୍ୱର କମିଶନରେଟ ପୋଲିସର ଜୋନ ୩ ଏସିପି ଓ ୨ପ୍ଲାଟୁନ ଫୋର୍ସ ସହିତ ଉକ୍ତ ଇଦଗାହ ପଡ଼ିଆରେ ୧୪୪ଧାରା ଲାଗୁ କରାଯାଇ ନିଜ ନିଜର ନିକଟସ୍ଥ ମସଜିଦରେ ଇଦ୍ ନମାଜ ପାଠ କରିଥିଲେ। ଉଭୟ ଗୋଷ୍ଠୀଙ୍କ ମତାମତ ନେବାପରେ ଜଣେ ଅନ୍ୟଜଣଙ୍କ ଉପରେ ଦୋଷାରୋପ କରିଛନ୍ତି। ଏ ନେଇ ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ବିବାଦ ସୃଷ୍ଟି କରିଥିବା ଗୋଷ୍ଠୀଙ୍କୁ ଦଣ୍ଡ ଦେବାଲାଗି ସାଧାରଣରେ ଦାବି ହୋଇଛି।

## ଫ୍ୟାନ୍‌ରେ ଝୁଲି ବୃଦ୍ଧଙ୍କ ଆତ୍ମହତ୍ୟା

**କୋଣାର୍କ,୩୧।୩/ଏନ୍ଏନ୍ଏସ୍:** ସୋମବାର ସନ୍ଧ୍ୟାରେ କୋଣାର୍କ ଏନଏସି ୧୧ନଂ ୱାର୍ଡ ନାଳକଣ ଗ୍ରାମରେ ନାରାୟଣ ଦାସ(୭୬) ନାମକ ଜଣେ ବୃଦ୍ଧ ନିଜ ଘର ଫ୍ୟାନ୍‌ରେ ଦଉଡି ଦେଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସୂଚନା ମୁତାବକ କୋଣାର୍କ ଏନଏସି ଅଧୀନ ନଳକଣ ଗ୍ରାମର କେଳାସାହିର ନାରାୟଣ ଦାସ ନାମକ ବୃଦ୍ଧ ନିଜ ଘରେ ଥିବା ପଙ୍ଖାରେ ନିଜ ଗାମୁଛାରେ ବେକକୁ ବାନ୍ଧି ପରିବାର ଲୋକ ନଥିବାବେଳେ ଝୁଲି ଆତ୍ମହତ୍ୟା କରିଥିବା ପରିବାର ପକ୍ଷରୁ କୋଣାର୍କ ଥାନାରେ ଝିଅ ମଞ୍ଜୁ ଦାସ ଲିଖିତ ଅଭିଯୋଗ କରିଛନ୍ତି। ବୃଦ୍ଧ ବାପା ଘରେ ଥିଲା ବେଳେ ଝିଅ ମଜୁରୀ ଲାଗିବାକୁ ବାହାରକୁ ଯାଇଥିଲେ। ସନ୍ଧ୍ୟାରେ ଘରକୁ ଫେରି କବାଟ ଖୋଲି ଦେଖିଲାବେଳକୁ ବାପା ପଙ୍ଖାରେ ନିଜ ଗାମୁଛା ବେକରେ ବାନ୍ଧି ଓହଳି ରହିଛନ୍ତି। ପରିବାର ଲୋକ ତୁରନ୍ତ ତାଙ୍କୁ ତଳକୁ ଖୋଲି ଆଣି ପୁଲିସ୍‌କୁ ଖବର ଦେଇଥିଲେ। ଖବର ପାଇ କୋଣାର୍କ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ଜଣାପଡ଼ିଛି। ଆସନ୍ତାକାଲି ଶବ ବ୍ୟବଚ୍ଛେଦ ହେବ ବୋଲି କୋଣାର୍କ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରକାଶ କରିଛନ୍ତି।

# ୫୭ତମ ଜାତୀୟ ଖୋ ଖୋ ଚାମ୍ପିଅନ୍‌ଶିପ୍ ଉଦ୍‌ଘାଟିତ



**ପୁରୀ,୩୧।୩/ଏନ୍‌ଏନ୍‌ଏସ୍:** ଆଜି ଅପରାହ୍ନରେ ତାଳବଣିଆ ସ୍ପୋର୍ଟ୍ସ ଗ୍ରାଉଣ୍ଡ ପରିସରରେ ୫ ଦିନିଆ ଜାତୀୟ ୫୭ ତମ ପୁରୁଷ ଓ ମହିଳା ଖୋ ଖୋ ଚାମ୍ପିଅନ୍‌ଶିପ୍ ଉଦ୍‌ଘାଟିତ ହୋଇଯାଇଛି । ରାଜ୍ୟ ଖୋଖୋ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କ୍ରୀଡ଼ାକୁ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଏହାକୁ ଉଦ୍‌ଘାଟନ କରିବା ସହ କହିଥିଲେ ଯେ ପ୍ରତ୍ୟେକ କ୍ରୀଡ଼ା ଶୃଙ୍ଖଳା ଓ ଭାଇଚାରାର ଶିକ୍ଷା ଦେଇଥାଏ । ବିଭିନ୍ନ ରାଜ୍ୟରୁ ଆସିଥିବା ଏହି କ୍ରୀଡ଼ାବିତ୍‌ମାନେ ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରି ଦେଶ ପାଇଁ ସମ୍ବଳ ହୋଇପାରିବେ । ପ୍ରତିଭାର ବିକାଶ ଦିଗରେ ଖୋ ଖୋ ଖେଳ ସହାୟକ ହୋଇ ପାରିବ ବୋଲି ସେ କହିଥିଲେ।

ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ କହିଥିଲେ ଯେ ସରକାର କ୍ରୀଡ଼ାକୁ ଅଗ୍ରାଧିକାର ଦେଇଛନ୍ତି । କ୍ରୀଡ଼ାବିତ୍‌ମାନେ ନିଷ୍ଠା ଓ ଏକାଗ୍ରତାର ସହ ଶ୍ରେଷ୍ଠ ପ୍ରଦର୍ଶନ କରନ୍ତୁ ବୋଲି ସେ ଆହ୍ୱାନ ଦେଇଥିଲେ । ଖୋଖୋ ଫେଡେରେସନ୍ ଅଫ୍ ଇଣ୍ଡିଆର ସଭାପତି ସୁଧାଂଶୁ ମିତଲ ଏଥିରେ ଅଧକ୍ଷତା କରିବା ସହ ସୁନ୍ଦର ବ୍ୟବସ୍ଥା ପାଇଁ ଆୟୋଜକଙ୍କୁ ପ୍ରଶଂସା କରିଥିଲେ । ସାଧାରଣ ସମ୍ପାଦକ ଏମ୍. ଏସ୍. ତ୍ୟାଗୀ ବହୁତ କମ୍ ସମୟ ମଧ୍ୟରେ ଏହି ଜାତୀୟ କ୍ରୀଡ଼ାର ସଫଳ ଆୟୋଜନ ପାଇଁ ରାଜ୍ୟ ଆୟୋଜକଙ୍କୁ କୃତଜ୍ଞତା ଜଣାଇଥିଲେ । ଓଡ଼ିଶା ଖୋ ଖୋ ସଂଘର ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ସମସ୍ତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ପୁରୀ ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍‌ର ପୂର୍ବତନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ, ଅନ୍ୟାନ୍ୟ ଅତିଥିମାନେ ଖୋଖୋ ପ୍ରତିଯୋଗିତାଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ ଧନ୍ୟବାଦ୍ ଦେଇଥିଲେ । ମୁଖ୍ୟ ଅତିଥି କ୍ରୀଡ଼ା ପତାକା ଉତ୍ତୋଳନ ସହ ପ୍ରତିଯୋଗିତା ଆରମ୍ଭର ଘୋଷଣା କରିଥିଲେ । ଏହି ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟ ରେଲୱେ, ପୋଷ୍ଟାଲ ଇତ୍ୟାଦିର ୮୦ ଟିମ୍ ସାମିଲ ହୋଇଛନ୍ତି । ଏପ୍ରିଲ ୪ ତାରିଖରେ ଏହା ଉଦ୍‌ଯାପିତ ହେବ ।

# କାମାକ୍ଷା ଏକ୍ସପ୍ରେସ୍ ଲାଇନଚ୍ୟୁତ ଘଟଣା: ମରାମତି କାମ ଶେଷ

**କଟକ,୩୧।୩/ଏନ୍‌ଏନ୍‌ଏସ୍:** ମଙ୍ଗୁଳି-ଚୌଦ୍ୱାର ପାସେଞ୍ଜର ହଲ୍ଟ ନିକଟରେ ବେଙ୍ଗାଲୁରୁରୁ କାମାକ୍ଷା ଅଭିମୁଖେ ଯାଉଥିବା କାମାକ୍ଷା ଏକ୍ସପ୍ରେସ୍ ଗତକାଲି ଲାଇନ୍‌ଚ୍ୟୁତ ହୋଇଥିଲା ବେଳେ ୧୧ଟି ବଗି ଟ୍ରାକ୍‌ରୁ ବିଚ୍ୟୁତ ହୋଇଥିଲା । ଏହି ଦୁର୍ଘଟଣାରେ ୧୬ଜଣ ଯାତ୍ରୀ ଗୁରୁତର ହୋଇ ଏସ୍‌ସିବି ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ । ଦୁର୍ଘଟଣା ପରେ ଉକ୍ତ ଲାଇନ୍‌ରେ ଟ୍ରେନ୍ ଚଳାଚଳ ବନ୍ଦ ରହିଥିଲା । ଦୀର୍ଘ ଘଣ୍ଟା ପରେ ମରାମତି କାମ ଶେଷ ହେବା ପରେ ଆଜି ଏହି ରେଳଧାରଣା ଚଳାଚଳ ସ୍ୱାଭାବିକ ହୋଇଛି । ମରାମତି କାମରେ ପ୍ରାୟ ୨୦୦ରୁ ଅଧିକ କର୍ମଚାରୀ ନିୟୋଜିତ ହୋଇଥିଲେ । ୪ଟି ଜେସିବି ମେସିନ ନିୟୋଜିତ ହୋଇଥିଲା । ଟ୍ରେନ୍ ଦୁର୍ଘଟଣାର କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ । ଦୁର୍ଘଟଣାସ୍ଥଳରେ କମିଶନର ଅଫ ରେଲୱେ ସେଫ୍ଟି ଅଧିକାରୀ ପହଞ୍ଚି ତଦନ୍ତ ଚଳାଇଛନ୍ତି ।

# ଶ୍ରୀଜିଉଙ୍କ ଖସାପଡ଼ା ଲାଗି ନୀତି

**ପୁରୀ,୩୧।୩/ଏନ୍‌ଏନ୍‌ଏସ୍:** ଆଜି ଚୈତ୍ର ଶୁକ୍ଳ ଦ୍ୱିତୀୟା ତିଥିରେ ଶ୍ରୀମନ୍ଦିରରେ ଶ୍ରୀଜିଉଙ୍କ ଖସାପଡ଼ା ଲାଗି ନୀତି ଅନୁଷ୍ଠିତ ହୋଇଯାଇଛି । ଏଥିପାଇଁ ୫ ଘଣ୍ଟା ଅପରାହ୍ନ ୫ ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା । ଏହା ଏକ ଗୁପ୍ତ ନୀତି ହେଇଥିବାରୁ ଏହି ସମୟରେ ଦର୍ଶନରୁ ବଞ୍ଚିତ ରହିଥିଲେ ଶ୍ରଦ୍ଧାଳୁ । ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଓ ଶ୍ରୀପୟର ସୁରକ୍ଷା ପାଇଁ ଏହି ନୀତି ଅନୁଷ୍ଠିତ ହୋଇଥାଏ । ଦଇତାପତି ସେବାୟତ ମାନେ ପ୍ରଥମେ ମହାପ୍ରଭୁଙ୍କ ଶ୍ରୀପୟରକୁ ଧଳା କପଡାରେ ଘୋଡ଼ାଇ ଦେଇଥାନ୍ତି । ଏହି ନୀତି ପାଇଁ ପୂର୍ବ ଦିନରୁ ଦେଉଳକରଣ ଧଳାକନା ଧୋଇ ଶୁଖାଇ ଗାରଦରେ ଜମା ଦେଇଥାନ୍ତି। ସେହିପରି ଶୁଦ୍ଧସୁଆର ଖଳି, କଇଁଥ ଅଠା ଯୋଗାଇଥାନ୍ତି । ପରମ୍ପରା ଅନୁସାରେ ଦ୍ୱିତୀୟ ଭୋଗ ମଣ୍ଡପ ନୀତି ଶେଷ ହେବା ପରେ ଭିତରୁ ଜୟ ବିଜୟ ଦ୍ୱାର ବନ୍ଦ କରିଦିଆ ଯାଇଥିଲା । ବେହେରଣ ଦ୍ୱାର ଦେଇ ଦଇତାପତିମାନେ ଗର୍ଭଗୃହକୁ ଯାଇ ରତ୍ନସିଂହାସନ ଉପରେ ବଡ଼ ଠାକୁର ବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀ ଜଗନ୍ନାଥଙ୍କ ଶ୍ରୀଅଙ୍ଗରେ ଖସାପଡା ଲାଗି କରି ମହାପ୍ରଭୁଙ୍କର ଏହି ଗୁପ୍ତ ନୀତି ସମ୍ପନ୍ନ କରିଥିଲେ । ତେବେ ବର୍ଷକୁ ଦୁଇରୁ ତିନି ଥର ଏହି ଗୁପ୍ତ ସେବା ଅନୁଷ୍ଠିତ ହୋଇଥାଏ । ଗୁଣ୍ଡିଚା ଯାତ୍ରା ସରିବା ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ଶ୍ରୀଅଙ୍ଗ ଶ୍ରୀପୟର ସୁରକ୍ଷା ପାଇଁ ଏହି ଖସାପଡ଼ା ନୀତି ଅନୁଷ୍ଠିତ ହୋଇଥାଏ । ସେହିପରି ଦିଅଁମାନେ ଦୋଳ ପୂର୍ଣ୍ଣିମାରେ ହୋଲି ଖେଳିବା ଯୋଗୁଁ ତାଙ୍କ ଶ୍ରୀଅଙ୍ଗର କେତେକ ଅଂଶ କ୍ଷତବିକ୍ଷତ ହୋଇଯାଇଥାଏ । ତେଣୁ ଏଥିପାଇଁ ମଧ୍ୟ ଖସାପଡା ନୀତି ହୋଲି ପରେ ଅନୁଷ୍ଠିତ ହୋଇଥାଏ । ନୀତି ସମ୍ପନ୍ନ ହେବା ପରେ ମହାପ୍ରଭୁଙ୍କୁ ମହାସ୍ନାନ ଓ ବେଶ କରାଯାଇ ଅନ୍ୟାନ୍ୟ ନୀତି ବଢ଼ିଥିଲା ଓ ପୂର୍ବପରି ସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା ।




# ଅନ୍ତର୍ଜାତୀୟ ଟ୍ରାନ୍ସଜେଣ୍ଡର୍ ଦୃଶ୍ୟମାନତା ଦିବସ

**ପୁରୀ,୩୧।୩/ଏନ୍‌ଏନ୍‌ଏସ୍:** ଆଜି ପୁରୀ ଜିଲ୍ଲାରେ ଜିଲ୍ଲା ପ୍ରଶାସନ ଦ୍ୱାରା ଅନ୍ତର୍ଜାତୀୟ ଟ୍ରାନ୍ସଜେଣ୍ଡର ଦୃଶ୍ୟମାନତା ଦିବସ ପାଳିତ ହୋଇଯାଇଛି । ପୁରୀ ଜିଲ୍ଲା କିନ୍ନର ସଂଘ, ସାଥୀ ଏନ୍‌ଜିଓ ଓ ଦି ବେଲ୍ସ ଏନଜିଓ ଏହି କାର୍ଯ୍ୟକ୍ରମ ଆୟୋଜନ କରିବାରେ ଜିଲ୍ଲା ପ୍ରଶାସନ ସହିତ ସାହାଯ୍ୟର ହାତ ବଢ଼ାଇଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଏବଂ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ଅନିତା ପଟ୍ଟନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ମନୋଜ କୁମାର ତ୍ରିପାଠୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସିଦ୍ଧାର୍ଥ ରାୟ, ପୁରୀ ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜମେଣ୍ଟ ୟୁନିଟ୍‌ର ପରାମର୍ଶଦାତା, ଚନ୍ଦ୍ରପ୍ରଭା ଦେଇ, ପ୍ରୋଗ୍ରାମ ଅଫିସର, ଜିଲ୍ଲା ସାମାଜିକ କଲ୍ୟାଣ କାର୍ଯ୍ୟାଳୟ, ଦେବକୀ କିନ୍ନର, ପୁରୀ ଜିଲ୍ଲା କିନ୍ନର ସଂଘର ସଦସ୍ୟ, ପ୍ରିୟାଂଶି ଦାସ, ପୁରୀ ଜିଲ୍ଲା କିନ୍ନର ସଂଘର ସଦସ୍ୟ, ବାବୁନି ସାହୁ, ସମର୍ଥ ଓଡ଼ିଶା ସିବିଓର ସଦସ୍ୟ, ବିଶ୍ୱ ଭୂଷଣ ପଟ୍ଟନାୟକ, ସହକାରୀ ନିର୍ଦ୍ଦେଶକ, ସାଥୀ ଏନ୍‌ଜିଓ, ଶ୍ରମିଷ୍ଠା ଦାସ, ପ୍ରୋଗ୍ରାମ୍ ମ୍ୟାନେଜର୍, ସାଥୀ ଏନଜିଓ ଏବଂ ଟ୍ରାନ୍ସଜେଣ୍ଡର୍ ବ୍ୟକ୍ତିମାନେ ଓ ପରିବାରବର୍ଗ ଯୋଗଦେଇଥିଲେ । ଟ୍ରାନ୍ସଜେଣ୍ଡର୍ ଦୃଶ୍ୟମାନ ପାଳନ ଉତ୍ସବରେ ଉପସ୍ଥିତ ସମସ୍ତ ଅତିଥି ସେମାନଙ୍କ ଭାଷଣରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦେଇଥିଲେ । ଏହାସହିତ କିଭଳି ଆମ ସରକାରୀ କାର୍ଯ୍ୟକ୍ରମଗୁଡ଼ିକ ଟ୍ରାନ୍ସଜେଣ୍ଡର୍ ବ୍ୟକ୍ତିମାନଙ୍କ ପାଇଁ ନିଯୁକ୍ତି ଏବଂ ଜୀବିକାର ସୁଯୋଗ ସୃଷ୍ଟି କରିପାରିବ । ଏହା ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ । ଏହି ଉତ୍ସବରେ ଟ୍ରାନ୍ସଜେଣ୍ଡର୍ ସମ୍ପ୍ରଦାୟର ସଦସ୍ୟମାନେ ଏକ ରାମ୍ପ ଶୋ' ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ କରିଥିଲେ । ଅଂଶଗ୍ରହଣକାରୀମାନଙ୍କୁ ଆୟୋଜକଙ୍କ ପକ୍ଷରୁ ପ୍ରଶଂସା ପ୍ରମାଣପତ୍ର ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା ।

# କାଠଯୋଡ଼ି ସାହିତ୍ୟ ସଂସଦର ଅଷ୍ଟମ ବାର୍ଷିକ ସାରସ୍ୱତ ମହୋତ୍ସବ



**କଟକ,୩୧।୩/ଏନ୍‌ଏନ୍‌ଏସ୍:** ଖାନନଗର ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରାଙ୍ଗଣରେ କାଠଯୋଡ଼ି ସାହିତ୍ୟ ସଂସଦର ଅଷ୍ଟମ ବାର୍ଷିକ ଉତ୍ସବ ଆୟୋଜିତ ହୋଇଯାଇଛି । ପ୍ରମୋଦ ପ୍ରଧାନଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ସାରସ୍ୱତ ସାଧକ ମହେଶ୍ୱର ମହାନ୍ତି ଓ ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ଅନୁଗୁଳର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ଅଭିଲାଷ ନାୟକ ଉଦ୍‌ଘାଟନ କରିଥିଲେ । ବରେଣ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ଓ ଚଳଚ୍ଚିତ୍ର ନିର୍ଦ୍ଦେଶକ ହିମାଂଶୁ ଖଟୁଆ ଓ ବିଶିଷ୍ଟ ଅତିଥି ଭାବେ ଉତ୍କଳ ସାହିତ୍ୟ ସମାଜର ଉପସଭାପତି ମନୋଜ ପଟ୍ଟନାୟକ, ଆଇନଜୀବୀ ମହିଳା ଦଳବେହେରା, ମୁଖ୍ୟବକ୍ତା ଡ. ଚିତ୍ତରଞ୍ଜନ ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ସୁଲେଖାର ସଭାପତି ସଦାଶିବ ମିଶ୍ର, ବିଶିଷ୍ଟ ପ୍ଲାଷ୍ଟିକ ସର୍ଜନ ଡାକ୍ତର ସୁନିଲ ରାଉତ, କୃଷ୍ଣଚନ୍ଦ୍ର ରଥ, ଭଗବାନ ସାମଲ, ପ୍ରମିଳା ପତି, ଜୟନ୍ତୀ ବାରିକ ଓ ମିନତି ମଲ୍ଲ ଯୋଗ ଦେଇଥିଲେ । ବିଶିଷ୍ଟ ସାରସ୍ୱତ ସାଧକ ପୀତାମ୍ବର ମହାପାତ୍ର ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ସଂଗଠନର ମୁଖପତ୍ର କାଠଯୋଡ଼ି ଉନ୍ମୋଚିତ ହୋଇଥିଲା । ଅଧ୍ୟାପକ ହୃଷିକେଶ ମହାରଣା, ସ୍ମୃତି ରେଖା ମହାନ୍ତି, ସୌମେନ୍ଦ୍ର ମହାପାତ୍ର ଓ ଅଧ୍ୟାପିକା ବିଷ୍ଣୁପ୍ରିୟା ସାହୁଙ୍କ ସଂଯୋଜନାରେ ବହୁ କବିକବୟିତ୍ରୀ କବିତା ପାଠୋତ୍ସବରେ ଯୋଗଦେଇଥିଲେ । ଉପସ୍ଥାପକ ଇଂ ଶେଷଦେବ ଜେନା ଓ ସମ୍ପାଦକ ବାବାଜୀ ଜେନା ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ପ୍ରମୋଦ ସାହୁ ଧନ୍ୟବାଦ୍ ଦେଇଥିଲେ ।

# ଦାବିପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ




**ଭୁବନେଶ୍ୱର,୩୧।୩/ଏନ୍‌ଏନ୍‌ଏସ୍:** ଭିନ୍ନକ୍ଷମ ଅନ୍ତର୍ନିବେସୀ ଶିକ୍ଷା ସ୍ୱେଚ୍ଛାସେବୀ ସଂଗଠନର ଏକ ଖବରଦାତା ସମ୍ମିଳନୀ ସାମ୍ବାଦିକ ଭବନଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂଗଠନ ସଭାପତି କହିଛନ୍ତି ଯେ, ଓଡ଼ିଶାର ୩୦ଟି ଜିଲ୍ଲାର ୧୧୧୭ ଜଣ ଭିନ୍ନକ୍ଷମ ଓଡ଼ିଶା ସରକାରଙ୍କର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ତଥା ଭିନ୍ନକ୍ଷମ ଅନ୍ତର୍ନିବେସୀ ଶିକ୍ଷା ସ୍ୱେଚ୍ଛାସେବୀ ଭାବରେ ଦୀର୍ଘ ୧୪ ବର୍ଷ ହେବ ନିରବଚ୍ଛିନ୍ନ ଭାବେ ୬ରୁ ୧୪ ବର୍ଷ ବୟସର ଭିନ୍ନକ୍ଷମ ଯାହାକି ଓଡ଼ିଶାରେ ୧ଲକ୍ଷ ୪୨ ହଜାର ପିଲାଙ୍କୁ ପ୍ରତିଦିନ ୨ଟି ଭିନ୍ନକ୍ଷମ ପିଲାଙ୍କୁ ହୋମ୍ ବେସ୍ ଏଡୁକେସନ ଦେବା ସହ ୨ଟି ବିଦ୍ୟାଳୟକୁ ଯାଇ ଭିନ୍ନକ୍ଷମ ପିଲାଙ୍କୁ ସାଧାରଣ ପିଲାଙ୍କ ସହ ଶିକ୍ଷା ପ୍ରଦାନ କରୁଛନ୍ତି, ଯାହାକି ଜଣେ ଭିନ୍ନକ୍ଷମ ଆଇଇଭି ପକ୍ଷେ ଅତ୍ୟନ୍ତ କଷ୍ଟଦାୟକ କାର୍ଯ୍ୟ । ମାସିକ ୧୦ ହଜାର ଟଙ୍କା ଦରମାରେ ଜଣେ ଭିନ୍ନକ୍ଷମ ଆଇଇଭି ସ୍ଥାୟୀ ଚାକିରି ନ ପାଇ ତାର ପରିବାର ପ୍ରତିପୋଷଣ କରିବ କେମିତି ? ସମସ୍ତ ଭିନ୍ନକ୍ଷମ ଆଇଇଭିମାନଙ୍କୁ କାଜୁଆଲ୍ ଲିଭ୍ ପ୍ରଦାନ କରାଯାଉ । ସମସ୍ତ ଭିନ୍ନକ୍ଷମ ମହିଳା ଆଇଇଭିମାନଙ୍କୁ ଆଡିସନାଲ୍ କାଜୁଆଲ୍ ଲିଭ୍ ପ୍ରଦାନ କରାଯାଉ । ଭିନ୍ନକ୍ଷମ ଆଇଇଭିମାନଙ୍କୁ ମାସିକ ୩୦ ହଜାର ଟଙ୍କା ବେତନ ପ୍ରଦାନ କରାଯାଉ । ଏହି ଦାବିଗୁଡ଼ିକୁ ରାଜ୍ୟ ସରକାର ତୁରନ୍ତ ଅନୁଧ୍ୟାନ କରି ପୂରଣ ନ କଲେ ଆସନ୍ତା ୪ରେ ସଂଗଠନ ପକ୍ଷରୁ ରାଜରାସ୍ତାରେ ପ୍ରତିବାଦ କରାଯିବ ବୋଲି ରାଜ୍ୟ ସଂଘର ସଭାପତି ପ୍ରତାପ ଚନ୍ଦ୍ର ସ୍ୱାଇଁ ଚେତାବନୀ ଦେଇଛନ୍ତି ।

# ଅନ୍ତର୍ଜାତୀୟ ଚିତ୍ରଶିଳ୍ପୀ ଶିବିର ଉଦ୍‌ଘାଟିତ

**କଟକ,୩୧।୩/ଏନ୍‌ଏନ୍‌ଏସ୍:** ସ୍ୱର୍ଣ୍ଣିମ ଓଡ଼ିଶା ଦିବସ ପ୍ରତିଷ୍ଠା ଉପଲକ୍ଷେ ତିନିଦିନିଆ ପ୍ରଥମ ଅନ୍ତର୍ଜାତୀୟ ଚିତ୍ରଶିଳ୍ପୀ କର୍ମଶାଳା ଓ ପ୍ରଦର୍ଶନୀ କଟକ ଆର୍ଟ ଗ୍ୟାଲେରୀ ପରିସରରେ ଉଦ୍‌ଘାଟିତ ହୋଇଯାଇଛି । ସିଏମ୍‌ସି ମେୟର ସୁବାସଚନ୍ଦ୍ର ସିଂହ ମୁଖ୍ୟଅତିଥି, ସଦର ତହସିଲଦାର ସୁଜୟ ପତି ସମ୍ମାନିତ ଅତିଥି, ଧର୍ମପଦ ପୁରସ୍କାର ବିଜେତା ବରିଷ୍ଠ ଚିତ୍ରଶିଳ୍ପୀ ମହେନ୍ଦ୍ର କୁମାର ମହାପାତ୍ର, ଲକ୍ଷ୍ମୀଧର ରଣା ଓ ନବନିର୍ମାଣ ବିକାଶମଞ୍ଚର କେନ୍ଦ୍ରୀୟ ସଭାପତି ଡ. ଜ୍ଞାନଗୁରୁ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉତ୍କୃଷ୍ଟ କଳାର ଦେଶ ଓଡ଼ିଶାର ଅତୀତ ଓ ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିଥିଲେ । ତିନିଦିନ ଧରି ଏହି କର୍ମଶାଳାରେ ଦେଶ ବିଦେଶରୁ ଅନ୍ୟୁନ ସତୁରି ଜଣ କୁଶଳୀ ଶିଳ୍ପୀମାନେ ଉପସ୍ଥିତ ରହି ନିଜ ନିଜର କଳା କାରୁକାର୍ଯ୍ୟ ଅଙ୍କନ କରିଥିଲେ । ସଂଗଠନର ସମ୍ପାଦକ ସଞ୍ଜିବ କୁମାର ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ । ଶିବିରରେ ଜିତେନ୍ଦ୍ର ସାହୁ, ଲକ୍ଷ୍ମୀଧର ପ୍ରଧାନ, ପ୍ରଭାତ ସାହୁ, ସୌଭାଗ୍ୟ ମହାପାତ୍ର, ତାପସ ମହାନ୍ତି, ମନୋଜ ଚୌଧୁରୀ, ରଞ୍ଜିତ ବେହେରା, ଯସ୍ମିନ ସାହୁ, ମନୀଷା କର, ସୁଚିସ୍ମିତା ଘଡ଼େଇ, ପ୍ରତାପ ପଟ୍ଟନାୟକ, ତରୁଣ ମହାପାତ୍ର, ଡ. ଦୀନବନ୍ଧୁ ସାହୁ, ଖୋକନ ସରକାର, କୋଏଲ ତୀର୍କି, ରମେଶ ପାତ୍ର, ଶୁଭସ୍ମିତା ହୋତା, ଅରୁଣ ସାହୁ, ବିମ୍ବାଧର କୁଅଁର, କାଞ୍ଚିପ୍ରସାଦ ମଲ୍ଲିକ ପ୍ରମୁଖ ଶିଳ୍ପୀ ଯୋଗଦେଇଥିଲେ । ଶିଳ୍ପୀ ସ୍ମିତା ମୂଳିଆ ଧନ୍ୟବାଦ୍ ଦେଇଥିଲେ ।

## ଓଡ଼ିଶା ଜୀବିକା ମିଶନ ଇସି କର୍ମୀଙ୍କୁ ପୂର୍ଣ୍ଣ ନିଯୁକ୍ତି ଦାବି

**କଟକ,୩୧।୩/ଏନ୍‌ଏନ୍‌ଏସ୍:** ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଓଡ଼ିଶା ଜୀବିକା ମିଶନ୍ ଇସି ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ବକ୍ସିବଜାରରେ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ଯୋଗମାୟା ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ସରକାର ଜୀବିକା ମିଶନ ପୁନର୍ଗଠନ ନାମରେ ଜୀବିକା ମିଶନ ମହିଳାମାନଙ୍କୁ ଉଚ୍ଛେଦକୁ ନେଇ ବରୋଧ କରାଯାଇଥିଲା । ରାଜ୍ୟରେ ୧ ଲକ୍ଷ ୬୫ ହଜାର ଏବଂ କଟକ ଜିଲ୍ଲାରେ ୫ ହଜାରରୁ ଉର୍ଦ୍ଧ୍ୱ ମହିଳା ସରକାରଙ୍କର ଏହି ୩ ବର୍ଷିଆ ଯୋଜନାରେ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରିଆସୁଛନ୍ତି । ଏପ୍ରିଲ ୧ରୁ ୩ ବର୍ଷିଆ ଯୋଜନା ପୁନଃଗଠନ କରି ଜୀବିକା ମିଶନ୍ ମହିଳାମାନଙ୍କୁ ଉଚ୍ଛେଦ କରାଯାଉଛି । ଦୀର୍ଘଦିନ ଧରି କଟକ ଜିଲ୍ଲା ସମେତ ରାଜ୍ୟରେ ସରକାରଙ୍କର ୩ ବର୍ଷିଆ ଯୋଜନାରେ ଜୀବିକା ମିଶନ ମହିଳାମାନେ ଋଣଗ୍ରସ୍ତ ହୋଇପଡ଼ିଛନ୍ତି । ତେଣୁ ଏହି ମହିଳାମାନେ ଋଣରୁ ମୁକ୍ତ ନ ହେଲା ପର୍ଯ୍ୟନ୍ତ ଏମାନଙ୍କୁ ସୁଯୋଗ ଦେବା ସହିତ ପୂର୍ବପରି କାର୍ଯ୍ୟରେ ନିୟୋଜିତ କରାଯାଉ ଓ ପୂର୍ଣ୍ଣ ନିଯୁକ୍ତି ଦିଆଯାଉ ବୋଲି ସଂଘର ସମ୍ପାଦିକା ବୀଣାପାଣି ପାତ୍ର ମତବ୍ୟକ୍ତ କରିଛନ୍ତି । ବୈଠକରେ ଭାରତୀୟ ମଜଦୁର ସଂଘର ବରିଷ୍ଠ ସଦସ୍ୟ ବସନ୍ତ କୁମାର ସାହୁ, ଉପସଭାପତି ପ୍ରତିମା ମିଶ୍ର, ସହ-ସମ୍ପାଦିକା ରୋଜାଲିନ ମହାନ୍ତି, ପୁଷ୍ପଲତା ଜେନା, ଶୈଳବାଳା ରଥ, ଦମୟନ୍ତୀ ସାହୁ, ସୁଜାତା ପ୍ରଧାନ, ମୀରା ମହାନ୍ତି, ପଙ୍କଜିନୀ ପଟେଲ, ମାଧବିଲତା ବାରିକ, ଝରଣା ପରିଡ଼ା, ବନୀତା ବାରିକଙ୍କ ସମେତ ବହୁ କର୍ମକର୍ତ୍ତା ଏହି ବୈଠକରେ ଉପସ୍ଥିତ ଥିଲେ ।

# ଆନନ୍ଦ ଉଲ୍ଲାସରେ ଇଦ୍ ପର୍ବ ପାଳିତ

**କଟକ,୩୧।୩/ଏନ୍‌ଏନ୍‌ଏସ୍:** ଭାଇଚାରା ସହର କଟକରେ ବେଶ୍ ଆନନ୍ଦ ଉଲ୍ଲାସର ସହ ଇଦ୍ ପର୍ବ ପାଳିତ ହୋଇଯାଇଛି । ସକାଳ ୭ଟାଠାରୁ ସହରର ବିଭିନ୍ନ ମସଜିଦ ଗୁଡିକରେ ଭିନ୍ନ ଭିନ୍ନ ସମୟରେ ସମୂହ ନମାଜ ପାଠ କରାଯାଇଛି । ସକାଳ ୭ ଟାରେ ଦରଘାବଜାର ସ୍ଥିତ ଛୋଟେ ମସଜିଦ,ବଡ ମସଜିଦ, କଦମ ରସୁଲରେ ସମୂହ ନମାଜ ପାଠ କରାଯାଇଥିଲା । ଦିନ ୧୦ଟା ବେଳେ ଇଦଗା ପଡିଆ ଏବଂ ୧୨ ଟା ପରେ ବାରବାଟି ଦୁର୍ଗ ସ୍ଥିତ ମସଜିଦ ଠାରେ ନମାଜ ପାଠ କରାଯାଇଛି । କଦମ ରସୁଲ ଠାରେ କଟକ ବାରବାଟୀ ପୂର୍ବତନ ବିଧାୟକ ଇଞ୍ଜିନିୟର ମହମ୍ମଦ ମୋକିମ୍, ମେୟର ସୁବାସ ସିଂ, ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ, ପ୍ରକାଶ ବେହେରା ପ୍ରମୁଖ ରାଜନୈତିକ ଦଳର ନେତା ମାନେ ଉପସ୍ଥିତ ରହି ପରସ୍ପରକୁ ଇଦ୍‌ର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ । କମିଶନରେଟ ପୁଲିସ ପକ୍ଷରୁ ସହରରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି । ଏଥିପାଇଁ ୮ ପ୍ଲାଟୁନ ପୁଲିସ ଫୋର୍ସ ନିୟୋଜିତ କରାଯାଇଛି । ୯ ଜଣ ଏସିପିଙ୍କ ସମେତ ୪ ଜଣ ଅତିରିକ୍ତ ଡିସିପି ସୁରକ୍ଷା ବ୍ୟବସ୍ଥା ରେ ନିୟୋଜିତ ହୋଇଛନ୍ତି । କଟକ ଡିସିପି ହୃଷିକେଶ ଖିଲାରୀ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଛନ୍ତି । ଇଦ୍ ଅବସରରେ କଟକ ସହରରେ ସୁରକ୍ଷା କଡାକଡି କରି ଦିଆଯାଇଛି । ଯୋବ୍ରା ମସ୍‌ଜିଦ୍‌ଠାରେ ପୂର୍ବତନ ବିଧାୟକ କଟକ ଚୌଦ୍ୱାର ପ୍ରଭାତ ରଞ୍ଜନ ବିଶ୍ୱାଳ ସହିତ ଅନେକ ରାଜନେତା ଉପସ୍ଥିତ ରହି ମୁସଲମାନ ଭାଇମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

**ଖୋର୍ଦ୍ଧା:** ଦୀର୍ଘ ମାସେ ବ୍ୟାପୀ କଠୋର ସାଧନା ସହ ସଂଯମ ରକ୍ଷା କରି ରମଜାନ୍ ପାଳିବା ପରେ ସୋମବାର ମୁସଲମାନ ସମ୍ପ୍ରଦାୟର ଭାଇଭଉଣୀମାନେ ତ୍ୟାଗ ଓ ବଳିଦାନର ପର୍ବ ଇଦ୍-ଉଲ୍-ଫିତର୍ ପାଳିଛନ୍ତି । ଖୋର୍ଦ୍ଧା ସମେତ ବିଭିନ୍ନ ମସଜିଦ ଓ ଇଦ୍‌ଘାହା ପଡିଆରେ ଇଦ ପର୍ବ ପାଳିତ ହୋଇଯାଇଛି । ଏହି ଅବସରରେ ସହରରେ ଥିବା ମସଜିଦ୍, ତୋଟାପଡ଼ା, ପାନବରଜ, ତରତୁଆ, ଶରଧାରପୁର, କାଇପଦର, ମୁକୁନ୍ଦପ୍ରସାଦ, ରାଉତପଡ଼ା, କେରଙ୍ଗ ପ୍ରମୁଖ ସ୍ଥାନରେ ଥିବା ମସଜିଦରେ ଇଦ ପର୍ବ ପାଳିତ ହୋଇଥିଲା । ଭୋର୍‌ରୁ ମୁସଲମାନ ସମ୍ପ୍ରଦାୟର ଲୋକମାନେ ସ୍ଥାନୀୟ ମସଜିଦରେ ଉପସ୍ଥିତ ରହି ସମୂହ ପ୍ରାର୍ଥନାରେ ଯୋଗଦେଇ ନମାଜ ପାଠ କରି ବିଶ୍ୱ ଭାତୃତ୍ୱ, ହିଂସା ଦ୍ୱେଷ ମୁକ୍ତ ପୃଥିବୀ ଗଠନ ପାଇଁ ପ୍ରାର୍ଥନା କରିଥିଲେ । ଏହା ପରେ ପରସ୍ପର ମଧ୍ୟରେ ମିଠା ଖୁଆଇ ଶାନ୍ତି ଓ ସୌହାର୍ଦ୍ଦ୍ୟର ବାର୍ତ୍ତା ବାଣ୍ଟିଥିଲେ । ଏହି ଅବସରରେ ହିନ୍ଦୁମାନେ ମୁସଲମାନ ଭାଇମାନଙ୍କୁ ଇଦ୍ ଶୁଭେଚ୍ଛା ଜଣାଇଥିଲେ । ଧର୍ମଗୁରୁ ରାଉଫ୍‌ଙ୍କ ମତରେ ଇଦ୍ ଏକ ଆରବୀ ଶବ୍ଦ ଯାହାର ଅର୍ଥହେଲା ଆନନ୍ଦ ଉତ୍ସବ ଓ ଫିଦର ବା ଫିତର ଅର୍ଥ ହେଲା ଉପବାସ ଭାଙ୍ଗିବା । ଏଇ ପର୍ବଟି ଅଣତିରିସିଆ ବା ତିରିସିଆ ମାସରେ ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ କରାଯାଉଥିବା ଉପବାସର ଉପସଂହାର ।



## ଆଜିର ଇତିହାସ

- ୧୮୩୯-କୋଲ୍‌କାତା ମେଡିକାଲ କଲେଜ ଓ ହସ୍‌ପିଟାଲ୍‌ର ଆରମ୍ଭ କରାଯାଇଥିଲା।
- ୧୯୧୨-ଦିଲ୍ଲୀକୁ ଦେଶର ରାଜଧାନୀ ବୋଲି ଘୋଷଣା କରାଯାଇଥିଲା।
- ୧୯୩୫-ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ତା'ର କାମ ଆରମ୍ଭ କଲା।
- ୧୯୬୯- ଦେଶର ପ୍ରଥମ ପରମାଣୁ ଉର୍ଜା ଷ୍ଟେସନ୍ ମହାରାଷ୍ଟ୍ରର ତାରାପୁର କ୍ଷେତ୍ରରେ ଆରମ୍ଭ ହୋଇଥିଲା।
- ୧୯୭୬- ଦୂରଦର୍ଶନ ରେଡିଓ ଠାରୁ ଅଲଗା କରି ଦୂରଦର୍ଶନ କର୍ପୋରେସନ୍‌ର ସ୍ଥାପନା କରାଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** - ଦିନଟି ଖୁବ୍ ଭଲ ପରିଣାମ ନେଇ ଆସିବ। ବାଣୀରେ ମଧୁରତା ରହିବ। ଏହାଦ୍ୱାରା ଲୋକମାନେ ପ୍ରଭାବିତ ହେବେ। ବ୍ୟବସାୟିକ କାର୍ଯ୍ୟ କାରଣରୁ ମନ ଚିନ୍ତିତ ରହିପାରେ। ପ୍ରମୋଶନର ରାସ୍ତା ଖୋଲିବ।

**ବୃଷ** - ଆତ୍ମବିଶ୍ୱାସରେ ଭରି ରହିବେ। ବ୍ୟବହାରିକ କାର୍ଯ୍ୟଗୁଡ଼ିକୁ ଧୈର୍ଯ୍ୟର ସହିତ କରିବେ। କାରବାରରେ ବୃଦ୍ଧି ହୋଇପାରେ। ଆର୍ଥିକ ଲାଭର ଅବସର ମିଳିବ। ସନ୍ତାନ ପକ୍ଷରୁ ସୁଖଦ ସମାଚାର ପାଇବେ।

**ମିଥୁନ** - ଆଜି ସନ୍ତାନ ସୁଖ ବୃଦ୍ଧି ହେବ। ପରିବାରରେ ସୁଖ-ଶାନ୍ତି ରହିବ। ନିକଟ ସମ୍ପର୍କୀୟଙ୍କ ଠାରୁ ସରପ୍ରାଇଜ ମିଳିପାରେ। ସନ୍ତାନ ପକ୍ଷରୁ ଭଲ ଖବର ମିଳିପାରେ। ଚାକିରିରେ କାର୍ଯ୍ୟ ବୃଦ୍ଧି ହୋଇପାରେ।

**କର୍କଟ** - ପରିସ୍ଥିତିରେ ଉତ୍‌ଥାନ-ପତନ ରହିବ। ମାତାଙ୍କ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବେ। ଆର୍ଥିକ ଖର୍ଚ୍ଚ ବୃଦ୍ଧି ହୋଇପାରରେ। ଚାକିରି ଓ ବ୍ୟାପାରୀଙ୍କ ପାଇଁ କାରବାରରେ ପରିବର୍ତ୍ତନ ହୋଇପାରେ। ମାତାଙ୍କ ସ୍ୱାସ୍ଥ୍ୟର ଉନ୍ନତି ହେବ।

**ସିଂହ** - ଦିନଟି ଭଲରେ ବିତିବ। ମିତ୍ରଙ୍କ ସହିତ ଯାତ୍ରା କରିପାରନ୍ତି। ସିଙ୍ଗଲ୍ ଜାତକର ବିବାହ ଯୋଗ ରହିଛି। ଆର୍ଥିକ ସ୍ଥିତି ପୂର୍ବାପେକ୍ଷା ଖୁବ୍ ଭଲ ହେବ। ନିଜ ଲୋକଙ୍କ ସାଥ୍ ପାଇବେ।

**କନ୍ୟା** - ରୋଜଗାରର ସୁଅବସର ମିଳିପାରେ। ଆତ୍ମବିଶ୍ୱାସ ବୃଦ୍ଧି ହେବ। ପରିବାର ଲୋକଙ୍କ ଧ୍ୟାନ ରଖିବେ। ପୈତୃକ ସମ୍ପତ୍ତି ମିଳିପାରେ। ପାରିବାରିକ ସ୍ଥିତି ପୂର୍ବାପେକ୍ଷା ଭଲ ହେବ। ଅର୍ଥ ଆୟ ସଫଳ ହେବ।

**ତୁଳା** - ଦିନଟି ମିଶ୍ରିତ ଫଳଦାୟୀ ରହିବ। ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟରେ ସଫଳତା ପାଇବେ। ମନ ପ୍ରସନ୍ନ ରହିବ। କାରବାରରେ ବିସ୍ତାର ପାଇଁ ଧନ ମିଳିବ। ଯାତ୍ରା ଲାଭକାରୀ ହେବ। ମାନ-ସମ୍ମାନ ପାଇବେ।

**ବିଛା** - ଧୈର୍ଯ୍ୟ ଧରିବା ଆପଣଙ୍କ ପକ୍ଷେ ଉତ୍ତମ ରହିବ। କୌଣସି ନିଷ୍ପତ୍ତି ଶୀଘ୍ର ନେବେ ନାହିଁ। ଆତ୍ମବିଶ୍ୱାସ ବହୁତ ରହିବ। କାରବାରରୁ ଆୟ ହେବ। ମିତ୍ରର ସହଯୋଗରୁ କାରବାର ବୃଦ୍ଧି ହୋଇପାରେ।

**ଧନୁ** - ଦିନଟି ଖୁବ୍ ଭଲରେ ବିତିବ। ଲଭ୍ ପାର୍ଟନର୍‌ଙ୍କ ସହିତ ସାକ୍ଷାତ ହୋଇପାରେ। ବିବାହିତ ସାଥିମାନଙ୍କ ସହିତ ସମୟ ଅତିବାହିତ କରିବେ। ନିଜର ଭାବନାକୁ ନିୟନ୍ତ୍ରଣରେ ରଖନ୍ତୁ। କଥାବାର୍ତ୍ତାରେ ସନ୍ତୁଳନ ରଖିବେ।

**ମକର** - ଦିନଟି ସଫଳତାର ନୂଆ କାହାଣୀ ଲେଖିବ। ଆତ୍ମବିଶ୍ୱାସରେ ଭରି ରହିବେ। ପିତାଙ୍କ ସ୍ୱାସ୍ଥ୍ୟରେ ସୁଧାର ହେବ। କାରବାର ବୃଦ୍ଧି ହେବ। ବ୍ୟବସାୟିକ କାମରେ ବ୍ୟସ୍ତତା ବୃଦ୍ଧି ହୋଇପାରେ।

**କୁମ୍ଭ** - ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ। ଜୀବନସାଥିର ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବେ। ଅଟକିଥିବା ଧନ ମିଳିପାରେ। ଅର୍ଥ ନେଣଦେଣ ନକରିଲେ ଭଲ। ପରିବାର ସହିତ ଖୁବ୍ ସମୟ ବିତେଇବେ।

**ମୀନ** - ଆଜି ଖର୍ଚ୍ଚ ବୃଦ୍ଧି ହେବ। ପରିସ୍ଥିତି ଆଜି ପ୍ରତିକୂଳ ରହିଛି। ବାହନ ପ୍ରୟୋଗ ବେଳେ ସାବଧାନ ରହିବେ। ବିଦେଶ ଯିବାର ଯୋଗ ରହିଛି। ଶାସନ-ସତ୍ତାର ସହଯୋଗ ପାଇବେ।

## ଶ୍ରୀମଦ୍ ଭଗବଦ୍‌ଗୀତା

ଇଦଂ ତୁ ତେ ଗୁହ୍ୟତମଂ ପ୍ରବକ୍ଷ୍ୟାମ୍ୟନସୂୟବେ।
ଜ୍ଞାନଂ ବିଜ୍ଞାନସହିତଂ ଯଜ୍‌ଜ୍ଞାତ୍ୱା ମୋକ୍ଷ୍ୟସେଽଶୁଭାତ୍। (୯/୧)

ରାଜବିଦ୍ୟା ରାଜଗୁହ୍ୟଂ ପବିତ୍ରମିଦମୁତ୍ତମମ୍।
ପ୍ରତ୍ୟକ୍ଷାବଗମଂ ଧର୍ମ୍ୟଂ ସୁସୁଖଂ କର୍ତ୍ତୁମବ୍ୟୟମ୍। (୯/୨)

ଭଗବାନ କହୁଛନ୍ତି - ହେ ଅର୍ଜୁନ! ଏ ଯେଉଁ ଜ୍ଞାନ ସହିତ ପରମାତ୍ମଜ୍ଞାନ ଅତ୍ୟନ୍ତ ଗୋପନୀୟ ହେଲେ ବି ତୁମେ ମୋ କଥାକୁ ଅସୂୟା ନ କରିବା ହେତୁ ମୁଁ ସେହି ତତ୍ତ୍ୱଟିକୁ ତୁମକୁ କହୁଛି। ଏହି ଜ୍ଞାନ ଏଭଳି ଶକ୍ତିଶାଳୀ ଯେ ତୁମେ ଯଦି ଏହାକୁ ମନ ଦେଇ ଶୁଣିବ ଏବଂ ବୁଝିବ ତେବେ ତୁମେ ଏ ସଂସାର ବନ୍ଧନରୁ ମୁକ୍ତି ପାଇବ। ମନେରଖ ଏହି ଜ୍ଞାନ ହେଉଛି ସମସ୍ତ ବିଦ୍ୟାର ରାଜା ଏବଂ ଗୁପ୍ତ ବିଦ୍ୟାଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ, ଉତ୍ତମ, ପବିତ୍ର, ପ୍ରତ୍ୟକ୍ଷ ଫଳଦାୟକ, ଧର୍ମସମ୍ମତ, ସୁଖସାଧ୍ୟ ଓ ଅବିନାଶୀ ମଧ୍ୟ।

ଶ୍ରୀକୃଷ୍ଣଙ୍କର କହିବାର ଉଦ୍ଦେଶ୍ୟ ଯେ ଇର୍ଷା ଓ ଅସୂୟା ହେଉଛି ମନର ଏକ ପଚାସଡ଼ା ରୋଗ ଯାହା ଦିବ୍ୟଜ୍ଞାନ ଲାଭ କରିବାର ମାର୍ଗକୁ ପଥରୋଧ କରେ। ଅର୍ଜୁନ ଏହି ମାନସିକ ରୋଗରେ ଆକ୍ରାନ୍ତ ହୋଇ ନଥିବାରୁ, ଭଗବାନ ତାଙ୍କୁ ଜଣେ ଉପଯୁକ୍ତ ଶିଷ୍ୟ ଭାବରେ ଗ୍ରହଣ କରି ଏହି ଗୁଢ଼ତତ୍ତ୍ୱକୁ ତାଙ୍କୁ କହୁଛନ୍ତି। ଏହି ଜ୍ଞାନ କହି ଅର୍ଜୁନଙ୍କର ଆତ୍ମଜ୍ଞାନ ସେ ଜାଗ୍ରତ କରୁଛନ୍ତି। ଏହି ଜ୍ଞାନ ଫଳରେ ସେ ଆତ୍ମାକୁ ଭଲଭାବରେ ଉପଲବ୍ଧି କରିପାରିବେ। ଆତ୍ମଜ୍ଞାନ ଜାଗ୍ରତରେ ବ୍ରହ୍ମଜ୍ଞାନର ଉଦୟ ଘଟେ। ଏହାର ଅଭ୍ୟାସ ସରଳ ଯାହାକୁ ଅର୍ଜୁନ ସହଜରେ ସାଧନା କରିପାରିବେ।





# ବୈଜ୍ଞାନିକ ପ୍ରାଣକୃଷ୍ଣ ପରିଜା

୧୮୯୧ ମସିହାରେ ତତ୍କାଳୀନ କଟକ ଜିଲ୍ଲାର ବାଲିକୁଦା ନିକଟସ୍ଥ ଇଛାପୁର ଗ୍ରାମରେ ଏପ୍ରିଲ୍ ମାସର ପହିଲା ଦିନ ଜନ୍ମଗ୍ରହଣ କରିଥିଲେ ବୈଜ୍ଞାନିକ ପ୍ରାଣକୃଷ୍ଣ ପରିଜା। କଲିକତା ବିଶ୍ୱବିଦ୍ୟାଳୟରୁ ଶିକ୍ଷା ଗ୍ରହଣ କରିବା ପରେ ଛାତ୍ରବୃତ୍ତି ପାଇ ସେ ଇଂଲଣ୍ଡକୁ ଉଚ୍ଚଶିକ୍ଷା ପାଇଁ ଯାଇଥିଲେ। କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରୁ ଉଦ୍ଭିଦ ବିଜ୍ଞାନରେ ଗବେଷଣା କରି ଫେରିବା ପରେ ରେଭେନ୍ସା କଲେଜରୁ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ ଡକ୍ଟର ପରିଜା। ଜଣେ ବୈଜ୍ଞାନିକ ଭାବରେ ବିଜ୍ଞାନ ଶିକ୍ଷା ପ୍ରତି ଲୋକଙ୍କ ମନରେ ଆଗ୍ରହ ସୃଷ୍ଟି କରିବା ପାଇଁ ସେ ଅନେକ କିଛି କରିଯାଇଛନ୍ତି। ଉଦ୍ଭିଦମାନଙ୍କର ଶ୍ୱାସକ୍ରିୟା ସମ୍ପର୍କରେ ଗବେଷଣା କରି ଖ୍ୟାତି ଅର୍ଜନ କରିଥିବା ବୈଜ୍ଞାନିକ ପ୍ରାଣକୃଷ୍ଣଙ୍କୁ ୧୯୫୫ରେ ଭାରତ ସରକାର 'ପଦ୍ମଭୂଷଣ' ଉପାଧିରେ ସମ୍ମାନିତ କରିଥିଲେ। ବିଜ୍ଞାନ ପ୍ରତି ସମର୍ପଣ ଭାବନା ସହିତ ତାଙ୍କର ସାହିତ୍ୟ ଓ ସଂସ୍କୃତି ପ୍ରତି ବିଶେଷ ଅନୁରାଗ ଥିଲା। ପରେ ୧୯୪୩ରେ ପ୍ରତିଷ୍ଠିତ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ପଦ ସେ ମଣ୍ଡନ କରିଥିଲେ। ସ୍ୱାଧୀନତା ପରବର୍ତ୍ତୀ ସମୟରେ ୧୯୫୧-୫୨ରେ ଦେଶର ପ୍ରଥମ ସାମ୍ବିଧାନିକ ସାଧାରଣ ନିର୍ବାଚନରେ ଜଣେ ନିର୍ଦ୍ଦଳୀୟ ସଦସ୍ୟ ଭାବରେ ସେ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇ ଆସିଥିଲେ ବାଲିକୁଦା ନିର୍ବାଚନ ମଣ୍ଡଳୀରୁ। ଏହା ବ୍ୟତୀତ ସେ ନିଜର ଆତ୍ମ-ଚରିତ ଲେଖି ଯାଇଛନ୍ତି ଯାହାର ନାମ 'ଅକିଞ୍ଚନର ଜୀବନ ସ୍ମୃତି'। ଏହି ସରଳ ଓ ଅନୁକରଣୀୟ ବ୍ୟକ୍ତି ଜଣକ ୨ ଜୁନ୍, ୧୯୭୮ରେ କଟକ ଠାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

# ଉତ୍କଳ ଦିବସ



୧୯୩୬ ମସିହା ଆଜିର ଦିନରେ ଓଡ଼ିଶା ନବଗଠିତ ସ୍ୱତନ୍ତ୍ର ରାଜ୍ୟ ଭାବେ ମାନ୍ୟତା ପ୍ରାପ୍ତ କରିଥିଲା। ସେଥିପାଇଁ ଆଜିର ଦିନଟିକୁ 'ଉତ୍କଳ ଦିବସ' ଭାବରେ ପାଳନ କରାଯାଇ ସ୍ୱତନ୍ତ୍ର ପ୍ରଦେଶ ଗଠନର କର୍ଣ୍ଣଧାରମାନଙ୍କୁ ସମ୍ମାନ ଅର୍ପଣ କରାଯାଏ। ଭାଷାଭିତ୍ତିରେ ରାଜ୍ୟ ଗଠନ ହେବାରେ ଓଡ଼ିଶା ହେଉଛି ଦେଶର ପ୍ରଥମ ରାଜ୍ୟ। ରାଜା ମୁକୁନ୍ଦ ଦେବଙ୍କ ଦେହାନ୍ତ ପରେ ବ୍ରିଟିଶ ଶାସନରୁ ଅଲଗା ହୋଇ ଏକ 'ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ' ଗଠନ କରିବା ପାଇଁ ମଧୁସୂଦନ ଦାସ, ଫକୀର ମୋହନ ସେନାପତି, ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ, ଗଙ୍ଗାଧର ମେହେର, ରାଧାନାଥ ରାୟ, ବାସୁଦେବ ସୁଢ଼ଳ ଦେବ ଓ କୃଷ୍ଣଚନ୍ଦ୍ର ଗଜପତିଙ୍କ ଚେଷ୍ଟାରେ ତେଜିଥିଲା ଆନ୍ଦୋଳନ। ପ୍ରଥମେ କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, କୋରାପୁଟ ଓ ଗଞ୍ଜାମ ପରି ଛଅଟି ରାଜ୍ୟକୁ ନେଇ ଗଠନ କରାଯାଇଥିଲା ଓଡ଼ିଶା ରାଜ୍ୟ। ପରେ ୧୯୯୨ରେ ଓଡ଼ିଶାର ୧୩ଟି ଜିଲ୍ଲାକୁ ପୁନର୍ବିଭାଜନ କରି ୩୦ଟି ଜିଲ୍ଲାରେ ବିଭକ୍ତ କରାଯାଇଥିଲା। ତେବେ ଯୁଗ ଯୁଗ ଧରି ଓଡ଼ିଶାବାସୀଙ୍କୁ ସହ୍ୟ କରିବାକୁ ପଡ଼ିଥିଲା ମୋଗଲମାନଙ୍କ ଅତ୍ୟାଚାର, ବର୍ଗୀମାନଙ୍କର ଲୁଣ୍ଠନ, ମରହଟ୍ଟାମାନଙ୍କର ବର୍ବରତା। ଏହାପରେ ୧୮୦୩ରେ ମରହଟ୍ଟାମାନଙ୍କୁ ପରାସ୍ତ କରି ଓଡ଼ିଶା ମାଟିକୁ ଅଧିକାର କରିନେଲେ ଇଂରେଜମାନେ। ବାଣିଜ୍ୟ, ବ୍ୟବସାୟ କରୁକରୁ ଧୀରେ ଧୀରେ ସମଗ୍ର ରାଜ୍ୟ ଚାଲିଗଲା ଇଂରେଜଙ୍କ ହାତକୁ। ସେ ସମୟରେ ବଙ୍ଗ, ବିହାର, ଆସାମକୁ ନେଇ ଯେଉଁ ବେଙ୍ଗଲ୍ ପ୍ରେସିଡେନ୍ସି ଗଠନ କରାଯାଇଥିଲା ତନ୍ମଧ୍ୟରେ ଓଡ଼ିଶା ଥିଲା ଏକ ଡିଭିଜନ୍। ଦେଶର ଅନ୍ୟ ପ୍ରାଦେଶିକ ରାଜ୍ୟ ତୁଳନାରେ ଓଡ଼ିଶାର ସ୍ଥିତି ଥିଲା ଅତ୍ୟନ୍ତ ଶୋଚନୀୟ। ୧୯୧୨ରେ ଇଂରେଜ ସରକାର ଓଡ଼ିଶା-ବିହାରକୁ ନେଇ ବିହାର-ଓଡ଼ିଶା ପ୍ରଦେଶ ଗଠନ କଲେ। ଫଳରେ ବହୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଓଡ଼ିଶା ଡିଭିଜନ୍ ଭିତରେ ନରହି ମାନ୍ଦ୍ରାଜ, ମଧ୍ୟପ୍ରଦେଶ ଓ ବଙ୍ଗପ୍ରଦେଶ ସହିତ ମିଶି ରହିଗଲା। ୧୯୦୩ ମସିହାରେ ଉତ୍କଳ ଗୌରବ ମଧୁସୂଦନ ଦାସ ଗଠନ କଲେ ଉତ୍କଳ ସମ୍ମିଳନୀ। ଉତ୍କଳ ସମ୍ମିଳନୀ ଗଠନ ହେବା ପରଠାରୁ ତିନି ଦଶନ୍ଧି ଧରି ଏକ ସ୍ୱତନ୍ତ୍ର ରାଜ୍ୟର ଗଠନ ପାଇଁ ବିପ୍ଳବ ଜାରି ରହିଥିଲା ଯାହା ଥିଲା ସ୍ୱତନ୍ତ୍ର ଓଡ଼ିଶାର ମୂଳଦୁଆ।

# ଏ ସପ୍ତାହର ଓଟିଟି ରିଲିଜ

ମଜାଦାର ହେବ ଏପ୍ରିଲ୍ ମାସର ପ୍ରଥମ ସପ୍ତାହ। ଏ ସପ୍ତାହରେ ଓଟିଟିରେ ରିଲିଜ ହେବ ଛଅଟି ଫିଲ୍ମ ଓ ୱେବ୍ ସିରିଜ ଯେଉଁଗୁଡ଼ିକର ସୂଚୀ ନିମ୍ନରେ ଦିଆଗଲା।

**ଟେଷ୍ଟ-** ନୟନତାରା, ଆର୍ ମାଧବନ ଓ ସିଦ୍ଧାର୍ଥଙ୍କ ଫିଲ୍ମ 'ଟେଷ୍ଟ' ସିଧା ଓଟିଟିରେ ରିଲିଜ ହେବାକୁ ଯାଉଛି। ଏଥିରେ ତିନି ଜଣଙ୍କ କାହାଣୀ ଦେଖିବାକୁ ମିଳିବ ଯେଉଁମାନେ ପରସ୍ପର ସହିତ ଯୋଡ଼ିହୋଇ ରହିଛନ୍ତି। ଏମାନଙ୍କ ମଧ୍ୟରୁ ଜଣେ କ୍ରିକେଟ୍ ଖେଳାଳି, ଜଣେ ବୈଜ୍ଞାନିକ ଓ ତୃତୀୟ ଜଣକ ଜଣେ ଶିକ୍ଷକ। ଏହାକୁ ୪ ଏପ୍ରିଲରେ ନେଟ୍‌ଫ୍ଲିକ୍ସରେ ଦେଖିପାରିବେ।

**ଚମକ: ଦ କନ୍‌କ୍ଲୁଜନ୍-** ଏହାର ପ୍ରଥମ ସିଜିନ୍‌କୁ ଦର୍ଶକମାନେ ଖୁବ୍ ପସନ୍ଦ କରିଥିଲେ। ବର୍ତ୍ତମାନ ଏହାର ଦ୍ୱିତୀୟ ସିଜିନ୍ ଆସିବ ୪ ଏପ୍ରିଲ୍‌ରେ ସୋନି ଲାଇଭ୍‌ରେ।

**ଅଦୃଶ୍ୟମ୍-୨-** ଫିଲ୍ମ 'ଅଦୃଶ୍ୟମ୍-୨: ଦ ଇନ୍‌ଭିଜିବଲ୍ ହିରୋଜ୍' ଏକ ଇନ୍‌ଭେଷ୍ଟିଗେଟିଂ ଥ୍ରୀଲର୍ ସିରିଜ। ଏହାର ଦ୍ୱିତୀୟ ସିଜିନ୍‌ଟି ୪ ଏପ୍ରିଲ୍‌ରୁ ସୋନି ଲାଇଭ୍‌ରେ ଷ୍ଟ୍ରିମ୍ ହେବାକୁ ଯାଉଛି। ଏହି ସିଜିନ୍‌ରେ ପୂଜା ଗୌର ଓ ଏଜାଜ୍ ଖାନ ନଜର ଆସିବେ।

**କିଙ୍ଗସ୍ଟନ୍-ଏହା ଏକ ତାମିଲ୍ ଫାଣ୍ଟାସୀ-**ହରର୍ ଫିଲ୍ମ ଯେଉଁଟି ୭ ମାର୍ଚ୍ଚରେ ସିନେମା ଘରଗୁଡ଼ିକରେ ରିଲିଜ ହୋଇଥିଲା। ଏବେ ୪ ଏପ୍ରିଲ୍‌ରେ ଓଟିଟି ପ୍ଲାଟ୍‌ଫର୍ମ ଜି୫ରେ ଏହା ରିଲିଜ ହେବାର ଅଛି।

**ବଣ୍ଡସମ୍ୟାନ-** ଏହା ଏକ ଆମେରିକାନ୍ ଆକ୍ସନ୍-ହରର୍ ୱେବ୍ ସିରିଜ ଯେଉଁଟି ଆମାଜନ୍ ପ୍ରାଇମ୍ ଭିଡିଓରେ ୩ ଏପ୍ରିଲ୍‌ରେ ରିଲିଜ ହେବ।

**ଟଚ୍ ମି ନଟ୍-**'ଟଚ୍ ମି ନଟ୍' ଏକ କ୍ରାଇମ୍ ଡ୍ରାମା ସିରିଜ। ଏହି ସିରିଜଟି ୪ ଏପ୍ରିଲ୍‌ରେ ଜିଓ ହଟଷ୍ଟାର୍‌ରେ ପ୍ରିମିୟର୍ ହେବ।





# ନିଦ୍ରା: ଏକ ରହସ୍ୟମୟ ଅବସ୍ଥା

ନିଦ୍ରା ଏକ ରହସ୍ୟମୟ ଅବସ୍ଥା ଯେଉଁଥିରେ ଆମ ଶରୀର ନିଷ୍କ୍ରିୟ ହୋଇଯାଏ କିନ୍ତୁ ଆମ ମସ୍ତିଷ୍କ କେତେ ପ୍ରକାରର କାର୍ଯ୍ୟ କରୁଥାଏ। କେତେକ ଧାର୍ମିକ ମାନ୍ୟତା ଓ ଆଧ୍ୟାତ୍ମିକ ସିଦ୍ଧାନ୍ତଗୁଡ଼ିକରେ କୁହାଯାଇଛି ଯେ ଶୋଇବା ବେଳେ ଆତ୍ମା ଶରୀର ଠାରୁ ଅଲଗା ହୋଇଯାଏ ଓ ଏକ ଅଲଗା ଦୁନିଆରେ ପ୍ରବେଶ କରେ। କିନ୍ତୁ ବାସ୍ତବରେ ଏପରି ହୁଏ କି? ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଯଦି ଦେଖିବା ତେବେ ହିନ୍ଦୁ ଧର୍ମ, ଯୋଗ ଓ ବେଦାନ୍ତରେ ଏହା କୁହାଯାଇଛି ଯେ ଆତ୍ମା ଏକ ସୂକ୍ଷ୍ମ ଶରୀର ସହିତ ଜଡ଼ିତ ଥାଏ ଯାହା ଶୋଇବା ସମୟରେ ବାହାରକୁ ବାହାରିଯାଏ ଯାହାକୁ କୁହାଯାଏ ସୂକ୍ଷ୍ମ ଯାତ୍ରା। ଏଥିରେ ଆତ୍ମା ସ୍ୱପ୍ନର ଦୁନିଆରେ ଭ୍ରମଣ କରୁଥାଏ ଓ ଅନେକ ଥର ଦିବ୍ୟ ଅନୁଭବ କରାଇଥାଏ। ଅନେକ ଲୋକ ନିଦ ସମୟରେ ନିଜକୁ ଶରୀର ବାହାରେ ଦେଖନ୍ତି ଯାହାକୁ କୁହାଯାଏ ଆଉଟ୍ ଅଫ୍ ବଡି ଏକ୍ସପେରିଏନ୍ସ। ଧାର୍ମିକ ମାନ୍ୟତାଗୁଡ଼ିକ ଅନୁସାରେ ଆତ୍ମା କିଛି ସମୟ ପାଇଁ ଶରୀର ଠାରୁ ଅଲଗା ହୋଇ ଅନ୍ୟର ଉର୍ଜାରେ କିମ୍ବା ଅନ୍ୟଲୋକରେ ବୁଲୁଥାଏ। କୋମା ବା ମୃତ୍ୟୁର ନିକଟତର ହୋଇଥିବା କେତେକ ଲୋକ ନିଜ ଶରୀରକୁ ଉପରୁ ଦେଖିଥିବା ଓ ଏକ ପ୍ରକାଶ ଆଡ଼କୁ ଯିବାର ଅନୁଭବ କରିଥାନ୍ତି। କିଛି ଲୋକ ଏହାକୁ ଆତ୍ମା ଶରୀରରୁ ଅସ୍ଥାୟୀ ଭାବରେ ଅଲଗା ହେଉଛି ବୋଲି ଭାବନ୍ତି। ତେବେ ବୈଜ୍ଞାନିକଙ୍କ ଅନୁସାରେ ନିଦ ସମୟରେ ମସ୍ତିଷ୍କ ରାପିଡ୍ ଆଇ ମୁଭମେଣ୍ଟ ଅବସ୍ଥାକୁ ଚାଲିଯାଏ ଯେଉଁଠାରେ ବହୁତ ଅଧିକ ସତେଜ ଓ ବାସ୍ତବିକ ପରି ସ୍ୱପ୍ନ ଆସେ। ମସ୍ତିଷ୍କ ନିଜେ କିଛି ଅନୁଭବକୁ ଏହିଭଳି ଭାବରେ ତିଆରି କରେ ଯେଉଁଥିରେ ବ୍ୟକ୍ତିକୁ ଲାଗେ ଯେ ସେ ଶରୀର ବାହାରକୁ ଚାଲିଗଲା। କିନ୍ତୁ ଆତ୍ମା ଶରୀର ଛାଡ଼ିବାର କୌଣସି ଠୋସ୍ ପ୍ରମାଣ ନାହିଁ। ଆଧ୍ୟାତ୍ମ ଏହାକୁ ଆତ୍ମାର ଯାତ୍ରା ବୋଲି କହେ ଓ ବିଜ୍ଞାନ ଏହାକୁ ମସ୍ତିଷ୍କର ଏକ ପ୍ରକ୍ରିୟା ବୋଲି କହେ। ଏହି ଅନୁଭବର କାରଣ କ'ଣ ଓ ଏହା କାହିଁକି ହୁଏ ଏହା ବ୍ୟକ୍ତିଗତ ବିଶ୍ୱାସ ଓ ଅନୁଭବ ଉପରେ ନିର୍ଭର କରେ।



# ମୂର୍ଖ ଦିବସ




ଏପ୍ରିଲ୍ ମାସର ପ୍ରଥମ ଦିନକୁ କୁହାଯାଏ ମୂର୍ଖ ଦିବସ। ୧୩୮୧ରେ ପ୍ରଥମ ଥର ଏପ୍ରିଲ୍ ୧ ତାରିଖରେ ପାଳନ କରାଯାଇଥିଲା ମୂର୍ଖ ଦିବସ। ଏହା ପଛରେ ରହିଛି ଏକ ରୋଚକପୂର୍ଣ୍ଣ କାହାଣୀ। ଇଂଲଣ୍ଡର ରାଜା ରିଚାର୍ଡ ଦ୍ୱିତୀୟ ଓ ବୋହେମିଆର ରାଣୀ ଆନୀ ଘୋଷଣା କରି କହିଲେ ଯେ ୩୨ ମାର୍ଚ୍ଚ, ୧୩୮୧ରେ ସେମାନଙ୍କର ନିର୍ବନ୍ଧ ହେବ। ଏହି ଘୋଷଣାରେ ସାଧାରଣ ନାଗରିକମାନେ ଏତେ ଖୁସି ହୋଇଗଲେ ଯେ ସେମାନେ ଏହି ଖୁସି ସେଲିବ୍ରେଟ୍ କରିବା ଆରମ୍ଭ କରିଦେଲେ। ପରେ ସେମାନେ ଅନୁଭବ କଲେ ଯେ ସେମାନଙ୍କୁ ବୋକା ବନେଇ ଦିଆଯାଇଛି କାରଣ କୌଣସି କ୍ୟାଲେଣ୍ଡର୍‌ରେ ୩୨ ତାରିଖ ନଥାଏ। ଏହାପରେ ପ୍ରତିବର୍ଷ ଏପ୍ରିଲ୍ ୧ ତାରିଖ ଦିନ ଲୋକମାନେ ମୂର୍ଖ ଦିବସ ପାଳନ କରିବାକୁ ଲାଗିଲେ। ଏହି ତାରିଖ ସହିତ ଅନ୍ୟ ଏକ କାହାଣୀ ଜଡ଼ିତ ରହିଛି। ୧୫୮୨ରେ ପୋପ୍ ଚାର୍ଲସ୍ ପୁରୁଣା କ୍ୟାଲେଣ୍ଡର ସ୍ଥାନରେ ରୋମାନ୍ କ୍ୟାଲେଣ୍ଡର୍‌ର ପ୍ରଚଳନ ଆରମ୍ଭ କରିଥିଲେ। କିନ୍ତୁ ଏହାପରେ ବି କିଛି ଲୋକ ପୁରୁଣା ତାରିଖରେ ନୂଆ ବର୍ଷ ପାଳନ କରୁଥିଲେ। ସେହି ଲୋକମାନଙ୍କୁ ଏପ୍ରିଲ୍ ଫୁଲ୍ସ କୁହାଯାଉଥିଲା। କିନ୍ତୁ ଆମ ଦେଶରେ ଊନବିଂଶ ଶତାବ୍ଦୀରେ ଇଂରେଜମାନେ ପ୍ରଥମେ ମୂର୍ଖ ଦିବସ ପାଳନ କରିବାର ପରମ୍ପରା ଆରମ୍ଭ କରିଥିଲେ। ଏହାପରେ ପ୍ରତିବର୍ଷ ଏହି ଦିନ ମୂର୍ଖ ଦିବସ ପାଳନ ହୋଇ ଆସୁଛି। ଯଦିଓ ଏବେ ସୋସିଆଲ୍ ମିଡିଆ ଆସିବା ପରେ ଆମ ଦେଶରେ ମୂର୍ଖ ଦିବସର ମହତ୍ତ୍ୱ ବୃଦ୍ଧି ପାଇଛି।

# ଧୃତରାଷ୍ଟ୍ର ଓ ଗାନ୍ଧାରୀଙ୍କ ଜୀବନ



ମହାଭାରତ ଯୁଦ୍ଧରେ ଧୃତରାଷ୍ଟ୍ର ଓ ଗାନ୍ଧାରୀ ତାଙ୍କର ଶହେ ପୁତ୍ରଙ୍କୁ ହରାଇଥିଲେ। ସେମାନଙ୍କ ପାଇଁ ଏହା ଥିଲା ବହୁତ ବଡ଼ ଦୁଃଖର ସମୟ। ରାଜପାଟ ବି ତାଙ୍କ ହାତରୁ ଚାଲିଗଲା। ଏହାପରେ ଯୁଧିଷ୍ଠିର ନୂଆ ରାଜା ହେଲେ ଓ ଭୀମଙ୍କୁ ନୂଆ ଯୁବରାଜ ଭାବରେ ଘୋଷଣା କରାଗଲା। ଏହି ନୂଆ ସ୍ଥିତିରେ ଧୃତରାଷ୍ଟ୍ର ନିଜକୁ ଉପେକ୍ଷିତ ମନେ କରୁଥିବା ବେଳେ ଭୀମ କେବେ କେବେ ତାଙ୍କୁ ଅପମାନିତ ମଧ୍ୟ କରୁଥିଲେ। ଏପରି ସ୍ଥିତିରେ ସେମାନଙ୍କର ଜୀବନ ବଦଳି ଯାଇଥିଲା। ମହାଭାରତ ପରର ତାଙ୍କ ଜୀବନକୁ କୁହାଯାଉଥିଲା ବନପର୍ବ ଓ ଆଶ୍ରମବାସିକ ପର୍ବ ଯେଉଁଥିରେ ଭାବନାତ୍ମକ ସ୍ଥିତି, ସନ୍ନ୍ୟାସର ଯାତ୍ରା ଓ ଅନ୍ତିମ ସମୟର ବର୍ଣ୍ଣନା ମଧ୍ୟ ରହିଛି। ମହାଭାରତର ମୂଳ ସଂସ୍କୃତ ଗ୍ରନ୍ଥ (ବ୍ୟାସଦେବଙ୍କ ଦ୍ୱାରା ରଚିତ) ସହିତ ଏହାର ବିଭିନ୍ନ ଅନୁବାଦରେ ଧୃତରାଷ୍ଟ୍ର ଓ ଗାନ୍ଧାରୀଙ୍କ ଯୁଦ୍ଧ ସମ୍ପର୍କିତ ଜୀବନ ବିଷୟରେ ବର୍ଣ୍ଣନା କରାଯାଇଛି। ଯୁଦ୍ଧ ପରେ ପାଣ୍ଡବ ଓ ଶ୍ରୀକୃଷ୍ଣ ଯେତେବେଳେ ଏମାନଙ୍କୁ ସାକ୍ଷାତ କରିବାକୁ ଗଲେ ଧୃତରାଷ୍ଟ୍ର ଭୀମଙ୍କୁ ବଧ କରିବାକୁ ଚେଷ୍ଟା କରିଥିଲେ ଓ ଗାନ୍ଧାରୀ ଅଭିଶାପ ଦେଇଥିଲେ ଶ୍ରୀକୃଷ୍ଣଙ୍କୁ। ଏଥିରେ ଗାନ୍ଧାରୀ ଶ୍ରୀକୃଷ୍ଣଙ୍କ କୁଳର ନାଶ ଏହିଭଳି ଭାବରେ ହୋଇଯିବ ବୋଲି ଅଭିଶାପ ଦେଇଥିଲେ। ପରବର୍ତ୍ତୀ ସମୟରେ ଯାଦବ ବଂଶର ବିନାଶ ହୋଇଥିଲା। ତେବେ ଯୁଦ୍ଧ ଶେଷ ହେବାର ୧୫ ବର୍ଷ ପର୍ଯ୍ୟନ୍ତ ଧୃତରାଷ୍ଟ୍ର ଓ ଗାନ୍ଧାରୀ ହସ୍ତିନାପୁରରେ ରହିଥିଲେ। ଏହାପରେ ଧୃତରାଷ୍ଟ୍ରଙ୍କୁ ସନ୍ନ୍ୟାସ ନେବା ପାଇଁ ପରାମର୍ଶ ଦେଇଥିଲେ ବିଦୁର। ସେମାନେ ବନକୁ ପ୍ରସ୍ଥାନ କରିଥିଲେ ଓ ମାତା କୁନ୍ତୀ ମଧ୍ୟ ବନକୁ ସେମାନଙ୍କ ସହିତ ଯାଇଥିଲେ। ଶେଷ ସମୟକୁ ସେମାନେ ତପ ଓ ପ୍ରାୟଶ୍ଚିତ କରି ବିତେଇଥିଲେ। ବନରେ ଏକ ଆଶ୍ରମରେ ଏହି ତିନି ଜଣ ରହିବାକୁ ଲାଗିଲେ ଓ ଧ୍ୟାନ, ତପସ୍ୟା ଓ ଆତ୍ମଚିନ୍ତନ ସେମାନଙ୍କ ଦିନଚର୍ଯ୍ୟାରେ ସାମିଲ ଥିଲା। ତେବେ ଦିନେ ଜଙ୍ଗଲରେ ନିଆଁ ଲାଗି ଯାଇଥିଲା ଓ ଏହି ନିଆଁ ଏତେ ଭୟଙ୍କର ଥିଲା ଯେ ଏହି ତିନି ଜଣ ସେଥିରୁ ରକ୍ଷା ପାଇପାରି ନଥିଲେ ଓ ପ୍ରାଣତ୍ୟାଗ କରିଥିଲେ।

# ମେକ୍‌ଅପ୍ କଳାର ଶିକ୍ଷା



କୌଣସି ଦେଶର ପୁଲିସ୍ ଲୋକମାନଙ୍କୁ ସୁରକ୍ଷା ଦିଏ, ଅପରାଧକୁ ରୋକିଥାଏ ଓ ଅପରାଧୀଙ୍କୁ ଦଣ୍ଡ ଦେବା କାମ କରିଥାଏ। କିନ୍ତୁ ଜାପାନରେ ପୁଲିସ୍‌ବାଲାଙ୍କ ସହିତ ଜଡ଼ିତ ଏପରି ଏକ ଖବର ସାମ୍ନାକୁ ଆସିଛି ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି। ସେଠିକାର ପୁଲିସକର୍ମୀଙ୍କୁ ମେକ୍‌ଅପ୍ କରିବା କଳା ଶିକ୍ଷା ଦିଆଯାଉଛି। ଏହାର କାରଣ ବେଶ୍ ରୋଚକପୂର୍ଣ୍ଣ। ରିପୋର୍ଟ ଅନୁସାରେ ଜାପାନରେ ଏକ ପୁଲିସ୍ ଏକାଡେମୀ ମେକ୍‌ଅପ୍ ଆର୍ଟିଷ୍ଟଙ୍କ ସହାୟତାରେ ନିଜର ପୁରୁଷ ଅଧିକାରୀଙ୍କୁ ମେକ୍‌ଅପ୍ କଳା ଶିକ୍ଷା ଦେଉଛି। ଫୁକୁଶିମା ପ୍ରାନ୍ତରେ ସ୍ଥିତ ପୁଲିସ୍ ଏକାଡେମୀ ଫୁକୁଶିମାକେନ୍ କେଇସାସୁଗାକୋ ଏ ବର୍ଷ ୬୦ ଜଣ ପୁଲିସ୍ ଅଧିକାରୀଙ୍କ ପାଇଁ ମେକ୍‌ଅପ୍ କୋର୍ସ ଆରମ୍ଭ କରିଛନ୍ତି। ପୁଲିସ୍ ଏକାଡେମୀ ଦ୍ୱାରା ଆରମ୍ଭ କରାଯାଇଥିବା ଏହି ପ୍ରଶିକ୍ଷଣ ଲୋକମାନଙ୍କ ଧ୍ୟାନ ଆକର୍ଷଣ କରିଛି। ଏହି ପ୍ରଶିକ୍ଷଣରେ ବୁନିଆଦୀ ମେକ୍‌ଅପ୍ ଶିଖିବା ବ୍ୟତୀତ ଆଇବ୍ରୋ ପେନ୍‌ସିଲ୍‌ର ଉପଯୋଗ, ସ୍କିନ୍‌କୁ ଆର୍ଦ୍ରତା ଦେବା ଓ ପ୍ରାଇମର୍ ଲଗେଇବା, ଆଇବ୍ରୋ ଟ୍ରିମର୍ ଓ ହେୟାର୍‌ଷ୍ଟାଇଲିଂ ପରି ଟେକ୍‌ନିକଗୁଡ଼ିକ ଶିଖାଯାଏ। ଏଥିରେ ଜାପାନୀ ମେକ୍‌ଅପ୍ ବ୍ରାଣ୍ଡ ଶିସିଡ଼ୋକୁ ମଧ୍ୟ ସାମିଲ କରାଯାଇଛି। ପୁଲିସ୍ ଏକାଡେମୀ ସହିତ ଜଡ଼ିତ ଜଣେ ଅଧିକାରୀଙ୍କ ଅନୁସାରେ ପୁଲିସ୍ ଅଧିକାରୀମାନେ ସାଧାରଣତଃ ବିଭିନ୍ନ ସମୁଦାୟର ଲୋକମାନଙ୍କ ସହିତ ସାକ୍ଷାତ କରନ୍ତି। ଏଥିପାଇଁ ସେମାନେ ପରିଷ୍କାର-ପରିଚ୍ଛନ୍ନ ଓ ସ୍ମାର୍ଟ ଦେଖାଯିବା ବହୁତ ଜରୁରୀ। ତେଣୁ ପ୍ରଶିକ୍ଷଣ ନେଉଥିବା ଅଧିକାରୀମାନଙ୍କୁ ମନେପକେଇ ଦେବାକୁ ଚାହୁଁଛୁ ଯେ ସମାଜର ସଦସ୍ୟ ଓ ଭବିଷ୍ୟତର ପୁଲିସ୍ ଅଧିକାରୀ ହେବା କାରଣରୁ ପରିଷ୍କାର-ପରିଚ୍ଛନ୍ନ ଓ ସ୍ମାର୍ଟ ଦେଖାଯିବା ବହୁତ ଜରୁରୀ ହୋଇଥାଏ। ପୂର୍ବରୁ କେବେ ମେକ୍‌ଅପ୍ ନେଇ ନଥିବା ପୁଲିସ୍ ଅଧିକାରୀ ହେବାର ଅର୍ଥ ଆମକୁ ସବୁବେଳେ ଲୋକମାନଙ୍କ ନଜରରେ ରହିବାକୁ ପଡ଼ିଥାଏ। ତେଣୁ ଏବେ କାମକୁ ଯିବା ପୂର୍ବରୁ ନିଜ ଉପରେ ପ୍ରଥମେ ଧ୍ୟାନ ଦେବାକୁ ପଡ଼ିବ ବୋଲି ଜଣେ ପୁଲିସ୍ ଅଧିକାରୀ କହିଛନ୍ତି।



# ଓଡ଼ିଆ ପକ୍ଷ ପାଳନ



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

"୧ ଏପ୍ରିଲ୍ (ଓଡ଼ିଶା ଦିବସ) ଠାରୁ ୧୪ ଏପ୍ରିଲ୍ (ଓଡ଼ିଆ ନବବର୍ଷ) ପର୍ଯ୍ୟନ୍ତ ସମୟ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ସ୍ୱାଭିମାନ, ସଂସ୍କୃତି, ପରମ୍ପରା ଓ ଅସ୍ମିତାକୁ ନେଇ ପ୍ରେରଣାର ପକ୍ଷ ହେଉ । ଓଡ଼ିଆ ପର୍ବ ହେଉ ଆମ ଭାଷା, ସାହିତ୍ୟ, ଖାଦ୍ୟ, ପୋଷାକ, ନୃତ୍ୟ, ସଙ୍ଗୀତ ଓ ସଂସ୍କୃତିର ଉତ୍ସବ । ସ୍ମରଣ କରିବା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ବିନ୍ଧାଣୀ ମହାପୁରୁଷ ଓ ମହିୟସୀମାନଙ୍କୁ, ଯେଉଁମାନଙ୍କ ତ୍ୟାଗ ଓ ବଳିଦାନ ଯୋଗୁଁ ସମ୍ଭବ ହୋଇଥିଲା ଖଣ୍ଡବିଖଣ୍ଡିତ ଓଡ଼ିଶାର ଏକତ୍ରୀକରଣ ୧୯୩୬ ମସିହାରେ । ଓଡ଼ିଆ ନବବର୍ଷ ଏବଂ ମହାବିଷୁବ ସଂକ୍ରାନ୍ତି ହେଉ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ନୂଆ ଉଦ୍ୟମ, ନୂଆ ସଂକଳ୍ପ ଓ ବିକଶିତ ଓଡ଼ିଶାର ନୂତନ ଅବସର । ଆସନ୍ତୁ ମନ, ପ୍ରାଣ, ହୃଦୟରେ ଓଡ଼ିଆ ହେବା, ଓଡ଼ିଆ ଭାଷା, ସାହିତ୍ୟ, ଖାଦ୍ୟ, ପୋଷାକ ଏବଂ ସଂସ୍କୃତିକୁ ଆମ ଦୈନନ୍ଦିନ ଜୀବନର ଅଂଶ କରିବା ଏବଂ ଏକ ସ୍ୱାଭିମାନୀ ଓଡ଼ିଶା ଗଢ଼ିବା । ଆସନ୍ତୁ ଉତ୍ସାହର ସହିତ ଗାଁ, ସହର ଓ ପ୍ରତ୍ୟେକ ଘରେ ୧ ଏପ୍ରିଲ୍‌ରୁ ୧୪ ଏପ୍ରିଲ୍ ଯାଏଁ "ଓଡ଼ିଆ ପକ୍ଷ" ପାଳନ କରିବା ।"

– ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

| ୧ ଏପ୍ରିଲ୍ | ୨ ଏପ୍ରିଲ୍ | ୩ ଏପ୍ରିଲ୍ | ୪ ଏପ୍ରିଲ୍ | ୫ ଏପ୍ରିଲ୍ |
|---|---|---|---|---|
| ଓଡ଼ିଶା ଦିବସ | ଖଡ଼ିଛୁଆଁ ଦିବସ | ପାରମ୍ପରିକ ପୋଷାକ ପରିଧାନ ଅଭିଯାନ - 'ଆମ ପୋଷାକ ଆମ ପରିଚୟ' | ଓଡ଼ିଆରେ ନାମ ଫଳକ ଅଭିଯାନ - ସଚେତନତା ପଦଯାତ୍ରା | ଐତିହ୍ୟ ଗଣ ଦୌଡ଼ |

| ୬ ଏପ୍ରିଲ୍ | ୭ ଏପ୍ରିଲ୍ | ୮ ଏପ୍ରିଲ୍ | ୯ ଏପ୍ରିଲ୍ |
|---|---|---|---|
| ଦେବାଳୟ ଓ ଐତିହ୍ୟ ସ୍ଥଳୀ ଗୁଡ଼ିକର ସ୍ୱଚ୍ଛତା ଅଭିଯାନ | ବର୍ଣ୍ଣବୋଧ ବଣ୍ଟନ- ବର୍ଣ୍ଣବୋଧ ଉତ୍ସବ | ରକ୍ତଦାନ ଅଭିଯାନ | ଆସ ବହିଟିଏ କିଣିବା |

| ୧୦ ଏପ୍ରିଲ୍ | ୧୧ ଏପ୍ରିଲ୍ | ୧୨ ଏପ୍ରିଲ୍ |
|---|---|---|
| ଲୋକକଳା ପାଇଁ ଦିନଟିଏ | ଯୁବ ଲେଖକ ସମ୍ମିଳନୀ | ବରପୁତ୍ରମାନଙ୍କ ଉପରେ ଆଲୋଚନା |

| ୧୩ ଏପ୍ରିଲ୍ | ୧୪ ଏପ୍ରିଲ୍ |
|---|---|
| ପାରମ୍ପରିକ ଖାଦ୍ୟ ଦିବସ ପାଳନ- ଆମ ରୁଚି ଆମ ଖାଦ୍ୟ | ଓଡ଼ିଆ ନବବର୍ଷ ପାଳନ |





OIPR-03001/13/0004/2425

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର

DSPL-06

ନିତିଦିନ NITIDIN

**ଆଜିର ମ୍ୟାଚ୍**

ଲକ୍ଷ୍ନୌ ସୁପର୍ ଜାଏଣ୍ଟସ ବନାମ ପଞ୍ଜାବ କିଙ୍ଗ୍ସ

ସମୟ: ସନ୍ଧ୍ୟା ୭.୩୦, ଭେନ୍ୟୁ: ଲକ୍ଷ୍ନୌ

ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ

### ଚେନ୍ନାଇ ବିପକ୍ଷରେ ସ୍ଲୋ ଓଭର୍ ରେଟ୍

## ରିୟାନ୍ ପରାଗଙ୍କୁ ୧୨ ଲକ୍ଷ ଜୋରିମାନା



**ମୁମ୍ବାଇ,୩୧।୩/ଏଜେନ୍ସି:** ରାଜସ୍ଥାନ ରୟାଲ୍ସ କ୍ୟାପ୍‌ଟେନ୍ ରିୟାନ୍ ପରାଗଙ୍କୁ ସ୍ଲୋ ଓଭର୍ ରେଟ୍ ପାଇଁ ବିସିସିଆଇ ୧୨ ଲକ୍ଷ ଟଙ୍କା ଜୋରିମାନା କରିଛି। ରାଜସ୍ଥାନ ରୟାଲ୍ସ ରବିବାର ଗୁଆହାଟୀରେ ଚେନ୍ନାଇ ସୁପର୍ କିଙ୍ଗ୍ସ ବିପକ୍ଷ ସିଜନ୍‌ର ୧୧ଶ ମ୍ୟାଚ୍ ଖେଳିଥିଲା। ଏଥିରେ ରାଜସ୍ଥାନ ଟିମ୍ ଦ୍ୱିତୀୟ ଇନିଂସ୍‌ରେ ଫିଲ୍ଡିଂ କରିଥିଲା। ମାତ୍ର ଟିମ୍ ନିର୍ଦ୍ଧାରିତ ସମୟ ମଧ୍ୟରେ ୨୦ ଓଭର୍ ବୋଲିଂ କରିପାରି ନଥିଲା। ରାଜସ୍ଥାନ ରୟାଲ୍ସ ଏହି ମ୍ୟାଚ୍‌କୁ ୬ ରନ୍‌ରେ ଜିତି ସିଜନ୍‌ରେ ପ୍ରଥମ ବିଜୟ ହାସଲ କରିଥିଲା। ମ୍ୟାଚ୍‌ରେ ରାଜସ୍ଥାନ ପ୍ରଥମେ ବ୍ୟାଟିଂ କରି ଚେନ୍ନାଇ ଆଗରେ ୧୮୩ ରନ୍‌ର ଲକ୍ଷ୍ୟ ରଖିଥିଲା। ଜବାବରେ ଚେନ୍ନାଇ ଟିମ୍ ୧୭୬ ରନ୍ କରିବାକୁ ସମର୍ଥ ହୋଇଥିଲା। ଏହା ପୂର୍ବରୁ ପ୍ରାରମ୍ଭିକ ଦୁଇଟି ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ଟିମ୍‌କୁ ପରାଜିତ ହେବାକୁ ପଡ଼ିଥିଲା। ଏହା ଆଇପିଏଲ୍ ୨୦୨୫ ସିଜନ୍‌ର ଦ୍ୱିତୀୟ ସ୍ଲୋ ଓଭର୍ ରେଟ୍ ଥିଲା। ଏହା ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ କ୍ୟାପ୍‌ଟେନ୍ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଗୁଜରାଟ ଟାଇଟନ୍ସ ବିପକ୍ଷ ମ୍ୟାଚ୍‌ରେ ଏହି କାରଣରୁ ୧୨ ଲକ୍ଷ ଟଙ୍କାର ଜୋରିମାନା କରାଯାଇଥିଲା। ସେହିପରି ମୁମ୍ବାଇ ଟିମ୍‌କୁ ମ୍ୟାଚ୍‌ର ଅନ୍ତିମ ଓଭର୍‌ରେ ୩୦ ୟାର୍ଡ ମଧ୍ୟରେ ଜଣେ ଅଧିକ ଫିଲ୍ଡର ରଖିବାକୁ ପଡ଼ିଥିଲା।

## ୱିକେଟ୍‌କିପିଂ ପାଇଁ ଅନୁମତି ଲୋଡ଼ିଲେ ସାମ୍‌ସନ୍



**ବେଙ୍ଗାଲୁରୁ,୩୧।୩/ଏଜେନ୍ସି:** ରାଜସ୍ଥାନ ରୟାଲ୍ସ ନିୟମିତ କ୍ୟାପ୍‌ଟେନ୍ ସଞ୍ଜୁ ସାମ୍‌ସନ୍ ଆଙ୍ଗୁଠିରେ ଆଘାତ କାରଣରୁ ଚଳିତ ଆଇପିଏଲ୍ ସିଜନ୍‌ରେ ଗତ ତିନିଟି ମ୍ୟାଚ୍‌ରେ ଇମ୍ପାକ୍ଟ ପ୍ଲେୟର୍ ଭାବେ ଖେଳୁଛନ୍ତି। ଏହି ଅବସରରେ ସେ ଟିମ୍‌ର ନେତୃତ୍ୱ ନେଉନାହାନ୍ତି କିମ୍ବା ୱିକେଟ୍‌କିପିଂ କରୁନାହାନ୍ତି। ଇତିମଧ୍ୟରେ ୱିକେଟ୍‌କିପିଂ ଅନୁମତି ପାଇଁ ସୋମବାର ସେ ବେଙ୍ଗାଲୁରୁସ୍ଥିତ ବିସିସିଆଇ ସେଣ୍ଟର୍ ଅଫ୍ ଏକ୍ସେଲେନ୍ସ (ସିଓଇ)ରେ ପହଞ୍ଚିଛନ୍ତି। କ୍ରିକ୍‌ବଜ୍ ରିପୋର୍ଟ ଅନୁସାରେ ସିଓଇର ସ୍ପୋର୍ଟ୍ସ ସାଇନ୍ସ ୱିଙ୍ଗ୍‌ରେ ତାଙ୍କର ଟେଷ୍ଟ ହେବ। ଏହାପରେ ଯଦି ତାଙ୍କୁ ଅନୁମତି ମିଳେ, ତେବେ କ୍ୟାପ୍‌ଟେନ୍ ଭାବେ ଟିମ୍‌କୁ ଫେରିବେ ଏବଂ ୱିକେଟ୍‌କିପର୍ ଭୂମିକା ମଧ୍ୟ ତୁଲାଇବେ। ସାମ୍‌ସନ୍‌ଙ୍କ ଅନୁପସ୍ଥିତିରେ ରିୟାନ୍ ପରାଗ ଟିମ୍‌ର ନେତୃତ୍ୱ ନେଉଛନ୍ତି। ତାଙ୍କ ନେତୃତ୍ୱରେ ଟିମ୍ ତିନିଟି ମ୍ୟାଚ୍ ଖେଳିଥିବା ବେଳେ କେବଳ ଗୋଟିକରେ ବିଜୟୀ ହୋଇଛି। ରାଜସ୍ଥାନ ନିଜର ପ୍ରାରମ୍ଭିକ ଦୁଇଟି ମ୍ୟାଚ୍‌ରେ ଯଥାକ୍ରମେ ସନ୍‌ରାଇଜର୍ସ ହାଇଦ୍ରାବାଦ ଓ କୋଲ୍‌କାତା ନାଇଟ୍ ରାଇଡର୍ସଠାରୁ ପରାଜିତ ହୋଇଥିଲା। ଏହାପରେ ରବିବାର ଚେନ୍ନାଇ ସୁପର୍ କିଙ୍ଗ୍ସକୁ ହରାଇ ସିଜନ୍‌ରେ ବିଜୟ ଖାତା ଖୋଲିଛି। ଇତିମଧ୍ୟରେ ସାମ୍‌ସନ୍ ହାଇଦ୍ରାବାଦ ବିପକ୍ଷରେ ୬୬, କେକେଆର୍ ବିପକ୍ଷରେ ୧୩ ଏବଂ ସିଏସ୍‌କେ ବିପକ୍ଷରେ ୨୦ ରନ୍ କରିଥିଲେ। ସାମ୍‌ସନ୍‌ଙ୍କ ଅନୁପସ୍ଥିତିରେ ଧ୍ରୁବ ଜୁରେଲ୍ ୱିକେଟ୍‌କିପିଂ ଦାୟିତ୍ୱ ତୁଲାଉଛନ୍ତି।

### ଡେବ୍ୟୁଟାଣ୍ଟ ଅଶ୍ୱିନୀ କୁମାରଙ୍କ ପରେ ଚମକିଲେ ରିକେଲଟନ୍

# ବିଜୟ ସ୍ୱାଦ ଚାଖିଲା ମୁମ୍ବାଇ



**ମୁମ୍ବାଇ,୩୧।୩/ଏଜେନ୍ସି:** ପାଞ୍ଚ ଥରର ଚାମ୍ପିଅନ୍ ମୁମ୍ବାଇ ଇଣ୍ଡିଆନ୍ସ ଚଳିତ ଆଇପିଏଲ୍ ସିଜନ୍‌ରେ ପ୍ରଥମ ବିଜୟ ହାସଲ କରିଛି। ସୋମବାର ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଦ୍ୱାଦଶ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିଅନ୍ କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର୍) ବିପକ୍ଷରେ ୮ ୱିକେଟ୍‌ର ସହଜ ବିଜୟ ହାସଲ କରିଛି। ଟିମ୍‌କୁ ୧୧୭ ରନ୍‌ର ବିଜୟ ଲକ୍ଷ୍ୟ ମିଳିଥିବା ବେଳେ ୧୨.୫ ଓଭର୍‌ରେ ୨ ୱିକେଟ୍ ହରାଇ ଏହାକୁ ହାସଲ କରିନେଇଛି। ମୁମ୍ବାଇ ବିଜୟରେ ନାୟକ ସାଜିଥିଲେ ଫାଷ୍ଟ ବୋଲର୍ ଅଶ୍ୱିନୀ କୁମାର। ସେ ମୁମ୍ବାଇ ପକ୍ଷରୁ ଡେବ୍ୟୁ ମ୍ୟାଚ୍‌ରେ ୩ ଓଭର୍‌ରେ ୨୪ ରନ୍ ଦେଇ ୪ଟି ୱିକେଟ୍ ଦଖଲ କରିଥିଲେ। ଏହା ବ୍ୟତୀତ ବ୍ୟାଟିଂରେ ର୍‌ୟାନ୍ ରିକେଲ୍‌ଟନ୍ ମଧ୍ୟ ୬୨ ରନ୍‌ର ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ୍ ଖେଳିଛନ୍ତି।

ମୁମ୍ବାଇ ଇଣ୍ଡିଆନ୍ସ ଚଳିତ ସିଜନ୍‌ର ପ୍ରଥମ ମ୍ୟାଚ୍‌ରେ ଚେନ୍ନାଇ ସୁପର୍ କିଙ୍ଗ୍ସ (ସିଏସ୍‌କେ) ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ (ଜିଟି) ଠାରୁ ପରାଜିତ ହୋଇଥିଲା। ଅନ୍ୟପକ୍ଷରେ ଡିଫେଣ୍ଡିଂ ଚାମ୍ପିଅନ୍ କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର୍)ର ସିଜନ୍‌ରେ ଏହା ଦ୍ୱିତୀୟ ପରାଜୟ। ଟିମ୍ ଉଦ୍‌ଘାଟନୀ ମ୍ୟାଚ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ଠାରୁ ହାରିବା ପରେ ସନ୍‌ରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍) ବିପକ୍ଷରେ ଏକତରଫା ବିଜୟ ହାସଲ କରିଥିଲା।

ଲକ୍ଷ୍ୟର ପିଛା କରୁଥିବା ଇମ୍ପାକ୍ଟ ପ୍ଲେୟର୍ ରୋହିତ ଶର୍ମା ଓ ର୍‌ୟାନ୍ ରିକେଲ୍‌ଟନ୍ ମୁମ୍ବାଇକୁ ଭଲ ଆରମ୍ଭ ଦେଇଥିଲେ। ଦୁହେଁ ପ୍ରଥମ ୱିକେଟ୍ ପାଇଁ ୫.୨ ଓଭର୍‌ରେ ୪୬ ରନ୍ ଯୋଡ଼ିଥିଲେ। ତେବେ ରୋହିତଙ୍କୁ ହର୍ଷିତ ରାଣାଙ୍କ ହାତରେ କ୍ୟାଚ୍ କରାଇ ଆନ୍ଦ୍ରେ ରସେଲ୍ ଏହି ଯୋଡ଼ିରେ ବ୍ରେକ୍ ଲଗାଇଥିଲେ। ରୋହିତ ଗୋଟିଏ ଛକା ସହାୟତାରେ ୧୨ ବଲ୍‌ରୁ ୧୩ ରନ୍ କରିଥିଲେ। ଏହାପରେ ରିକେଲ୍‌ଟନ୍ ନିଜ ଅର୍ଦ୍ଧଶତକ ପୂରଣ କରିବା ପରେ ୪୧ ବଲ୍‌ରେ ପାଞ୍ଚ ଚୌକା ଓ ଚାରି ଛକା ସହାୟତାରେ ୬୨ ରନ୍ କରି ଅପରାଜିତ ରହିଥିଲେ। ୱିଲ୍ ଜ୍ୟାକ୍ସ ୧୬ ରନ୍‌ରେ ଆଉଟ୍ ହୋଇଥିବା ବେଳେ ସୂର୍ଯ୍ୟକୁମାର ଯାଦବ ୯ ବଲ୍‌ରେ ୩ ଚୌକା ଓ ଦୁଇ ଛକା ସହାୟତାରେ ଅପରାଜିତ ୨୭ ରନ୍ କରିଥିଲେ। ଆନ୍ଦ୍ରେ ରସେଲ୍ ଦୁଇଟି ଯାକ ୱିକେଟ୍ ହାସଲ କରିଥିଲେ।

### କୋଲ୍‌କାତାକୁ ୮ ୱିକେଟ୍‌ରେ ହରାଇଲା

ପୂର୍ବରୁ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କୋଲ୍‌କାତା ପାୱାର୍‌ପ୍ଲେରେ ୪ ୱିକେଟ୍ ହରାଇଥିଲା। ବାମହାତୀ ଫାଷ୍ଟ ବୋଲର୍ ଟ୍ରେଣ୍ଟ ବୋଲ୍ଟ ପ୍ରଥମ ଓଭର୍‌ରେ ସୁନୀଲ୍ ନାରିନ୍ (୦)ଙ୍କ କ୍ଲିନ୍ ବୋଲ୍ଡ କରିଥିଲେ। ଦୀପକ ଚହର ଅନ୍ୟତମ ଓପ୍ନର କ୍ୱିଣ୍ଟନ ଡିକକ୍ (୧)ଙ୍କୁ ପ୍ୟାଭିଲିୟନ୍ ଫେରାଇଥିଲେ। ଏହାପରେ ଅଶ୍ୱିନୀ ଡେବ୍ୟୁ ମ୍ୟାଚ୍‌ର ପ୍ରଥମ ବଲ୍‌ରେ କ୍ୟାପ୍‌ଟେନ୍ ଆଜିଙ୍କ୍ୟ ରାହାଣେଙ୍କୁ ତିଳକ ବର୍ମାଙ୍କ ହାତରେ କ୍ୟାଚ୍ ଆଉଟ୍ କରାଇଥିଲେ। ଭେଙ୍କଟେଶ ଆୟର(୩)ଙ୍କୁ ଦୀପକ ଚହର ବିଦା କରିଥିଲେ। ଭେଙ୍କଟେଶଙ୍କ ଆଉଟ୍ ବେଳକୁ କୋଲ୍‌କାତା ସ୍କୋର୍ ୪ ୱିକେଟ୍‌ରେ ୪୧ ରନ୍ ହୋଇଥିଲା। ଲୟରେ ଥିବା ଅଙ୍ଗକୃଷ୍ଣ ରଘୁବଂଶୀ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ବଲ୍‌ରେ ବଡ଼ ଶଟ୍ ଖେଳିବାକୁ ଯାଇ ନମନ ଧୀରଙ୍କୁ କ୍ୟାଚ୍ ଦେଇଥିଲେ। ରଘୁବଂଶୀ ୧୬ ବଲ୍‌ରେ ୨୬ ରନ୍ କରିଥିଲେ। ଅଶ୍ୱିନୀ କୁମାର ଏହାପରେ ରିଙ୍କୁ ସିଂହ (୧୭), ଇମ୍ପାକ୍ଟ ପ୍ଲେୟର୍ ମନୀଷ ପାଣ୍ଡେ (୧୯) ଓ ଆନ୍ଦ୍ରେ ରସେଲ୍ (୫)ଙ୍କୁ ଆଉଟ୍ କରି କୋଲ୍‌କାତା ଅଣ୍ଟା ଭାଙ୍ଗି ଦେଇଥିଲେ। ହର୍ଷିତ ରାଣାଙ୍କୁ ବିଘ୍ନେଶ ପୁଥୁର ଆଉଟ୍ କରିଥିବା ବେଳେ ରମଣଦୀପ୍ ସିଂହ (୨୨) ମିଚେଲ୍ ସାଣ୍ଟନର୍‌ଙ୍କ ଶିକାର ହୋଇଥିଲେ।

ମୁମ୍ବାଇ ପକ୍ଷରୁ ଅଶ୍ୱିନୀ କୁମାର ୨୪ ରନ୍ ଦେଇ ୪ ୱିକେଟ୍ ଅକ୍ତିଆର କରିଥିବା ବେଳେ ଦୀପ୍ ଚହରଙ୍କୁ ଦୁଇଟି ସଫଳତା ମିଳିଥିଲା। ଟ୍ରେଣ୍ଟ ବୋଲ୍ଟ, ହାର୍ଦ୍ଦିକ ପାଣ୍ଡ୍ୟା, ବିଘ୍ନେଶ ପୁଥୁର ଓ ମିଚେଲ୍ ସାଣ୍ଟନର୍ ଗୋଟିଏ ଲେଖାଏ ୱିକେଟ୍ ନେଇଥିଲେ। ଉଲ୍ଲେଖଯୋଗ୍ୟ, ଅଶ୍ୱିନୀ କୁମାର ଡେବ୍ୟୁ ମ୍ୟାଚ୍‌ରେ ୪ ୱିକେଟ୍ ଅକ୍ତିଆର କରିବାରେ ପ୍ରଥମ ଭାରତୀୟ ବୋଲର୍। ଆଇପିଏଲ୍ ଡେବ୍ୟୁରେ ଶ୍ରେଷ୍ଠ ବୋଲିଂ ରେକର୍ଡ ଅଲ୍‌ଜାରୀ ଯୋଶେଫ୍‌ଙ୍କ ନାମରେ ରହିଛି। ୨୦୧୯ ସିଜନ୍‌ରେ ସେ ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ୧୨ ରନ୍ ଦେଇ ୬ ୱିକେଟ୍ ଦଖଲ କରିଥିଲେ। ଆଇପିଏଲ୍ ଡେବ୍ୟୁରେ ୪ କିମ୍ବା ଏହାଠାରୁ ଅଧିକ ୱିକେଟ୍ ନେବାରେ ଅଶ୍ୱିନୀ ୬ଷ୍ଠ ବୋଲର୍।

## ମୋନ୍ସିକ୍ ମିଆମୀ ଓପନ୍ ଚାମ୍ପିଅନ୍

### ଫାଇନାଲ୍‌ରେ ଜୋକୋଭିଚ୍‌ଙ୍କୁ ହରାଇଲେ



**ମିଆମୀ,୩୧।୩/ଏଜେନ୍ସି:** ଚେକ୍ ଗଣତନ୍ତ୍ରର ଉଦୀୟମାନ ଷ୍ଟାର୍ ଜାକୁବ୍ ମୋନ୍‌ସିକ୍ ସର୍ବିୟାର ମହାନ୍ ଟେନିକ୍ ଖେଳାଳି ନୋଭାକ୍ ଜୋକୋଭିଚ୍‌ଙ୍କୁ ହରାଇ ମିଆମୀ ଓପନ୍ ଟାଇଟଲ୍ ଜିତିଛନ୍ତି। ମିଆମୀର ହାର୍ଡ ରକ୍ ଷ୍ଟାଡିୟମ୍‌ରେ ରବିବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ଫାଇନାଲ୍‌ରେ ମୋନ୍‌ସିକ୍ ୭-୬, ୭-୬ ସିଧା ସେଟ୍‌ରେ ବିଜୟୀ ହୋଇଛନ୍ତି। ବିଶ୍ୱ ର୍‌ୟାଙ୍କିଙ୍ଗ୍‌ର ୫୪ତମ ସ୍ଥାନରେ ଥିବା ୧୯ ବର୍ଷୀୟ ମୋନ୍‌ସିକ୍‌ଙ୍କ କ୍ୟାରିୟର୍‌ର ଏହା ପ୍ରଥମ ଏଟିପି ଟାଇଟଲ୍। ଅନ୍ୟପକ୍ଷରେ ସେ ମହାନ୍ ଜୋକୋଭିଚ୍‌ଙ୍କୁ ହରାଇ ୧୦୦ତମ ପେସାଦାର ଟାଇଟଲ୍ ବିଜୟରୁ ବଞ୍ଚିତ କରିଛନ୍ତି। ୨୪ ଗ୍ରାଣ୍ଡସ୍ଲାମ୍ ବିଜେତା ଜୋକୋଭିଚ୍ ମ୍ୟାଚ୍‌ର ଗୁରୁତ୍ୱପୂର୍ଣ୍ଣ ସମୟରେ କେତେକ ତ୍ରୁଟି କରିଥିବା ବେଳେ ମୋନ୍‌ସିକ୍ ୧୪ ଏସ୍ ସହିତ ପ୍ରତିପକ୍ଷଙ୍କ ଉପରେ ଜୋର୍‌ଦାର ହମ୍‌ଲା କରିଥିଲେ। ୩୭ ବର୍ଷୀୟା ଜୋକୋଭିଚ୍ ଯଦି ଫାଇନାଲ୍‌ରେ ଜିତିଥାନ୍ତେ, ତେବେ ଜିମ୍ମି କୋନର୍ସ ଓ ରୋଜର୍ ଫେଡେରର୍‌ଙ୍କ କ୍ଲବ୍‌ରେ ସାମିଲ ହୋଇଥାନ୍ତେ। ମାତ୍ର ଏପରି ହୋଇପାରି ନାହିଁ। ନିଜର ନିଜର କ୍ୟାରିୟର୍ ମଧ୍ୟରେ କୋନର୍ସ ୧୦୯ ଏବଂ ଫେଡେରର୍ ୧୦୩ ପେସାଦାର ଟାଇଟଲ୍ ଜିତିଥିଲେ। ଏହି ଦୁଇଜଣ ଓପନ୍ ଏରାରେ ୧୦୦ କିମ୍ବା ଏହାଠାରୁ ଅଧିକ ଟାଇଟଲ୍ ଜିତିଥିବା ଖେଳାଳି।

### ଏଲ୍‌ଏଲ୍‌ସିସି ୧୫ ବର୍ଷରୁ କମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ସେମିଫାଇନାଲ୍‌ରେ ଏମ୍‌ସିସି ଓ ସହିଦ୍ ସ୍ପୋର୍ଟିଂ



**ଭୁବନେଶ୍ୱର,୩୧।୩/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଆଇଆର୍‌ସି ଭିଲେଜ୍‌ରେ ଏଲ୍‌ଏଲ୍‌ସିସି କ୍ଲବ୍ ପକ୍ଷରୁ ଚାଲିଥିବା ୧୫ ବର୍ଷରୁ କମ୍ ଏଲ୍‌ଏଲ୍‌ସିସି କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଆଜି ଦୁଇଟି କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌ରେ ବିଜୟୀ ହୋଇ ଏମ୍‌ସିସି ଓ ସହିଦ ସ୍ପୋର୍ଟିଂ ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ ଟସ୍ ଜିତି ବିବିସିଏ କ୍ରିକେଟ୍ କ୍ଲବ୍ ନିର୍ଦ୍ଧାରିତ ୩୦ ଓଭର୍‌ରେ ୮ ୱିକେଟ୍ ହରାଇ ୧୭୬ ରନ୍ କରିଥିଲା। ଟିମ୍ ପକ୍ଷରୁ ମୃତ୍ୟୁଞ୍ଜୟ ନାୟକ ସର୍ବାଧିକ ୭୧ ରନ୍ ସ୍କୋର୍ କରିଥିଲେ। ଜବାବରେ ଏମ୍‌ସିସି ଅଭିଲାଷ କାନୁନଗୋଙ୍କ ୬୮ ଏବଂ ଦିବ୍ୟଜ୍ୟୋତି ସାହୁଙ୍କ ୪୫ ରନ୍ ବଳରେ ୨୬.୪ ଓଭର୍‌ରେ ୫ ୱିକେଟ୍ ବିନିମୟରେ ୧୭୯ ରନ୍ କରି ବିଜୟୀ ହୋଇଥିଲା। ୬୮ ରନ୍ ଏବଂ ଦୁଇଟି ୱିକେଟ୍ ନେଇଥିବା ଅଭିଲାଷ କାନୁନ୍‌ଗୋଙ୍କୁ ଅତିଥି ଭାବେ ଯୋଗଦେଇ ସାମାଜିକ କର୍ମୀ ପିକୁ ଭାଇ ଓ ୩୫ ନଂ. ୱାର୍ଡର କର୍ପୋରେଟର୍ ପଦ୍ମଜା ପ୍ରିୟଦର୍ଶିନୀ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରିଛନ୍ତି। ଦ୍ୱିତୀୟ କ୍ୱାର୍ଟର୍ ଫାଇନାଲ୍‌ରେ ଟାଉନ୍ କ୍ଲବ୍ ପ୍ରଥମେ ୩ ୱିକେଟ୍ ହରାଇ ୨୩୬ ରନ୍ କରିଥିଲା। ଟିମ୍ ପକ୍ଷରୁ ଅନୁରାଗ ସାମନ୍ତରାୟ ସର୍ବାଧିକ ଅପରାଜିତ ୧୦୫ ରନ୍ ଏବଂ ଈଶାନ୍ ମହାପାତ୍ର ୯୬ ରନ୍ କରିଥିଲେ। ଜବାବରେ ସହିଦ ସ୍ପୋର୍ଟିଂ ଅନ୍ତିମ ବଲ୍‌ରେ ୨ ୱିକେଟ୍‌ର ରୋମାଞ୍ଚକର ବିଜୟ ହାସଲ କରିଛି। ଟିମ୍ ପକ୍ଷରୁ ସୁପ୍ରତୀକ ମିଶ୍ର ସର୍ବାଧିକ ୧୦୯ ରନ୍ କରି ଅପରାଜିତ ରହିଥିଲେ। ସମାଜସେବୀ ମୋନାଲିସା ରାଉତ ଓ ୨୭ ନଂ. ୱାର୍ଡ କର୍ପୋରେଟର୍ ଶୁଭ୍ରାଂଶୁ ଶେଖର ଅତିଥି ଭାବେ ଯୋଗଦେଇ ସୁପ୍ରତୀକଙ୍କୁ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରିଛନ୍ତି।

### ଆଇପିଏଲ୍ ୨୦୨୫ ମଧ୍ୟରେ ଭାରତକୁ ବଡ଼ ଝଟ୍‌କା

## ରିଟାୟର୍ ନେବ ପଟୌଡ଼ି ଟ୍ରଫି

**ନୂଆଦିଲ୍ଲୀ,୩୧।୩/ଏଜେନ୍ସି:** ଆଇପିଏଲ୍ ୨୦୨୫ ମଧ୍ୟରେ ଭାରତକୁ ଏକ ବଡ଼ ଝଟ୍‌କା ଲାଗିଛି। ମହାନ୍ କ୍ରିକେଟର୍ ମନ୍‌ସୁର ଅଲୀ ଖାନ୍ ପଟୌଡ଼ିଙ୍କ ସମ୍ମାନରେ ଇଂଲଣ୍ଡ ଓ ଭାରତ ମଧ୍ୟରେ ଦୀର୍ଘଦିନ ଧରି ଆୟୋଜିତ ହୋଇଆସୁଥିବା ପଟୌଡ଼ି ଟ୍ରଫିର ଅବସାନ ଘଟିବାକୁ ଯାଉଛି। ଏହା ଏକ ଟେଷ୍ଟ ସିରିଜ୍ ହୋଇଥିବା ବେଳେ ଏବେ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ଏହି ଟ୍ରଫିକୁ ରିଟାୟର୍ କରିବା ନିମନ୍ତେ ନିଷ୍ପତ୍ତି ନେଇଛି। ପଟୌଡ଼ି ଟ୍ରଫି ପ୍ରଥମ ଥର ପାଇଁ ୨୦୦୭ରେ ଆୟୋଜିତ ହୋଇଥିଲା ଏବଂ ଇଂଲଣ୍ଡକୁ ଭାରତ ୧-୦ରେ ହରାଇଥିଲା। ଚଳିତ ବର୍ଷ ଜୁନ୍-ଜୁଲାଇରେ ଭାରତୀୟ ଟିମ୍‌ର ଇଂଲଣ୍ଡ ଗସ୍ତ ଅବସରରେ ପଟୌଡ଼ି ଟ୍ରଫିକୁ ଆଧିକାରିକ ଭାବେ ସମାପ୍ତ କରାଯାଇପାରେ। ପଟୌଡ଼ି ଟ୍ରଫିକୁ କାହିଁକି ରିଟାୟର୍ କରାଯାଉଛି ଏହା କାରଣ ଜଣାପଡ଼ି ନାହିଁ। ତେବେ ଏହା ବଦଳରେ ଅନ୍ୟ କୌଣସି ମହାନ୍ କ୍ରିକେଟର୍‌ଙ୍କ ନାମରେ ନୂଆ ଟ୍ରଫି ଆରମ୍ଭ କରାଯିବାର ସମ୍ଭାବନା ଥାଇପାରେ। କ୍ରିକ୍‌ବଜ୍ ରିପୋର୍ଟ ଅନୁସାରେ ଇସିବିର କୌଣସି ଅଧିକାରୀ ଏ ବିଷୟରେ ସ୍ପଷ୍ଟ କରିନାହାନ୍ତି। କ୍ରିକେଟ୍‌ରେ ସାଧାରଣତଃ ବହୁ କମ୍ ଅବସରରେ ଟ୍ରଫି ରିଟାୟର୍ କରାଯାଇଥାଏ। ଏହା ପୂର୍ବରୁ ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଖେଳାଯାଉଥିବା ୱିଜ୍‌ଡନ୍ ଟ୍ରଫିକୁ ରିଟାୟର୍ କରାଯାଇଥିଲା। ଏହାପରେ ରିଚାର୍ଡ୍ସ-ବୋଥାମ୍ ଟ୍ରଫି ଆରମ୍ଭ ହୋଇଥିଲା।



# ରାଜଗିରରେ ହେବ ହିରୋ ଏସିଆ କପ୍

### ହକି ଇଣ୍ଡିଆ- ବିହାର କ୍ରୀଡ଼ା ପ୍ରାଧିକରଣ ମଧ୍ୟରେ ଏମ୍‌ଓୟୁ / ଅଗଷ୍ଟ ୨୯ରୁ ସେପ୍ଟେମ୍ବର ୭ ପର୍ଯ୍ୟନ୍ତ ଟୁର୍ଣ୍ଣାମେଣ୍ଟ




**ରାଜଗିର,୩୧।୩/ଏଜେନ୍ସି:** ବିହାରର ଐତିହାସିକ ରାଜଗିରରେ ହିରୋ ଏସିଆ କପ୍ ହକି ୨୦୨୫ ଆୟୋଜିତ ହେବ। ଅଗଷ୍ଟ ୨୯ରୁ ସେପ୍ଟେମ୍ବର ୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଷ୍ଠିତ ଟୁର୍ଣ୍ଣାମେଣ୍ଟରେ ଆୟୋଜନ ପାଇଁ ହକି ଇଣ୍ଡିଆ ଏବଂ ବିହାର ରାଜ୍ୟ କ୍ରୀଡ଼ା ପ୍ରାଧିକରଣ ମଧ୍ୟରେ ଆଜି ଏକ ମହତ୍ତ୍ୱପୂର୍ଣ୍ଣ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ନିକଟରେ ବିକଶିତ ରାଜଗିର ହକି ଷ୍ଟାଡିୟମ୍‌ରେ ଖେଳାଯିବ। ଏହା ଦ୍ୱାରା ବିହାରରେ ବୃଦ୍ଧି ପାଉଥିବା ଆଧାରଗତ କ୍ରୀଡ଼ା ଭିତ୍ତିଭୂମି ଏବଂ ଅନ୍ତର୍ଜାତୀୟ ହକିରେ ରାଜ୍ୟର ମଜଭୁତ ଉପସ୍ଥିତିର ସଙ୍କେତ ମିଳୁଛି। ରାଜଗିରରେ କୌଣସି ବଡ଼ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବା ଏହା ଦ୍ୱିତୀୟ ଅବସର। ଏହା ପୂର୍ବରୁ ନଭେମ୍ବର ୨୦୨୪ରେ ଏଠାରେ ମହିଳା ଏସିଆନ୍ ଚାମ୍ପିଅନ୍ସ ଟ୍ରଫିର ସଫଳ ଆୟୋଜନ ହୋଇଥିଲା। ଏଥିରେ ଭାରତୀୟ ଟିମ୍ ଟାଇଟଲ୍ ଜିତିଥିଲା। ଏହି ପ୍ରତିଷ୍ଠିତ ଟୁର୍ଣ୍ଣାମେଣ୍ଟରେ ଏସିଆର ଆଠଟି ଟିମ୍ ଭାଗନେବେ। ଏହା ଭାରତ, ପାକିସ୍ତାନ, ଜାପାନ, ଦକ୍ଷିଣ କୋରିଆ, ଚୀନ୍ ଓ ମାଲେସିଆ ପରି ଶକ୍ତିଶାଳୀ ଟିମ୍ ସାମିଲ। ବାକି ଦୁଇଟି ଟିମ୍ ଏଏଚ୍‌ଏଫ୍ କପ୍ କ୍ୱାଲିଫାଇଙ୍ଗ୍ ଟୁର୍ଣ୍ଣାମେଣ୍ଟ ଜରିଆରେ ଯୋଗ୍ୟତା ଅର୍ଜନ କରିବେ। ଦକ୍ଷିଣ କୋରିଆ ପାଞ୍ଚଥର ଟାଇଟଲ୍ ଜିତି ଏସିଆ କପ୍ ଇତିହାସରେ ସବୁଠୁ ସଫଳ ଟିମ୍‌ର ଆଖ୍ୟା ଅର୍ଜନ କରିଛି। ଏହାପରେ ଭାରତ ଓ ପାକିସ୍ତାନ ୩-୩ ଥର ଟାଇଟଲ୍ କବ୍‌ଜା କରିଛନ୍ତି।

ହିରୋ ଏସିଆ କପ୍ ଏଫ୍‌ଆଇଏଚ୍ ପୁରୁଷ ହକି ବିଶ୍ୱକପ୍-୨୦୨୬ ପାଇଁ ଏକ କ୍ୱାଲିଫାଇଙ୍ଗ୍ ଇଭେଣ୍ଟ ହୋଇଥିବାରୁ ଏହାର ଗୁରୁତ୍ୱ ଆହୁରି ବୃଦ୍ଧି ପାଇଛି। ଏହି ଟୁର୍ଣ୍ଣାମେଣ୍ଟର ବିଜେତା ବେଲ୍‌ଜିୟମ୍ ଓ ନେଦରଲାଣ୍ଡରେ ହେବାକୁ ଥିବା ବିଶ୍ୱକପ୍ ପାଇଁ ସିଧା ଯୋଗ୍ୟତା ଅର୍ଜନ କରିବ। ଫଳରେ ମୁକାବିଲା ଆହୁରି ରୋମାଞ୍ଚକର ହେବ। ଟାଇଟଲ୍ ଜିତି ବିଶ୍ୱକପ୍ ସିଟ୍ ପକ୍କା କରିବା ନିମନ୍ତେ ସମସ୍ତ ଟିମ୍ ପୂରା ଶକ୍ତି ଲଗାଇଦେବେ।




Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra